ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୩/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Friday, February 13/2026 Page 16 ₹ 7.00

୫୨ଶ ଭାଗ ୮୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 81 ମୂଲ୍ୟ ₹୭/-






To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

**ଖୁଚୁରା ମୁଦ୍ରାସ୍ଫୀତି ୨.୭୫%**

ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୨.୭୫% ରହିଛି। ଜାତୀୟ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ କାର୍ଯ୍ୟାଳୟ ପକ୍ଷରୁ ୨୦୨୪କୁ ମୂଳବର୍ଷ ଧରାଯାଇ ନୂଆ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ପ୍ରକାଶ ପାଇଛି। ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୨.୧୩% ଥିବାବେଳେ ହାଉସିଂ ମୁଦ୍ରାସ୍ଫୀତି ୨.୦୫% ରହିଛି। ଗତବର୍ଷ ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୪.୨୬% ଏବଂ ଡିସେମ୍ବରରେ ୧.୩୩% ରହିଥିଲା। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୨.୭୩ % ଓ ସହରାଞ୍ଚଳରେ ୨.୭୭% ରହିଛି।



# ଲାଲ୍‌କିଲ୍ଲା ବିସ୍ଫୋରଣରେ ଜେଇଏମ୍ ଜଡ଼ିତ

## ଜାତିସଂଘ ରିପୋର୍ଟ

ନୂଆଦିଲ୍ଲୀ,୧୨।୨

ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଏବଂ ଏପ୍ରିଲରେ ହୋଇଥିବା ପହଲଗାମ୍ ଆକ୍ରମଣ ସହ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ସମ୍ପୃକ୍ତ ଥିବା ଜାତିସଂଘର ଆତଙ୍କବାଦ ନିରୋଧୀ ପର୍ଯ୍ୟବେକ୍ଷଣ ଟିମ୍ ଚିହ୍ନଟ କରିଛି। ଉକ୍ତ ସଂଗଠନ ଏହାର କାର୍ଯ୍ୟକଳାପକୁ ସହାୟତା କରିବା ପାଇଁ ଏକ ମହିଳା ଶାଖା ଗଠନ କରୁଥିବା ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। ନିକଟରେ ଜାତିସଂଘ ସୁରକ୍ଷା ପରିଷଦରେ ଅନାଲିଟିକାଲ ସପୋର୍ଟ ଆଣ୍ଡ ସାଙ୍କଶନ୍ସ ମନିଟରିଂ ଟିମ୍ ଦାଖଲ କରିଥିବା ରିପୋର୍ଟରେ କୁହାଯାଇଛି, ଗତବର୍ଷ ନଭେମ୍ବର ୯ରେ ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ଜେଇଏମ୍ ନିଜକୁ ଦାୟୀ କରିଥିଲା। ଏହି ବିସ୍ଫୋରଣରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ସେହିପରି ପହଲଗାମ୍ ଆକ୍ରମଣରେ ୨୫ ଜଣଙ୍କ ଜୀବନ ଯାଇଥିଲା। ଜେଇଏମ୍‌ର ମହିଳା ଶାଖା ଜମାତ ଉଲ୍-ମୁମିନାତ୍ ପ୍ରତିଷ୍ଠା ସମ୍ପର୍କରେ ଗତ ଅକ୍ଟୋବର ୮ରେ ଜେଇଏମ୍ ନେତା ମାସୁଦ ଆଝାର ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହା ବର୍ତ୍ତମାନ ସୁଦ୍ଧା ଆତଙ୍କବାଦୀ ସଂଗଠନ ଘୋଷିତ ହୋଇନାହିଁ।




ମହାବୋଧି ମହାବିହାର ପକ୍ଷରୁ ବିଭିନ୍ନ ଦାବି ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)

# ଆରାବଳୀକୁ କାହାକୁ ଛୁଇଁବାକୁ ଦେବୁ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୨

ଦିଲ୍ଲୀରୁ ହରିୟାଣା, ରାଜସ୍ଥାନ ଏବଂ ଗୁଜରାଟ ଯାଏ ପରିବ୍ୟାପ୍ତ ଆରାବଳୀ ପର୍ବତ ଶ୍ରେଣୀରେ କୌଣସି କାର୍ଯ୍ୟ କରିବାକୁ କାହାରିକୁ ଅନୁମତି ଦିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର ସ୍ପଷ୍ଟ କରିଛନ୍ତି। ହରିୟାଣା ସରକାର ଏହି ପର୍ବତ ଶ୍ରେଣୀରେ ଏକ ଜଙ୍ଗଲ ସଫାରି କରିବାକୁ ଡିପିଆର୍ ଦାଖଲ କରିବା ପାଇଁ ଅନୁମତି ଲୋଡ଼ିଥିଲା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେବା ସହିତ ଆରାବଳୀକୁ କାହାରିକୁ ଛୁଇଁବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। ଯେ ପର୍ଯ୍ୟନ୍ତ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ପର୍ବତ ଶ୍ରେଣୀର ସଂଜ୍ଞା ନିରୂପଣ ନ ହୋଇଛି, ସେ ପର୍ଯ୍ୟନ୍ତ କାହାରିକୁ ଏହାର ସୀମାରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ବାଂଲାଦେଶ ନିର୍ବାଚନ: ବିଏନ୍‌ପି ଆଗରେ

ଢାକା,୧୨।୨

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାର ୨୦୨୪ ଅଗଷ୍ଟରେ କ୍ଷମତାଚ୍ୟୁତ ହେବା ପରେ ନୂଆ ସରକାର ଗଠନ ପାଇଁ ସେଠାରେ ଗୁରୁବାର ପାର୍ଲାମେଣ୍ଟ ନିର୍ବାଚନ ଅନୁଷ୍ଠିତ ହୋଇଛି। ଅପରାହ୍ନ ୪ଟା ୩୦ ମିନିଟ୍‌ରେ ମତଦାନ ଶେଷ ହେବା ପରେ ଭୋଟ ଗଣତି ଜାରି ରହିଛି। ରାତି ୧ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ୧୭୫ରୁ ଅଧିକ ଆସନରେ ଆଗରେ ରହିଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଜମାତ ୩୦ ଆସନରେ ଆଗରେ ରହିଛି। ବିଏନ୍‌ପି ଅଧକ୍ଷ ତାରିକ୍ ରହମାନ ବୋଗୁରା-୬ ଏବଂ ଢାକା-୧୭ ଆସନରେ ବିଜୟୀ ହୋଇଛନ୍ତି। ୩୦୦ ଆସନ ବିଶିଷ୍ଟ ବାଂଲାଦେଶ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ପାଇଁ ୧୫୧ ଆସନରେ ଜିତିବା ଆବଶ୍ୟକ।



ତାରିକ୍ ରହମାନ

୮୪ ସୂତ୍ରୀ ସଂସ୍କାର ପ୍ୟାକେଜ୍ 'ଜୁଲାଇ ନ୍ୟାଶନାଲ ଚାର୍ଟର' କାର୍ଯ୍ୟକାରିତା ସହ ତ୍ରୟୋଦଶ ପାର୍ଲାମେଣ୍ଟ ନିର୍ବାଚନ ଅନୁଷ୍ଠିତ ହୋଇଛି। ରାତି ସୁଦ୍ଧା ଫଳାଫଳର ସ୍ପଷ୍ଟ ଚିତ୍ର ମିଳିଯିବ ବୋଲି ଆଶା କରାଯାଉଛି। ବିଏନ୍‌ପି ଏବଂ ଏକଦା ଏହାର ସହଯୋଗୀ ଥିବା ଜମାତ-ଇ-ଇସ୍‌ଲାମୀ ମଧ୍ୟରେ ସିଧାସଳଖ ଲଢ଼େଇ ହେଉଛି। ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌କୁ ଭାଙ୍ଗିଦିଆଯାଇଥିବାରୁ ନିର୍ବାଚନରେ ଏହି ଦଳ ସାମିଲ ହୋଇନାହିଁ। ବାଂଲାଦେଶର ୩୦ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ବାଲଟ୍ ପେପରରେ ଆୱାମୀ ଲିଗ୍‌ର ନୌକା ଚିହ୍ନ ନାହିଁ। ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ଗତବର୍ଷ ଆୱାମୀ ଲିଗ୍‌କୁ ଭାଙ୍ଗିଦେବା ସହ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଏହାକୁ ବାଦ୍ ଦେଇଥିଲେ। ୫ ନିୟୁତ ନୂଆ ଭୋଟରଙ୍କ ସମେତ ପ୍ରାୟ ୧୨.୭ କୋଟି ଭୋଟର ମତଦାନ ସାବ୍ୟସ୍ତ କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ୩୦୦ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୨୯୯ଟିରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଗୋଟିଏ ନିର୍ବାଚନମଣ୍ଡଳୀର ନିର୍ବାଚନ ବାତିଲ ହୋଇଛି।

ବାଂଲାଦେଶ ନିର୍ବାଚନ ଫଳାଫଳକୁ ଭାରତ ଅପେକ୍ଷା କରିବ ବୋଲି ନୂଆଦିଲ୍ଲୀ କହିଛି। ବାଂଲାଦେଶରେ ଏକ ମୁକ୍ତ, ନିରପେକ୍ଷ, ଅନ୍ତର୍ଭୁକ୍ତ ଏବଂ ବିଶ୍ୱସନୀୟ ନିର୍ମାଚନ ପ୍ରତି ଭାରତର ସମର୍ଥନ ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ନିର୍ବାଚନ ନୁହେଁ, ସୁଚିନ୍ତିତ ନାଟକ: ଶେଖ୍ ହାସିନା

ଢାକା,୧୨।୨

ବାଂଲାଦେଶର ନିର୍ବାସିତ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ୍ ନେତ୍ରୀ ଶେଖ୍ ହାସିନା ନିର୍ବାଚନକୁ ଏକ ସୁଚିନ୍ତିତ ନାଟକ ବୋଲି କହିଛନ୍ତି। ଏହି ନିର୍ବାଚନରେ ଆୱାମୀ ଲିଗ୍‌କୁ ବାଦ୍ ଦିଆଯାଇଥିବାରୁ ବାଂଲାଦେଶ ନାଗରିକ ଭୋଟ ବର୍ଜନ କରିଛନ୍ତି, ଯେଉଁଥିପାଇଁ ଭୋଟ ହାର ଯଥେଷ୍ଟ କମ୍ ରହିଛି। ୟୁନୁସ୍ ସରକାରଙ୍କ ଏହି ନିର୍ବାଚନରେ ଦେଶର ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ନିୟମକୁ ଜଳାଞ୍ଜଳି ଦିଆଯାଇଛି ବୋଲି ହାସିନା ଆୱାମୀ ଲିଗ୍ 'X' ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି।



# ପୁସ୍ତକ ରଚନା ପୂର୍ବରୁ ଅନୁମତି ନେବେ ସେନାଧିକାରୀ

ନୂଆଦିଲ୍ଲୀ,୧୨।୨

ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରୱେଣଙ୍କ ପୁସ୍ତକ ' ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ଏବେ ବିବାଦ ବଢ଼ି ଚାଲିଛି। ଏହି ପୁସ୍ତକ ପ୍ରକାଶନ ହେବା ପୂର୍ବରୁ ଏହାର ଡିଜିଟାଲ କପି ସୋସିଆଲ ମିଡିଆରେ ଉପଲବ୍ଧ ହୋଇଥିବା ଅଭିଯୋଗ ଉଠିବା ପରେ ଦିଲ୍ଲୀ ପୋଲିସ ଏତଲା ରୁଜୁ କରିବା ସହିତ ପ୍ରକାଶନ ସଂସ୍ଥା ପେଙ୍ଗୁଇନ୍ ଇଣ୍ଡିଆକୁ ମଧ୍ୟ ନୋଟିସ ଜାରି କରିଛି। ତେବେ ନରୱେଣଙ୍କ ପୁସ୍ତକ ବିବାଦ ପରେ ଅବସରପ୍ରାପ୍ତ ସେନାଧିକାରୀଙ୍କ ଦ୍ୱାରା ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୂଆ ନିୟମ ପ୍ରଣୟନ ହେବାକୁ ଯାଉଥିବା ସୂଚନା ମିଳିଛି। ଏଣିକି ଯଦି କୌଣସି ସେନାଧିକାରୀ ତାଙ୍କର ଅଭିଜ୍ଞତା ଏବଂ ସ୍ମୃତିକୁ ନେଇ ପୁସ୍ତକ ଲେଖିବାକୁ ଚାହିଁବେ, ଲେଖା ଏବଂ ପ୍ରକାଶନ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି ନେବାକୁ ହେବ ବୋଲି ନୂଆ ନିୟମରେ ଉଲ୍ଲେଖ କରାଯାଇଛି।

# ଦୁର୍ଘଟଣାରେ ମୃତ ଭାରତୀୟ ଛାତ୍ରୀଙ୍କ ପରିବାରକୁ ୨୬୨ କୋଟିର କ୍ଷତିପୂରଣ

ୱାଶିଂଟନ୍,୧୨।୨

ଆମେରିକାର ସିଆଟେଲ୍‌ରେ ୨୦୨୩ରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭାରତୀୟ ଛାତ୍ରୀଙ୍କ ପରିବାରକୁ ସିଆଟେଲ୍ ପ୍ରଶାସନ ୨୯ ନିୟୁତ ଡଲାର(୨୬୨ କୋଟି ଟଙ୍କା) କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି। ବେଙ୍ଗାଲୁରୁର ୨୩ ବର୍ଷୀୟା ଜାହ୍ନବୀ କାଣ୍ଡୁଲା ୨୦୨୧ରେ ଆମେରିକାର ନର୍ଥଇଷ୍ଟର୍ନ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ପାଇଁ ସିଆଟେଲ୍ ଯାଇଥିଲେ। ୨୦୨୩ ଜାନୁଆରୀରେ ଏକ ସଡ଼କ ଦୁର୍ଘଟଣାରେ ସେ ପ୍ରାଣ ହରାଇଥିଲେ। ସିଆଟେଲ୍‌ର ପୂର୍ବତନ ପୋଲିସ ଅଧିକାରୀ କାଭିନ୍ ଡାଭେ ବେଆଇନ ଭାବେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଧକ୍କା ଦେବାରୁ ଜାହ୍ନବୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର କାଭିନ୍‌ଙ୍କ ବିରୋଧରେ ମାମଲା ରୁଜୁ କରି କ୍ଷତିପୂରଣ ଦାବି କରିଥିଲେ।

# ଦୂରଦର୍ଶନ ନ୍ୟୁଜ୍ ଆଙ୍କର ଶାରଳା ମାହେଶ୍ୱରୀଙ୍କ ପରଲୋକ



ନୂଆଦିଲ୍ଲୀ,୧୨।୨

ଦୂରଦର୍ଶନର ଲୋକପ୍ରିୟ ସମାଚାର ଉପସ୍ଥାପିକା ଶାରଳା ମାହେଶ୍ୱରୀଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଶାରଳା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଦୂରଦର୍ଶନରେ ଖବର ପଢ଼ିଥିଲାବେଳେ ତାଙ୍କର ସମ୍ବାଦ ପଠନ କରିବାର ତରିକା, ଶୁଦ୍ଧ ଉଚ୍ଚାରଣ ଏବଂ ସାବଲୀଳ ଢଙ୍ଗ ଦର୍ଶକ ମହଲରେ ତାଙ୍କୁ ସୁପ୍ରତିଷ୍ଠିତ କରାଇପାରିଥିଲା। ତାଙ୍କ ପରଲୋକରେ ଦୂରଦର୍ଶନ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯିବା ସହିତ ଟିଭି ସାମ୍ବାଦିକତାର ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ହୋଇଛି ବୋଲି କୁହାଯାଇଛି।

# 'ବନ୍ଦେ ମାତରମ୍' ନିର୍ଦ୍ଦେଶନାମା ପ୍ରତ୍ୟାହାର କରୁ କେନ୍ଦ୍ର

## କୋର୍ଟରେ ଚ୍ୟାଲେଞ୍ଜ ପାଇଁ ଏଆଇଏମ୍‌ପିଏଲ୍‌ବିର ଚେତାବନୀ

ନୂଆଦିଲ୍ଲୀ,୧୨।୨(ପି.ଟି.)

ଜାତୀୟ ଗୀତ 'ବନ୍ଦେ ମାତରମ୍'ର ସମସ୍ତ ୬ଟି ପଦ ଗାଇବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବାବେଳେ ଅଲ୍ ଇଣ୍ଡିଆ ମୁସଲମାନ ପର୍ସୋନେଲ୍ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ଏହାକୁ ଅସାମ୍ବିଧାନିକ କହିଛି। ସରକାର ଯଦି ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର ନ କରନ୍ତି, ତେବେ ଏଆଇଏମ୍‌ପିଏଲ୍‌ବି ଏହା ବିରୋଧରେ ଅଦାଲତ ଯିବ ବୋଲି ଚେତାବନୀ ଦେଇଛି।

ଜାତୀୟ ସଙ୍ଗୀତ 'ଜନଗଣ ମନ' ଗାନ ପୂର୍ବରୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ଜାତୀୟ ଗୀତ ବନ୍ଦେ ମାତରମ୍‌ର ସମସ୍ତ ୬ଟି ପଦ ପ୍ରଥମେ ଗାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଥିଲା। ଏଆଇଏମ୍‌ପିଏଲ୍‌ବି ଏହାକୁ ଦୃଢ଼ ବିରୋଧ କରିଛି। ଏଭଳି ନିଷ୍ପତ୍ତି ଅସାମ୍ବିଧାନିକ ଏବଂ ଧର୍ମୀୟ ସ୍ୱାଧୀନତା ବିରୋଧୀ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସରକାରଙ୍କ ନିଷ୍ପତ୍ତିକୁ ବୋର୍ଡର ସାଧାରଣ ସମ୍ପାଦକ ମୌଲାନା ମହମ୍ମଦ ଫଜଲୁର ରହିମ ମୁଜାଦ୍ଦିଦି ଏକ ପ୍ରେସ୍ ବିବୃତିରେ ତୀବ୍ର ବିରୋଧ କହିଛନ୍ତି। ଏହା ଅସାମ୍ବିଧାନିକ ଏବଂ ଧର୍ମୀୟ ସ୍ୱାଧୀନତା, ଧର୍ମନିରପେକ୍ଷତା ତଥା ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଯାଉଛି। ମୁସଲମାନଙ୍କ ଧର୍ମୀୟ ବିଶ୍ୱାସ ସହ ଏହା ସିଧାସଳଖ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ମୁସଲମାନଙ୍କ ଦ୍ୱାରା ଏହା ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି ମୌଲାନା କହିଛନ୍ତି। ରବୀନ୍ଦ୍ର ନାଥ ଟାଗୋରଙ୍କ ପରାମର୍ଶ ଏବଂ ସମ୍ବିଧାନ ସଭାରେ ବିଚାରବିମର୍ଶ ପରେ ବନ୍ଦେ ମାତରମ୍‌ର କେବଳ ୨ଟି ପଦକୁ ବ୍ୟବହାର କରିବା ନିମନ୍ତେ ସହମତି ହୋଇଥିଲା। ଏକ ଧର୍ମନିରପେକ୍ଷ ସରକାର ଗୋଟିଏ ଧର୍ମବିଶ୍ୱାସକୁ ଅନ୍ୟ ଧର୍ମ ଉପରେ ଜବରଦସ୍ତ ଲଦିଦେଇପାରିବେ ନାହିଁ ବୋଲି ମୌଲାନା କହିଛନ୍ତି।

# ଲମ୍ବୋର୍ଗିନି ଦୁର୍ଘଟଣା: ୪ ଦିନ ପରେ ଗିରଫ ଶିବମ୍‌ଙ୍କୁ ତୁରନ୍ତ ଜାମିନ

ନୂଆଦିଲ୍ଲୀ,୧୨।୨

ଉତ୍ତରପ୍ରଦେଶର କାନପୁରରେ ହାଇପ୍ରୋଫାଇଲ୍ ଲମ୍ବୋର୍ଗିନି ଦୁର୍ଘଟଣାର ୪ ଦିନ ପରେ ତମାଖୁ ଟାଇକୁନ୍ କେ.କେ. ମିଶ୍ରାଙ୍କ ପୁଅ ଶିବମ୍‌ଙ୍କୁ ଗିରଫ କରାଯିବାର ମାତ୍ର କେଇ ଘଣ୍ଟା ପରେ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ସୋମବାର ଏକ ଅଟୋରିକ୍ସା, ମୋଟରସାଇକେଲ ଏବଂ ଏକ ଖୁଣ୍ଟକୁ ୧୦ କୋଟି ଟଙ୍କା ମୂଲ୍ୟର ଲମ୍ବୋର୍ଗିନି ରିଭୁଏଲ୍ଟୋ ଧକ୍କା ଦେବାରୁ ୬ ଜଣ ଆହତ ହୋଇଥିଲେ। ଡ୍ରାଇଭର ସିଟ୍‌ରେ ଥିବା ଶିବମ୍‌ଙ୍କୁ ତାଙ୍କ ସୁରକ୍ଷା କର୍ମୀମାନେ ଟାଣି ବାହାର କରୁଥିବା ଭାଇରାଲ ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିବା ସହ ସେ ଗାଡ଼ି ଚଳାଉଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଶିବମ୍ ଗାଡ଼ି ଚଳାଉ ନ ଥିଲେ ବୋଲି ତାଙ୍କ ଓକିଲ ବାରମ୍ବାର କୋର୍ଟରେ ଦାବି କରିଥିଲେ ଏବଂ ତାଙ୍କ ଡ୍ରାଇଭର ମୋହନ ଗାଡ଼ି ଚଳାଉଥିବା କହିଥିଲେ। ବୁଧବାର ମୋହନ କାନପୁର କୋର୍ଟରେ ହାଜର ହୋଇ ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରିଥିଲେ। ଶିବମ୍ ମୂର୍ଚ୍ଛାରୋଗରେ ପୀଡ଼ିତ ବୋଲି ପୂର୍ବରୁ ତାଙ୍କ ପରିବାର କହିଥିଲେ। ମିଶ୍ରା ପରିବାରର ପ୍ରଭାବ ଯୋଗୁ କର୍ତ୍ତୃପକ୍ଷ ଶିବମ୍‌ଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରିଥିବା ଦୁର୍ଘଟଣା କ୍ଷତିଗ୍ରସ୍ତ ଏବଂ ସ୍ଥାନୀୟ ଲୋକେ କହିଛନ୍ତି। ଉତ୍ତେଜନା ପରେ ଶିବମ୍‌ଙ୍କ ନାମ ସହିତ ମୂଳତଃ ଅଜଣା ବ୍ୟକ୍ତିମାନଙ୍କ ନାମରେ ଏତଲା ଦାଏର ହୋଇଥିଲା। କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା ପାଇଁ ଗ୍ୱାଲଟୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଗୌରଙ୍କୁ ତାଙ୍କ ପଦବୀରୁ ହଟାଇ ପୋଲିସ ଲାଇନ୍‌କୁ ପଠାଇଦିଆଯାଇଛି।

# 'ବୁଝାମଣାରେ ବଦଳାଯାଇଛି ଟ୍ରେଡ୍ ଡିଲ୍ ଫ୍ୟାକ୍ଟଶିଟ୍'

ନୂଆଦିଲ୍ଲୀ,୧୨।୨

ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ନେଇ ହ୍ୱାଇଟ୍ ହାଉସ୍ ଗତ ୯ ତାରିଖରେ ଫ୍ୟାକ୍ଟଶିଟ୍ ଜାରି କରିଥିଲା। ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ କାରବାରର ବିଭିନ୍ନ ଦିଗ ଏବଂ ସର୍ତ୍ତ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଥିଲା। ଫ୍ୟାକ୍ଟଶିଟ୍‌ର କିଛି ତଥ୍ୟକୁ ନେଇ ଭାରତ ପ୍ରଶ୍ନ ଉଠାଇବା ପରେ ଟ୍ରମ୍ପ୍ ପ୍ରଶାସନ ପୁଣି ଏଥିରେ ସଂଶୋଧନ କରିଥିଲା। ବିଶେଷକରି ଭାରତ ଉତ୍ପାଦିତ କେତେକ କୃଷିଜାତ ଦ୍ରବ୍ୟକୁ ନେଇ ସଂଶୋଧନ ଅଣାଯିବା ସହିତ ଭାରତ ଆମେରିକାରୁ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବ ବୋଲି ଯାହା କୁହାଯାଇଥିଲା, ସେଥିରେ ସଂଶୋଧନ ହୋଇଛି। ଭାରତ ଏହି ମୂଲ୍ୟର ଆମେରିକୀୟ ସାମଗ୍ରୀ କିଣିବ ନୁହେଁ, କିଣିବାକୁ ଆଗ୍ରହୀ ବୋଲି ସଂଶୋଧିତ ଫ୍ୟାକ୍ଟଶିଟ୍‌ରେ ଉଲ୍ଲେଖ କରାଯାଇଛି। ଆପୋସ ବୁଝାମଣାରେ ସଂଶୋଧନ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବୁଝାମଣାରେ ଉଭୟ ପକ୍ଷର ସ୍ୱାର୍ଥରକ୍ଷା ଏବଂ ଜବାବୀ ଟାରିଫ୍‌କୁ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି କରାଯାଇଥିବା ସଂଶୋଧିତ ଫ୍ୟାକ୍ଟଶିଟ୍ ଉଭୟ ପକ୍ଷ ମଧ୍ୟରେ ଆପୋସ ଆଲୋଚନା ଯୋଗୁ ସମ୍ଭବ ହୋଇଥିବା ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈଶୱାଲ୍ କହିଛନ୍ତି।

# ପ୍ରଭାବଶାଳୀ ପାସ୍‌ପୋର୍ଟ : ୭୫ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧୨।୨

ବିଶ୍ୱର ପ୍ରଭାବଶାଳୀ ପାସ୍‌ପୋର୍ଟ ମଧ୍ୟରେ ଭାରତୀୟ ପାସ୍‌ପୋର୍ଟର ସ୍ଥାନ ୭୫କୁ ଉନ୍ନୀତ ହୋଇଛି। ୨୦୨୬ ପ୍ରାରମ୍ଭରେ ଭାରତୀୟ ପାସ୍‌ପୋର୍ଟର ସ୍ଥାନ ବିଶ୍ୱସ୍ତରରେ ୮୦ ରହିଥିଲା। କିନ୍ତୁ ଏହାମଧ୍ୟରେ ବିଭିନ୍ନ ଦିଗରେ ସକାରାତ୍ମକ ପରିବର୍ତ୍ତନ ଯୋଗୁ ଭାରତୀୟ ପାସ୍‌ପୋର୍ଟ ସ୍ଥାନ ୭୫କୁ ଉନ୍ନୀତ ହୋଇଛି ବୋଲି ହେନ୍‌ଲି ପାସ୍‌ପୋର୍ଟ ଇଣ୍ଡେକ୍ସ ତଥ୍ୟରୁ ଜଣାପଡ଼ିଛି। ଜଣେ ପାସ୍‌ପୋର୍ଟଧାରୀଙ୍କୁ ଭିସା ବିନା ଯେଉଁ ଦେଶର ଯେତେ ଅଧିକ ସ୍ଥାନକୁ ଭ୍ରମଣ କରିବା ସୁବିଧା ମିଳେ, ତାହାକୁ ଭିତ୍ତିକରି ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ ପ୍ରସ୍ତୁତ କରାଯାଇଥାଏ ଏବଂ ସେହି ଅନୁସାରେ ଗୋଟିଏ ଦେଶର ପାସ୍‌ପୋର୍ଟକୁ ଉକ୍ତ ସୂଚକାଙ୍କରେ ସ୍ଥାନ ଦିଆଯାଇଥାଏ।




# ଏକାଠି ଆସିବେ ଆମିର୍, ସନ୍ନି

ମୁମ୍ବାଇ

ବଲିଉଡର ଦୁଇ ପ୍ରସିଦ୍ଧ ଅଭିନେତା ଆମିର ଖାନ୍ ଓ ସନ୍ନି ଦେଓଲଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଲାହୋର ୧୯୪୭'ର ରିଲିଜ ତାରିଖ ଘୋଷଣା ହୋଇଛି। ଅଗଷ୍ଟ ୧୩ରେ ଫିଲ୍ମଟି ବଡ଼ ପରଦାକୁ ଆସିବ। ପ୍ରଥମ ଥର ପାଇଁ ଆମିର ଖାନ ଏବଂ ସନ୍ନି ଦେଓଲ କୌଣସି ପ୍ରୋଜେକ୍ଟ ପାଇଁ ଏକାଠି ହୋଇଛନ୍ତି। 'ଆମିର ଖାନ୍ ପ୍ରଡକ୍ସନ୍ସ' ବ୍ୟାନରରେ ନିର୍ମିତ ଏହି ଫିଲ୍ମକୁ ପ୍ରସିଦ୍ଧ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ନିର୍ଦ୍ଦେଶନା ଦେଇଛନ୍ତି। ଏହା ସେମାନଙ୍କର ଚତୁର୍ଥ ମିଳିତ ପ୍ରୟାସ। ଫିଲ୍ମଟି ଅସଘର ୱାଜାହତଙ୍କ ଲୋକପ୍ରିୟ ପଞ୍ଜାବୀ ନାଟକ 'ଜିସ ଲାହୋର ନୈ ଦେଖିଆ, ଓ ଜମିଆ ହିଁ ନୈ' ଉପରେ ପର୍ଯ୍ୟବଶିତ। ସନ୍ନି ଦେଓଲଙ୍କ ସହ ପ୍ରୀତି ଜିଣ୍ଟା, ଶବାନା ଆଜମୀ, ଅଭିମନ୍ୟୁ ସିଂ, କରଣ ଦେଓଲ ଏବଂ ଅଲି ଫଜଲ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଓସ୍କାର ବିଜେତା ଏ.ଆର. ରେହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଜାଭେଦ ଅଖତର ଗୀତ ରଚନା କରିଛନ୍ତି। 'ଲାହୋର ୧୯୪୭' ସହ ସ୍ୱାଧୀନତା ଦିବସ ଅବସରରେ ଅନ୍ୟ କେତେକ ଫିଲ୍ମ ମୁକ୍ତିଲାଭ କରିବାକୁ ରହିଥିବାରୁ ବକ୍ସ ଅଫିସ୍‌ରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି।



ଆମିର ଖାନ୍

ସନ୍ନି ଦେଓଲ

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୩/୨୦୨୬ | Bhubaneswar, Friday, February 13/2026 | ପୃଷ୍ଠା-୧




ବାଲେଶ୍ୱର ସୋରରୁ ଖୋର୍ଦ୍ଧାକୁ ବିବାହ ପାଇଁ ଯାଉଥିବା ବର ଅବଦୁଲ ଫନେଇମ ଖାନ୍‌ଙ୍କ ଗାଡ଼ିକୁ ଗୁରୁବାର ଭାରତ ବନ୍ଦ ଅବସରରେ ବିକ୍ଷୋଭକାରୀମାନେ ଭୁବନେଶ୍ୱର ଜୟଦେବ ବିହାର ରାସ୍ତାରେ ଅଟକାଇଛନ୍ତି। (ଫଟୋ: ବିକାଶ ନାୟକ)

# ଭାରତ ବନ୍ଦ: ଜୀବନଯାତ୍ରା ପ୍ରଭାବିତ

**ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ୍ ସହଯୋଗୀ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ଗୁରୁବାର ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପରିବହନ ସମେତ ବିଭିନ୍ନ ସେବା ବନ୍ଦ ହେବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏସ୍‌ଇଡବ୍ଲ୍ୟୁଏ, ଏଆଇସିସିଟିୟୁ, ଏଲ୍‌ପିଏଫ୍ ଏବଂ ୟୁଟିୟୁସିର ମିଳିତ ଫୋରମ୍ ପକ୍ଷରୁ ଏହି ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଥିଲା।**

ଭୁବନେଶ୍ୱର,୧୨।୨(ତ୍ରିନାଥ ମହାନ୍ତି)

୧୦ ଶ୍ରମିକ ସଂଗଠନଓ ସ୍ୱାଧୀନ ଫେଡେରେଶନ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ସର୍ବଭାରତୀୟ ବନ୍ଦ ଡାକରା ଦିଆଯାଇଥିଲ। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ବନ୍ଦର ପ୍ରଭାବ ପଡ଼ିଥିଲା। ବନ୍ଦ ଯୋଗୁ ଯାତ୍ରୀ ଏବଂ ସାଧାରଣ ଲୋକ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଯାତ୍ରୀବାହୀ ବସ୍, ଟ୍ରକ୍, ଅଟୋ ଏବଂ ଟ୍ୟାକ୍ସି ସବୁ ବନ୍ଦ ରହିଥିବାରୁ ଲୋକମାନେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଠିକ୍‌ଭାବେ ଯାଇପାରି ନ ଥିଲେ। ଆନ୍ଦୋଳନକାରୀମାନେ ବିଭିନ୍ନ ଛକରେ ଟାୟାର ଜାଳି ଗାଡ଼ି ଚଳାଚଳକୁ ଅବରୋଧ କରିଥିଲେ। ଭୁବନେଶ୍ୱରରେ ଆନ୍ଦୋଳନକାରୀମାନେ ଷ୍ଟେଶନର ପ୍ରବେଶ ଗେଟ୍‌କୁ ବନ୍ଦ କରି ଦେଇଥିବାବେଳେ ମାଷ୍ଟରକ୍ୟାଣ୍ଟିନ ଛକରେ ବ୍ୟାନର ଧରି ଗାଡ଼ି ଚଳାଚଳକୁ ଅଟକାଇଥିଲେ। ସେହିପରି ମାଷ୍ଟରକ୍ୟାଣ୍ଟିନ୍‌ରେ ଆମ ବସ୍ ଡିପୋର ମୁଖ୍ୟ ଗେଟ୍‌ରେ ଆନ୍ଦୋଳନକାରୀମାନେ ତାଲା ମାରି ଦେଇଥିଲେ। ବନ୍ଦ ପ୍ରଭାବରେ ବ୍ୟାଙ୍କ୍, ଫୋଷ୍ଟ ଅଫିସ, ବୀମା ଅଫିସ ସବୁ ବନ୍ଦ ରହିଥିଲା। ବଜାର, ଯାନବାହନ, ସ୍କୁଲ, କଲେଜ ବନ୍ଦ ରହିଥିବା ବେଳେ କେତେକ ଘରୋଇ ସ୍କୁଲରେ ମଧ୍ୟ ସ୍ଥଗିତ ରଖାଯାଇଥିଲା ପରୀକ୍ଷା। କେବଳ ସରକାରୀ ଅଫିସ ଏବଂ ଜରୁରୀ ସେବା ଯୋଗାଉଥିବା ସଂସ୍ଥାର ଅଫିସ୍ ଖୋଲା ରହିଥିଲା। ବିଶେଷକରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିବାବେଳେ ବାହାର ରାଜ୍ୟର ଟ୍ରକଗୁଡ଼ିକୁ ଅଟକାଇ ଦିଆଯାଇଥିଲା। ଭୁବନେଶ୍ୱରର ଖଣ୍ଡଗିରି, ଆଚାର୍ଯ୍ୟ ବିହାର, ଜୟଦେବ ବିହାର ରାସ୍ତାରେ ଗାଡ଼ି ଚଳାଚଳ କରୁ ନ ଥିବାବେଳେ ବିଭିନ୍ନ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ରାସ୍ତାରେ ବିରୋଧ ପ୍ରଦର୍ଶନ କରିଥିଲେ। ତେବେ ବାଲେଶ୍ୱର ସୋରରୁ ଖୋର୍ଦ୍ଧାକୁ ବିବାହ କରିବାକୁ ଆସୁଥିବା ☞ପୃଷ୍ଠା-୨

## ସାମିଲ ହେଲେ ୩୦ କୋଟି ଶ୍ରମିକ

ନୂଆଦିଲ୍ଲୀ,୧୨।୨

ଧର୍ମଘଟରେ ସାରା ଦେଶରୁ ପ୍ରାୟ ୩୦ କୋଟି ଶ୍ରମିକ, କର୍ମଚାରୀ ସାମିଲ ହୋଇଥିଲେ ବୋଲି ଫୋରମ୍ ଦାବି କରିଛି। କେନ୍ଦ୍ର ସରକାର ଆଣିଥିବା ୪ ଶ୍ରମ ସଂହିତା କର୍ମଚାରୀମାନଙ୍କ ଅଧିକାରକୁ ଦୁର୍ବଳ କରିବା ସହ ନିଯୁକ୍ତି ସୁରକ୍ଷା ହ୍ରାସ କରିବା ଏବଂ ନିଯୁକ୍ତିଦାତାମାନଙ୍କ ପାଇଁ ନିଯୁକ୍ତି ଓ ଛଟେଇକୁ ସହଜ କରିଦେଇଥିବା ଅଭିଯୋଗ କରି ବିକ୍ଷୋଭକାରୀମାନେ ଉକ୍ତ ଆଇନକୁ ରଦ୍ଦ କରାଯିବାକୁ ଦାବି କରିଥିଲେ। ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଆଇନ, ୨୦୨୫କୁ ରଦ୍ଦ କରି ପୂର୍ବରୁ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ କାଏମ ରଖିବା, ବିଠା ସିଡ୍ ବିଲ୍, ବିଦ୍ୟୁତ୍ ସଂଶୋଧନ ବିଲ୍ ଏବଂ ଭାରତର ରୂପାନ୍ତରଣ ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ବ୍ୟବହାର ଓ ଅଗ୍ରଗତି (ଏସ୍‌ଏଚ୍‌ଏଏନ୍‌ଟିଆଇ) ଅଧିନିୟମକୁ ପ୍ରତ୍ୟାହାର କରିନେବା ପାଇଁ ବିକ୍ଷୋଭକାରୀ ଦାବି କରିଥିଲେ। ଓଡ଼ିଶା ସମେତ ଆସାମ, ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ବିହାର ଆଦି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ହୋଇଥିବା ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ ସାଧାରଣ ସମ୍ପାଦକ ଅମରଜିତ କୌର କହିଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍, ବୀମା, ଡାକସେବା, ☞ପୃଷ୍ଠା-୨

# ଜମି ପଟ୍ଟାରେ ରହିବ କ୍ୟୁଆର୍ କୋଡ୍

**ଓଡ଼ିଶା ସରକାର ଜମି କାରବାର କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଘୋଷଣା ଅନୁଯାୟୀ, ଏବେ ଜମି ପଟ୍ଟାରେ କ୍ୟୁଆର୍ କୋଡ୍ ରହିବ, ଯାହା ଜାଲିଆତି ରୋକିବାରେ ସାହାଯ୍ୟ କରିବ। କ୍ୟୁଆର୍ କୋଡ୍ ଯୁକ୍ତ ପଟ୍ଟାକୁ ସ୍କାନ୍ କଲେ ଜମିର ସମସ୍ତ ବିବରଣୀ ତୁରନ୍ତ ମିଳିପାରିବ। କେବଳ ସ୍କାନ୍ କରିବା ଦ୍ୱାରା ସେହି ଜମିର ୫୦ରୁ ୭୦ ବର୍ଷର ଇତିହାସ ତଥା କିଏ କିଣିଥିଲେ, କିଏ ବିକିଥିଲେ ଏବଂ କେବେ ସେଟେଲମେଣ୍ଟ ହୋଇଥିଲା ଆଦି ବିଷୟରେ ଜଣାପଡ଼ିବ। ପୂର୍ବରୁ ଜମିର ସ୍ଥିତି ଜାଣିବା ପାଇଁ ଇନ୍‌କମ୍ବ୍ରେନ୍ସ ପ୍ରମାଣପତ୍ର (ଇସି) ଦରକାର ହେଉଥିଲା, କିନ୍ତୁ ଏହି ନୂଆ ବ୍ୟବସ୍ଥା ପରେ ଏହାର ଆବଶ୍ୟକତା ପ୍ରାୟତଃ ଶେଷ ହୋଇଯିବ। ଜମି କିଣିବା ସମୟରେ କ୍ରେତା ନିଜ ମୋବାଇଲ ଫୋନ୍‌ରେ ପଟ୍ଟାଟି ଅସଲି ନା ନକଲି, ତାହା ସ୍କାନ୍ କରି ଜାଣିପାରିବେ।**

ଭୁବନେଶ୍ୱର,୧୨।୨(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ସ୍ୱଚ୍ଛତାର ସହିତ ଜମିପଟ୍ଟା ମିଳିବ ଏବଂ ଲୋକେ ଦଲାଲଙ୍କ ମାୟାଜାଲରେ ଛନ୍ଦି ହେବେନାହିଁ, ତାହାକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର କ୍ୟୁଆର୍ କୋଡ୍‌ଯୁକ୍ତ ପଟ୍ଟା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗୁରୁବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ବିଭାଗ ପକ୍ଷରୁ ଇତିମଧ୍ୟରେ ଅନେକ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ତହସିଲ ଓ ପଞ୍ଜୀକରଣ କାର୍ଯ୍ୟାଳୟରେ ମଧ୍ୟସ୍ଥମାନେ ଲୋକଙ୍କ ଦୁର୍ବଳତାର ଫାଇଦା ଉଠାଇ କେତେବେଳେ ଗୋଟିଏ ଲେଖାଏ ଜମିକୁ ବାରମ୍ବାର ବିକାକିଣା କରିବା ପର୍ଯ୍ୟନ୍ତ ଯାଉଛନ୍ତି। ଏଥିରେ ପ୍ରଶାସନର କିଛି ଅସାଧୁ କର୍ମଚାରୀ ମଧ୍ୟ ସହଯୋଗୀ ପାଲଟୁଛନ୍ତି। ଏସବୁର ପୂର୍ଣ୍ଣଚ୍ଛେଦ ପକାଇବା ଆଭିମୁଖ୍ୟ ରଖି ବିଭାଗ ପକ୍ଷରୁ କ୍ୟୁଆର୍ କୋଡ୍‌ଯୁକ୍ତ ଜମିପଟ୍ଟା ଯୋଗାଇ ଦିଆଯିବ।

ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି କ୍ୟୁଆର୍ କୋଡ୍ ପଟ୍ଟା ପ୍ରଦାନ କରାଯିବ। ଇଲେକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର୍ କୋଡ୍ ପଟ୍ଟାରେ ଥିବା କ୍ୟୁଆର୍ କୋଡ୍‌କୁ ସ୍କାନ୍‌କଲେ ପଟ୍ଟାର ସମ୍ପୂର୍ଣ୍ଣ ତଥ୍ୟ ବାହାରିବ। ସାବିକରେ କେତେ ଜମି ରହିଥିଲା ଏବଂ ପରେ କେତେଥର କିଣାବିକା ହୋଇଛି, କେତେ ଜମି ପଟ୍ଟାରେ ରହିଛି ତାହା ଲୋକମାନେ ବିଶ୍ୱର ଯେକୌଣସି ସ୍ଥାନରେ ଥିଲେ ବି କ୍ୟୁଆର୍ କୋଡ୍ ସ୍କାନ୍‌କରି ଜାଣିପାରିବେ। ଏହାଦ୍ୱାରା ସାଧାରଣ ଲୋକେ ଆଉ ଠକାମିର ସମ୍ମୁଖୀନ ହେବେନାହିଁ କି ଠକମାନେ ଲୋକଙ୍କୁ ଭୁଲାଇ ଜମି କିଣାବିକା କରିପାରିବେ ନାହିଁ। ଯଦି ଏଥିରେ କୌଣସି ପ୍ରକାର ଚଞ୍ଚକତା ହେଉଥିବା ବିଭାଗର ଦୃଷ୍ଟିକୁ ଆସିବ କିମ୍ବା ଅଭିଯୋଗ ହେବ ତାକୁ ଗୁରୁତ୍ୱର ସହ ଗ୍ରହଣ କରାଯିବ। ତେବେ କ୍ୟୁଆର୍ କୋଡ୍ ଯୁକ୍ତ ଜମି ପଟ୍ଟାକୁ ଟାମ୍ପରିଂ କରାଗଲେ ସେନେଇ ଏକ ବାର୍ତ୍ତା ସମ୍ପୃକ୍ତ ତହସିଲଦାର ଓ ଆର୍‌ଆଇଙ୍କ ପାଖକୁ ଯିବ। ସେହିପରି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସବୁ ଜମିର ସର୍ଭେ କରାଯିବ। ସରକାରୀ ଜମି କେତେ ରହିଛି ଏବଂ ବ୍ୟକ୍ତିଗତ ଜମି କେତେ ରହିଛି, ତା'ର ସର୍ଭେ ହେବ। ଏହାସହିତ ପୂର୍ବରୁ ସରକାରୀ ଭାବେ କେତେ ଜମି ବ୍ୟବହୃତ ହୋଇଛି ଏବଂ କେତେ ଜମି କେଉଁ ଶିଳ୍ପ ଓ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି, ତାହାର ଚିକିନିଖି ହିସାବ ରଖାଯିବ। ଏସବୁର ଡାଟାବେସ୍ ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ସବୁ ଜମିର କ୍ୟୁଆର୍ କୋଡ୍ କରାଯିବା ପରେ ଘରବାଡ଼ି ହୋଇଥିବା ଜମି ମଧ୍ୟରୁ କେତେ ଖଜଣା ଆଦାୟ ହୋଇଛି ଏବଂ କେତେ ଆଦାୟ ନ ହୋଇ ପଡ଼ିରହିଛି ତା'ର ବିବରଣୀ ଜାଣିହେବ। ଫଳରେ ସରକାର ଖଜଣା ଆଦାୟ କରିବାରେ ଏହା ସହାୟକ ହୋଇପାରିବ। ତେବେ ରାଜ୍ୟରେ ପ୍ରାୟ ୧ କୋଟି ୬୯ ଲକ୍ଷ ଖାତା ରହିଛି। ଏସବୁର ଜମି ସର୍ଭେ କରାଯାଇ ରେକର୍ଡ ସଂଶୋଧନ କରାଯିବ। ତେବେ ଏହାଦ୍ୱାରା ରାଜ୍ୟ ରାଜକୋଷକୁ ଅଧିକ ରାଜସ୍ୱ ମିଳିପାରିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

# କର୍ମକ୍ଷେତ୍ରରେ ଜାତି ଭେଦଭାବ: କେନ୍ଦ୍ରାପଡ଼ାର ଉଦାହରଣ ଦେଲେ ଖାର୍ଗେ

ନୂଆଦିଲ୍ଲୀ, ୧୨।୨



ମଲ୍ଲିକାର୍ଜୁନ ଖାର୍ଗେ

ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରାପଡ଼ା ଜିଲାର ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ଘଟିଥିବା ଜାତିଆଣ ଭେଦଭାବକୁ ନେଇ ଗୁରୁବାର ଗୃହରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଗତ ନଭେମ୍ବରରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ଶର୍ମିଷ୍ଠା ସେଠୀ ନାମ୍ନୀ ଜଣେ ଦଳିତ ଯୁବତୀଙ୍କୁ ସହାୟିକା ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିଦିନଠାରୁ ଗ୍ରାମର କେତେଜଣ ଲୋକ ଜାତିଭିତ୍ତିକ କାରଣ ଦର୍ଶାଇ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଥିଲେ। ଦଳିତ ମହିଳାଙ୍କ ଦ୍ୱାରା ରନ୍ଧା ଯାଇଥିବା ଖାଦ୍ୟକୁ ପିଲାମାନେ ଖାଇବେ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଏହି କାରଣରୁ ପ୍ରାୟ ୮୧ ଦିନ ଧରି ଅଙ୍ଗନୱାଡ଼ି କେନ୍ଦ୍ରଟି ଏକ ପ୍ରକାର ବନ୍ଦ ରହିଥିଲା ଏବଂ ପିଲାମାନେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିଲେ। ରାଜ୍ୟ ସଭାରେ ଖାର୍ଗେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ଏକବିଂଶ ଶତାବ୍ଦୀରେ ଏଭଳି ଘଟଣା ସମାଜ ପାଇଁ ଏକ କଳଙ୍କ। କର୍ମକ୍ଷେତ୍ରରେ ଜାତିଆଣ ଭେଦଭାବ ସମ୍ବିଧାନର ଧାରା ୧୪, ୧୫ ଏବଂ ୧୭ର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଶିଶୁମାନଙ୍କ ମନରେ ପିଲାବେଳୁ ଏଭଳି ବିଷାକ୍ତ ଚିନ୍ତାଧାରା ଭରିବା ଦ୍ୱାରା ଦେଶର ଭବିଷ୍ୟତ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ। ସେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ କର୍ମକ୍ଷେତ୍ରରେ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଦାବି କରିଛନ୍ତି।

# ରାଜ୍ୟ କ୍ୟାବିନେଟ୍‌ରେ କମିଶନଙ୍କ ରିପୋର୍ଟ ଉପସ୍ଥାପନ କର

## ହାଇକୋର୍ଟରେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା

କଟକ,୧୨।୨(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ଜଷ୍ଟିସ ରଘୁବୀର ଦାଶ କମିଶନଙ୍କ ତଦନ୍ତ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଏହା ଆଗାମୀ ସେସନ୍‌ରେ ଉପସ୍ଥାପନ ହେବା ଉଚିତ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସେହିପରି ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି କାର୍ଯ୍ୟ ଆସନ୍ତା ୩ ମାସ ମଧ୍ୟରେ ଶେଷ କରିବାକୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାର ଏ ଦିଗରେ ତତ୍ପରତାର ସହ କାର୍ଯ୍ୟ କରିବେ ବୋଲି ମଧ୍ୟ ଆଶାବ୍ୟକ୍ତ କରିଛନ୍ତି।

ସୂଚନାନୁସାରେ, ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍‌ଆଇ) ୨୦୨୫ ଡିସେମ୍ବର ୨୩ରେ ହୋଇଥିବା ଶୁଣାଣିରେ ରତ୍ନଭଣ୍ଡାର ମରାମତି ସରିଯାଇଥିବା ହାଇକୋର୍ଟଙ୍କୁ ଜଣାଇଥିଲା। ସେହିପରି ଶ୍ରୀମନ୍ଦିର ପ୍ରଶାସନଙ୍କୁ ଗତ ଜୁଲାଇ ୬ରେ ରତ୍ନଭଣ୍ଡାର ହସ୍ତାନ୍ତର କରାଯାଇଥିବା ମଧ୍ୟ ଏଏସ୍‌ଆଇ ପକ୍ଷରୁ ସତ୍ୟପାଠ ଜରିଆରେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୧୯୭୮ ମସିହା ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ହୋଇ ନ ଥିବା ବାବଦରେ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ସରକାର ରତ୍ନଭଣ୍ଡାର ଗଣତିମଣତି ଉପରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଆଣିବାକୁ ବିଚାର ବିମର୍ଶ କରୁଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ଏସ୍‌ଓପି ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମତି ମିଳିବା ପରେ ଗଣତିମଣତି ନେଇ କାର୍ଯ୍ୟାନ୍ୱୟନ କରାଯିବ ବୋଲି ପରବର୍ତ୍ତୀ ସମୟରେ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ☞ପୃଷ୍ଠା-୨

# ଆଉ ୧୧୪ ରାଫାଲ ଜେଟ୍ ଆସିବ

## ୩.୬ ଲକ୍ଷ କୋଟିର ଅଧିଗ୍ରହଣ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୨ (ପି.ଟି./ ରଏଟର୍ସ)

ଭାରତ ନିକଟରେ ବର୍ତ୍ତମାନ ୩୬ଟି ରାଫାଲ ଯୁଦ୍ଧବିମାନ ରହିଥିବାବେଳେ ଏହି ଧରଣର ଆଉ ୧୧୪ଟି ଜେଟ୍ ଆସିବ। ଫ୍ରାନ୍ସରୁ ୩.୬ ଲକ୍ଷ କୋଟି ଟଙ୍କା (୨୮୦.୪ ବିଲିୟନ୍ ଆମେରିକୀୟ ଡଲାର)ରେ ୧୧୪ ରାଫାଲ ଜେଟ୍ କ୍ରୟ ପ୍ରସ୍ତାବକୁ ଗୁରୁବାର କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

ପ୍ରତିରକ୍ଷା ମନ୍ତ୍ରଣାଳୟ ଦୀର୍ଘଦିନରୁ ବିଚାରାଧୀନ ଥିବା ୧୧୪ ରାଫାଲ ଯୁଦ୍ଧବିମାନ ଅଧିଗ୍ରହଣ ପ୍ରସ୍ତାବ ଉପରେ ମୋହର ମାରିଛି। ୧୩ ବର୍ଷ ପୂର୍ବେ ଅନୁରୂପ ଅଧିଗ୍ରହଣ ପାଇଁ ପ୍ରସ୍ତାବ ରହିଥିଲା, ଯାହାକୁ



ମଞ୍ଜୁରୀ ମିଳି ନ ଥିଲା। ତେବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୱିଜିଶନ୍ କାଉନ୍‌ସିଲ (ଡିଏସି) ୩.୬ ଲକ୍ଷ କୋଟି ଟଙ୍କାର ସାମରିକ ହାର୍ଡୱେର ଅଧିଗ୍ରହଣ ପ୍ରସ୍ତାବକୁ ଗୁରୁବାର ମଞ୍ଜୁରୀ ଦେଇଛି। ଏହାଦ୍ୱାରା ଭାରତୀୟ ସଶସ୍ତ୍ର ବଳର ଯୁଦ୍ଧ ପ୍ରସ୍ତୁତି ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଏହି ପ୍ରକଳ୍ପ ଅଧୀନରେ ରାଫାଲ ନିର୍ମାତା ଦାସଲ୍ଟ ଆଭିଏଶନ୍ ପକ୍ଷରୁ ଉଡ଼ନ୍ତା ସ୍ଥିତିରେ ଥିବା ୧୮ଟି ☞ପୃଷ୍ଠା-୨

# ବେଲଗୁଣ୍ଠା ଅତିରିକ୍ତ ତହସିଲଦାର ଗିରଫ

ବ୍ରହ୍ମପୁର/ବେଲଗୁଣ୍ଠା,୧୨।୨
(ସୁବାସ ଚନ୍ଦ୍ର ପାଢ଼ୀ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠାର ଅତିରିକ୍ତ ତହସିଲଦାର କବିରାଜ ସେଠୀ ଲାଞ୍ଚ ନେଉଥିବା ବେଳେ ଧରାପଡ଼ି ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଜବତ ବାଲି ବୋଝେଇ ଟ୍ରାକ୍ଟର ଛାଡ଼ିଦେବା ପାଇଁ ସେ ଗାଡ଼ି ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଓ କାଗଜପତ୍ର ଜବତ ହୋଇଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ମାମଲା (ନଂ.୧/୨୬) ରୁଜୁ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ସେଠୀଙ୍କ କାର୍ଯ୍ୟାଳୟ, ବେଲଗୁଣ୍ଠା ବାସଭବନ ଓ ପୈତୃକ ବାସଭବନରେ ଏକକାଳୀନ ଚଢ଼ାଉ ଚାଲିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ଭିଜିଲାନ୍ସ ୩ ଜଣ ଆର୍‌ଆଇଙ୍କୁ ଉଠାଇନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ଅତିରିକ୍ତ ତହସିଲଦାର ସେଠୀ ଗତ ୫ ତାରିଖରେ ବାଲି ବୋଝେଇ ହୋଇଥିବା ଏକ ଟ୍ରାକ୍ଟରକୁ ରେକର୍ଡଭୁକ୍ତ ନ କରି ଜବତ କରିଥିଲେ। ଟ୍ରାକ୍ଟର ମାଲିକ ସମସ୍ତ କାଗଜପତ୍ର ଦେଖାଇଥିଲେ ମଧ୍ୟ ଗାଡ଼ି ରିଲିଜ କରିବା ପାଇଁ ସେଠୀ ଟଙ୍କା ଦାବି କରିଥିଲେ।


**ଆଜିର ସମ୍ପାଦକୀୟ** ଏକତରଫା ମୂଲଚାଲ



SIKSHA 'O' ANUSANDHAN
(DEEMED TO BE UNIVERSITY)

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ସୋଲୋ ଆର୍ଟ ଏକ୍ଜିବିଶନ, ସ୍ଥାନ: ଲଳିତକଳା ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ମହାଶିବରାତ୍ରି ଜାଗର ଉତ୍ସବ, ଜାତୀୟସ୍ତରୀୟ ଭଜନ ସମାରୋହ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ, ଏକାମ୍ର ସାଂସ୍କୃତିକ ପ୍ରକାଶନୀ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଟା।
- ସୋଭନୀୟ ପ୍ଲେ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।

**କଟକ**

- କଟକ ଜିଲା ବିଜୁ ଜନତା ଦଳ ପକ୍ଷରୁ ଧାନର ଅଭାବୀ ବିକ୍ରି, କଟନିଛଟନି ନେଇ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟୁଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ସେଲ ଓ ଡ୍ରାମାଟିକ ସୋସାଇଟି ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗଣପତି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବେଲଗଛିଆ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା କବାଡି ଆସୋସିଏଶନ୍ ପକ୍ଷରୁ ୭୩ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ୍ର ଉଦ୍‌ଘାଟନୀ ସମାରୋହ, ଅପରାହ୍ନ ୫ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ନବମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ପୁରୀ**

- ଅନ୍ତର୍ଜାତୀୟ ଓଡ୍ରଜ ସମ୍ମିଳନୀ, ସ୍ଥାନ: ସାମନ୍ତ ଚନ୍ଦ୍ରଶେଖର କଲେଜ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମାତୃପିତୃ ପୂଜନ ଦିବସ, ସ୍ଥାନ: ମ୍ୟୁନିସିପାଲଟି ମାର୍କେଟ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ଜଗତମଙ୍ଗଳ ଦୀପ ପ୍ରଜ୍ଜ୍ୱଳନ, ସ୍ଥାନ: ଲୋକନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା୩୦।

**ବାଲେଶ୍ୱର**

- ବାବା କାଶୀବିଶେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଜହତା, ରୂପ୍‌ସା, ସମୟ: ସକାଳ ୮ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସୁରକ୍ଷା ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଗବତ କଥାମୃତ ପ୍ରବଚନ ସଭା ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ୟୁଥ୍ କ୍ଲବର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବାଖରାବାଦ ଖେଳପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**

- ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ମାନଗୋବିନ୍ଦ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ମୂଳଗାଁ, ନଳାଙ୍ଗ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ତିହିଡ଼ି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**

- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ : ଜଳକଳଙ୍ଗ, ହାଟଡ଼ିହୀ, ସମୟ: ସକାଳ ୫ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ : ମଉଦା, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ସଂକ୍ରାନ୍ତି ବିହିତ ମେଳା, ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ : ଗଡ଼ଚଣ୍ଡୀ ପୀଠ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**

- ଉତ୍ତରଓଡ଼ିଶା ପ୍ରସିଦ୍ଧ ଉଦଳା ସରସ୍ୱତୀ ମେଳାର ଶେଷ ଦିବସ, ସ୍ଥାନ: ଉଦଳା, ସମୟ: ରାତି ୧୦ଟା।

**ଗଞ୍ଜାମ**

- ଏକାକ୍ଷର ଜ୍ୟୋତି ମହାମେଳା, ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଶେରଗଡ଼ ବ୍ଲକ୍ ସୁନାନ୍ତର ନାଥେଶ୍ୱର ପଡ଼ିଆ, ସକାଳ: ୬ଟା।

**ଢେଙ୍କାନାଳ**

- ସମ୍ପୂର୍ଣ୍ଣତା ଅଭିଯାନ ସମ୍ପର୍କିତ କର୍ମଶାଳା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ରେଡିଓ ଢେଙ୍କାନାଳ ପକ୍ଷରୁ ବିଶ୍ୱ ରେଡିଓ ଦିବସ, ସ୍ଥାନ: ରଣପଶି, ଗେଙ୍ଗୁଟିଆ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।
- ପ୍ରକୃତି ପାଇଁ ପଦଯାତ୍ରା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୭ଟା।

**ଅନୁଗୋଳ**

- ଆଠମଲ୍ଲିକ କପ୍ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳପଡିଆ, ସମୟ : ମଧ୍ୟାହ୍ନ ୧୨ଟା।

**ଜଗତ୍‌ସିଂହପୁର**

- ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାରାଦୀପ ଗସ୍ତ, ସ୍ଥାନ: ବ୍ଲୁଫ୍ଲାଗ ବିଚ୍, ପାରାଦୀ,ସମୟ: ସକାଳ ୮ଟା ୩୦।
- ପାରାଦୀପର ସମସ୍ତ ବୃହତ ଶିଳ୍ପକୁ ନେଇ ଶାସନ ସଚିବଙ୍କ ସମୀକ୍ଷା ବୈଠକ, ସ୍ଥାନ: ତୈଳ ବିଶୋଧନାଗାର ଅତିଥି ଭବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।

**ଯାଜପୁର**

- ଜିଲାସ୍ତରୀୟ ରାଜସ୍ୱ ବୈଠକ(ଶିକ୍ଷା), ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା କଲେଜ ୩୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଅଭୟେଶ୍ୱର ମନ୍ଦିରରେ ଶ୍ରୀରାମ ଚରିତ ମାନସ ପାଠ, ସ୍ଥାନ: ଯାଜପୁର ରୋଡ ନହକା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**

- ମା' ରାମଚଣ୍ଡୀ ଆଞ୍ଚଳିକ ସେନାର ଦରିଆରାଣୀ ପତ୍ରିକା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପରିସର, ମହାକାଳପଡ଼ା, ସମୟ: ଅପରାହ୍ନ ୨ଟା।
- ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଓଉପଦା, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**

- ଜାମାଲାଗି ବେଶର ୨୨ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୫ମ ଦିବସ, ସ୍ଥାନ: ନୟାଗଡ଼ ପିଏମଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ଲିଙ୍ଗରାଜ ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ର କାଳୀନ ସର୍ଟ ଗ୍ରାଉଣ୍ଡ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ଖେଳ ପଡିଆ, ସମୟ:ସନ୍ଧ୍ୟା ୬ରୁ ରାତ୍ର ୧୧।
- ଜାତୀୟ ପେନଶନ ବ୍ୟବସ୍ଥା ଉପରେ ଏକ ତାଲିମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**

- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅରବିନ୍ଦ ଶିକ୍ଷା ନିକେତନ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଗୁଗାଗୁଡ଼ା ଆଶ୍ରମ ବିଦ୍ୟାଳୟ, ଚନ୍ଦକା, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ମେଗା ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**

- ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟରେ ଓ କୋରାପୁଟ ଜିଲାର ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**

- ଲୋଇସିଂହା ବିଧାୟକ କପ୍ ଫୁଟବଲ ସେମି ଫାଇନାଲ ଖେଳ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।

**ରାଉରକେଲା**

- ଆର୍ଯ୍ୟଭଟ୍ଟ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା।
- ଅଣ୍ଡର-୧୯ କ୍ରିକେଟ ମ୍ୟାଚ, ସ୍ଥାନ: ଡିଏଭି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିରଜା ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ସେକ୍ଟର-୭ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଏଫ୍‌ଆଇଏଚ୍ ପ୍ରୋଲିଗ୍‌ର ଆର୍ଜେଣ୍ଟିନା ଓ ବେଲଜିୟମ୍ ମ୍ୟାଚ, ସ୍ଥାନ: ବିର୍ସାମୁଣ୍ଡା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

**ବରଗଡ଼**

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କ୍ରୀଡ଼ା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୮ଟା ୩୦।
- ପୁସ୍ତକ ସମୀକ୍ଷା, ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ), ବରଗଡ଼,ସମୟ:ସନ୍ଧ୍ୟା ୫ଟା ୩୦।

**ସୁବର୍ଣ୍ଣପୁର**

- ମା' ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମ ସଂକୀର୍ତ୍ତନ୍ୟ, ସ୍ଥାନ:ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ଆଇନଶୃଙ୍ଖଳା ପରିସ୍ଥିତି ଓ ଚାଷୀ ସମସ୍ୟା ନେଇ ବିଜେଡିର ଆନ୍ଦୋଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' କରମସାନୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**

- କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ୫ମ ଦିବସ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଝାରସୁଗୁଡ଼ା**

- ଭାଗବତ ଏକାଦଶ ସ୍କନ୍ଧ ପଠନ କାର୍ଯ୍ୟକ୍ରମ, ସ୍ଥାନ:ପୂଜାରିପାଲି ଜଗନ୍ନାଥ ମନ୍ଦିର, ସମୟ:ସକାଳ ୮ଟା।
- ଝାଡେଶ୍ୱର ମନ୍ଦିର କମିଟି ତରଫରୁ ପ୍ରେସ ମିଟ, ସ୍ଥାନ: ଯୋଗେଶ୍ୱର ମନ୍ଦିର ପରିସର, ସମୟ:ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ନବମସ୍ଥ ଚନ୍ଦ୍ର ଆର୍ଥିକ ଅଭିବୃଦ୍ଧି, ବନ୍ଧୁ ସମ୍ପର୍କ ଏବଂ କାର୍ଯ୍ୟସିଦ୍ଧି କରାଇବ। କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ଚିନ୍ତା ବଢିଯିବ। ଅନ୍ୟମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରିବ ନାହିଁ। ହାତରୁ ଖାଇ ପର ପାଇଁ ଖଟିପାରନ୍ତି।

**ବୃଷ** ଖୁସି ମନରେ କାମ କରିବା ସାଙ୍ଗକୁ ଯେମିତି ଚାହୁଁଛନ୍ତି ତାହା କରିବା କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ। ବାଧ୍ୟବାଧକତାରେ କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଦୂରଭ୍ରମଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ମିଥୁନ** ଆଜିର ଗ୍ରହସ୍ଥିତି ଅନୁଯାୟୀ କିଛି ପାଇବାକୁ ହେଲେ ଦେବାକୁ ପଡିପାରେ। କର୍ମାରମ୍ଭରେ ସହକର୍ମୀଙ୍କ ଅସହଯୋଗ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଆନୁଷ୍ଠାନିକ କାମ କିମ୍ବା ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟସ୍ତ ରହିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କଲେ ଉପକୃତ ହେବେ।

**କର୍କଟ** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ମାଧ୍ୟମରେ ମନର କଥାକୁ ପ୍ରକାଶ କରି ଅଭିଳାଷ ପୂରଣ କରିବେ। ଅଭାବ ନ ଥିଲେ ମଧ୍ୟ ଖର୍ଚ୍ଚରୁ ଦୂରେଇ ରହିବା ଦ୍ୱାରା ସମାଲୋଚିତ ହେବାକୁ ପଡିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି।

**ସିଂହ** ଆପଣଙ୍କ ଲୋଭନୀୟ ପ୍ରତିଶ୍ରୁତି ଲୋକସମ୍ପର୍କ ବୃଦ୍ଧିରେ ସାହାଯ୍ୟ କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ଆର୍ଥିକ ଅନଟନ ରହିଥିଲେ ଆବଶ୍ୟକ ସମୟରେ ବନ୍ଧୁଙ୍କ ସାହାଯ୍ୟରୁ କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ଆଜି ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ଉଚ୍ଚ ସମ୍ମାନ, ପ୍ରଚୁର ଅର୍ଥ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ପ୍ରଦାନ କରିବ। ନୂତନ କାମ ଆରମ୍ଭ କରି ଗୁରୁଜନ ଓ ବୟସ୍କବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହେବେ। ପରିସ୍ଥିତି ବଶତଃ ପଡ଼ୋଶଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଶତ୍ରୁତା କରୁଥିବା ଲୋକ ଫାଇଦା ହାସଲର ଅପଚେଷ୍ଟା କରିବେ।

**ତୁଳା** କଠିନ ଶ୍ରମ ଏବଂ ବିଶେଷ ଭ୍ରମଣରୁ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହି ପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ଶତ୍ରୁତା ହଠାତ୍ ପ୍ରଶମିତ ହେବନି କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା** ବର୍ତ୍ତମାନର ସ୍ଥିତିରେ ପରିବର୍ତ୍ତିତ ସମୟକୁ ନେଇ ଚିନ୍ତାଧାରା ବଦଳିଯିବ। ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କୁ ମଧ୍ୟ ମାଙ୍ଗଳିକ କାମରେ ବିସ୍ମରି ଯାଇପାରନ୍ତି। ହାତକୁ ନେଇଥିବା କାମଗୁଡିକ ଅସମ୍ପୂର୍ଣ୍ଣ ରହିବାରୁ ମନ ଭଲ ରହି ନ ପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ** ନିଜର ଗୁରୁତ୍ୱପୂର୍ଣ୍ଣ କାମକୁ ପଛରେ ପକାଇ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। ସନ୍ତାନଙ୍କ ଦୁର୍ବଳସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ବନ୍ଧୁଙ୍କସହ ଆଲୋଚନା କରିବେ। ଆତ୍ମୀୟଙ୍କ ସହଯୋଗରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ସାମୟିକ ଖୁସି ଅନୁଭବ କରିବେ।

**ମକର** ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଯେଉଁ କାମ ଆରମ୍ଭ କରିବେ ବିନା ବାଧାବିଘ୍ନରେ ସମାପନ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ପାଇବେ। ଜନହିତକର କାର୍ଯ୍ୟରେ ନିୟୋଜିତ ହେବେ। ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ପାଇଁ ବନ୍ଧୁବର୍ଗଙ୍କ ସାହାଯ୍ୟ ନେବାକୁ ପଡିପାରେ।

**କୁମ୍ଭ** ଆପଣଙ୍କ ଉନ୍ନତ ଚିନ୍ତାଧାରା ଏବଂ କୌଶଳପୂର୍ଣ୍ଣ କାର୍ଯ୍ୟଶୈଳୀରୁ ପାରିବାରିକ ସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଓ ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହିବେ। ପରିଜନଙ୍କ ସହିତ ନୂତନ ଦର୍ଶନୀୟସ୍ଥାନ ପରିଭ୍ରମଣ ସାଙ୍ଗକୁ ଦେବାର୍ଚ୍ଚନା ସକାଶେ ମନ ବଳାଇବେ।

**ମୀନ** ସବୁକିଛି ଠିକ୍ ଚାଲିଥିଲେ ମଧ୍ୟ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁସମ୍ପର୍କ ହାନିର କାରଣ ହେବ। ପରୋକ୍ଷରେ କେହି ଅସୁବିଧାରେ ପକାଇପାରନ୍ତି। ସଭାସମିତି, ଆଲୋଚନା ପରିସର, ରାଜନୈତିକ ସ୍ଥିତି ଓ ପ୍ରଶାସନିକ ସ୍ତରରେ ପ୍ରତିରୋଧ ଦୂରେଇଯିବ। ନୂତନ ସ୍ଥାନ ପରିଦର୍ଶନର ମଉକା ପାଇ ଆନନ୍ଦ ଅନୁଭବ କରିପାରନ୍ତି।

ଆଜି କୁମ୍ଭ ସଂକ୍ରାନ୍ତି, ଫେବୃଆରୀ ୧୩ ତାରିଖ, ବିଶ୍ୱ ରେଡିଓ ଦିବସ, ସର୍ବସମ୍ମତ ପଙ୍କୋଦ୍ଧାର ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ମୂଳା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬.୨୦ମି. ଗତେ ଘ.୦୭।୦୫ମି. ମଧ୍ୟେ, ଘ.୦୭।୫୧ମି. ଗତେ ଘ.୦୯।୧୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୫ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁ କାଳ।

## ନବରଙ୍ଗପୁରରେ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

**ନବରଙ୍ଗପୁର,୧୨।୨(ସଦାଶିବ ପ୍ରହରାଜ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନବରଙ୍ଗପୁର ଜିଲା ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଶୁଭାରମ୍ଭ କରିବେ। ଏନେଇ ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ନବରଙ୍ଗପୁରରୁ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଶୁଭାରମ୍ଭ କରିବେ। ଏଥିସହ ୫୦ ଏକର ୫୪ ଡିସିମିଲ ଜମିରେ ପଡ଼ାଲଗୁଡ଼ାରେ ନିର୍ମାଣ ହେବାକୁ ଥିବା ନୂତନ ସରକାରୀ ମେଡିକାଲ କଲେଜ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜିଲାର ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିଭାଗୀୟ ଉନ୍ନତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆର୍ଥିକ ଅନଗ୍ରସର ଶ୍ରେଣୀର ବରିଷ୍ଠ ନାଗରିକ (୬୦ ରୁ ୭୫ ବର୍ଷ ବୟସ୍କ) ଓ ୭୫ ବର୍ଷ ବୟସ ମଧ୍ୟରେ ସମସ୍ତ ବିଧବା ମହିଳା ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ରାଜ୍ୟ ସରକାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ଭକ୍ତଙ୍କ ଯାତାୟାତ ଓ ଅନ୍ୟ ଆବଶ୍ୟକ ବ୍ୟବସ୍ଥାର ସମସ୍ତ ଖର୍ଚ୍ଚ ବହନ କରିବେ। ଶୁକ୍ରବାର ୪ଟି ବସ୍‌ରେ ୧୪୮ ତୀର୍ଥଯାତ୍ରୀ ଓ ୧୨ ଜଣ ନୋଡାଲ ଅଧିକାରୀ ପୁରୀ ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ଥିବା ଜିଲାପାଳ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଜଗଦୀଶ ରୟ ମଧ୍ୟ ଉପସ୍ଥିତ ଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ତେନ୍ତୁଳି, ପଛେ ତାଳ,**
**ଘର ଗୁସିଆଁର ପୂରିଲା କାଳ।**

ଦାଣ୍ଡରେ ତେନ୍ତୁଳି ଓ ବାଡ଼ି ପଟେ ତାଳଗଛ ଲଗାଇବା ଉଚିତ ହୋଇ ନ ଥାଏ। ଏପରି ସ୍ଥାନରେ ଏଭଳି ଗଛ ଲଗାଇଲେ ପରୋକ୍ଷରେ ଏହା ଘରର ମୁରବି ବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପ୍ରତି କ୍ଷତି ପହଞ୍ଚାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗ ଚଲାଏ, ପଛ ବୋଲାଏ,**
**ମଝି ବନ୍ଧୁ ଦର୍ଶନ କରାଏ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଓଏଭିରେ ବୋର୍ଡ ପରୀକ୍ଷା ପରିଚାଳନା ନେଇ ସମୀକ୍ଷା

**ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ ବା ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ଗୁରୁବାର ଏକ ସମୀକ୍ଷା ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଏନ୍.ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିବାବେଳେ ଆଭାସୀ ମାଧ୍ୟମରେ ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ଅଂଶଗ୍ରହଣ କରିଥିଲେ। ଡ. ନାୟକ ସିବିଏସ୍‌ଇ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରୀଛାତ୍ରଙ୍କ ପୂର୍ବବର୍ଷର ବାର୍ଷିକ ଫଳାଫଳର ସମୀକ୍ଷା କରିଛନ୍ତି। ଚଳିତ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ଫଳାଫଳକୁ ଉନ୍ନତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉତ୍ତମ ପ୍ରଦର୍ଶନ ସୁନିଶ୍ଚିତ କରିବା ଏବଂ ବିଦ୍ୟାଳୟରେ ଶୈକ୍ଷିକ ଉତ୍କର୍ଷ ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ସମସ୍ତ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକକୁ ସମ୍ବୋଧିତ କରି ଡ. ନାୟକ କହିଲେ, ସିବିଏସ୍‌ଇ ବୋର୍ଡ ପରୀକ୍ଷା ଆମ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସିବିଏସ୍‌ଇ ନିର୍ଦ୍ଦେଶାବଳୀ କଡ଼ାକଡ଼ି ପାଳନ କରିବା, ଉପଯୁକ୍ତ ଯାତାୟାତ ବ୍ୟବସ୍ଥା, ପରୀକ୍ଷା କେନ୍ଦ୍ରର ସୁରକ୍ଷା ଏବଂ ଛାତ୍ର ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷରେ ୨୫୦ ଓଏଭିରୁ ପ୍ରାୟ ୧୭,୦୪୧ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବାବେଳେ ୨୧୪ ଓଏଭିରୁ ୪,୭୪୭ ଜଣ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷା ଦେବେ। ସିବିଏସ୍‌ଇ ସାରା ରାଜ୍ୟର ୭୩ଟି ଓଏଭିକୁ ପରୀକ୍ଷା କେନ୍ଦ୍ର ଭାବେ ନିର୍ଣ୍ଣୟ କରିଛି। ବୈଠକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମିତା ରାଉତ, ବିଭାଗର ଅତିରିକ୍ତ ଶାସନ ସଚିବ, ଓଏଭି ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାରତ ବନ୍ଦ...

ପ୍ରଥମ ପୃଷ୍ଠାରୁ...

ଅବଦୁଲ ଫନ୍ନେଇମ ଖାନ୍‌ଙ୍କୁ ଜୟଦେବ ବିହାର ରାସ୍ତାରେ ଆନ୍ଦୋଳନକାରୀ ଅଟକାଇ ଦେଇଥିଲେ। ବର ଜଣଙ୍କ ନେହୁରା ହେବାପରେ ତାଙ୍କୁ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ କହିବା ସହ ଶ୍ରମିକ ସଂଗଠନ ଜିନ୍ଦାବାଦ୍ କରିବାକୁ ବାଧ୍ୟ କରିଥିଲେ। ଆନ୍ଦୋଳନକାରୀଙ୍କ ସ୍ୱରରେ ବର ଜଣକ ସ୍ୱର ମିଳାଇବା ପରେ ତାଙ୍କୁ ଛଡ଼ା ଯାଇଥିଲା। ଏନେଇ ଅବଦୁଲ କହିଛନ୍ତି, ବନ୍ଦ ସମ୍ପର୍କରେ କୌଣସି କଥା ସେ ଜାଣି ନ ଥିଲେ। ବିବାହ କରିବା ପାଇଁ ପୂର୍ବରୁ ତାରିଖ ଧାର୍ଯ୍ୟ ହୋଇଥିବାରୁ ସେ ବରଯାତ୍ରୀଙ୍କୁ ସାଙ୍ଗରେ ଆଣି ଆସୁଥିବାବେଳେ ଆନ୍ଦୋଳନକାରୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ବୋଲି କହିଛନ୍ତି। କେବଳ ବର ନୁହେଁ, ଜୟଦେବ ବିହାର ଛକ ନିକଟରେ ଏକ ଆମ୍ବୁଲାନ୍ସ ମଧ୍ୟ ଫସିଯାଇଥିଲା। ଏନ୍‌ଏଚ୍‌ରେ ଶତାଧିକ ଟ୍ରକ୍ ପଛକୁ ପଛ ରହିଯାଇଥିବାରୁ ଆଉ ଆମ୍ବୁଲାନ୍ସ ଆଗକୁ ବଢ଼ି ପାରି ନ ଥିଲା। ରାୟଗଡ଼ା ସହର ଉପକଣ୍ଠସ୍ଥିତ ସିରିଗୁଡା ଛକରେ ଶ୍ରମିକ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଥିବାବେଳେ ସେହି ରାସ୍ତାରେ ଅଟକି ଥିବା ପୋଲିସ ଗାଡ଼ିର ବ୍ରେକ ଫେଲ ହୋଇଯିବାରୁ ଆନ୍ଦୋଳନକାରୀମାନଙ୍କ ଉପରକୁ ମାଡ଼ି ଯାଇଥିଲା। ସୌଭାଗ୍ୟବଶତଃ ଏହି ଅଘଟଣରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ଆନ୍ଦୋଳନ କରୁଥିବା ବିଭିନ୍ନ ସଂଗଠନର ନେତାଙ୍କ ପାଇଁ ରଖା ଯାଇଥିବା ଚେୟାର ଉପରକୁ ଗାଡ଼ି ମାଡି ଯାଇଥିଲା। ଫଳରେ ବହୁ ଚେୟାର ନଷ୍ଟ ହୋଇ ଯାଇଥିଲା। ମଧ୍ୟାହ୍ନ ୧୨ଟା ପରେ ଅଧିକାଂଶ ସ୍ଥାନରେ ଗାଡ଼ି ଚଳାଚଳ ଏବଂ ଦୋକାନ ବଜାର ସ୍ୱାଭାବିକ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ ରେଳରୋକୋ, ପିକେଟିଂ ଓ ବିକ୍ଷୋଭ କରାଯାଇଥିଲା। ଶ୍ରମିକ ସଂଗଠନଗୁଡ଼ିକର ଏହି ସର୍ବଭାରତୀୟ ଧର୍ମଘଟକୁ ଓ କଂଗ୍ରେସ ଏବଂ ବିଜେଡି (ବିଜୁ ଶ୍ରମିକ ସାମ୍ମୁଖ୍ୟ) ସମର୍ଥନ କରିଥିଲେ। ଅନ୍ୟ ସଂଗଠନଗୁଡ଼ିକ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ ଜଣାଇଥିବାରୁ ରାଜ୍ୟରେ ସ୍କୁଲ, କଲେଜ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ପରିବହନ ସେବା ବାଧାପ୍ରାପ୍ତ ହୋଇଥିଲା। ଶ୍ରମ ଆଇନରେ ସଂଶୋଧନ, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫କୁ ପ୍ରତ୍ୟାହାର, ଭିବି-ଜି ରାମ୍‌ଜି ଆଇନ ବଦଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲାଗୁ, ଚାଷୀ ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ୍ ୨୦୨୫ ପ୍ରତ୍ୟାହାର, ସ୍ୱାମୀନାଥନ କମିଶନ ଅନୁସାରେ ଏମ୍‌ଏସ୍‌ପି ଲାଗୁ, ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଦରଦାମ ଓ ବେକାରି ନିୟନ୍ତ୍ରଣ, ସାମ୍ପ୍ରଦାୟିକ ବିଦ୍ୱେଷ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏସଇଡବ୍ଲୁଏ, ଏଲ୍‌ପିଏଫ୍, ସଂଯୁକ୍ତ କିଷାନ ମୋର୍ଚ୍ଚା, ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ, ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ସଂଘ, ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହୋଇଥିଲେ।

## ସାମିଲ ହେଲେ...

ପରିବହନ, ସ୍ୱାସ୍ଥ୍ୟସେବା, କୋଇଲା ଓ ଅଣକୋଇଲା ଖଣି, ଗ୍ୟାସ୍ ପାଇପ୍‌ଲାଇନ ଏବଂ ବିଦ୍ୟୁତ୍ ସେକ୍ଟର ପ୍ରଭାବିତ ହୋଇଛି। ଓଡ଼ିଶାରେ ବିକ୍ଷୋଭକାରୀମାନେ ରାସ୍ତା ଓ ପରିବହନ ସେବାକୁ ଅବରୋଧ କରିଥିଲେ। ଫଳରେ ରାଜ୍ୟରେ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଝାଡ଼ଖଣ୍ଡରେ ବ୍ୟାଙ୍କିଙ୍ଗ, ବୀମା ଓ କୋଇଲା ସେକ୍ଟର ପ୍ରଭାବିତ ହୋଇଥିବାବେଳେ କେରଳରେ ବନ୍ଦ ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଗୋଆରେ ବନ୍ଦର ମିଶ୍ରିତ ପ୍ରଭାବ ଅନୁଭୂତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ପଞ୍ଜାବ, ହରିୟାଣା ଓ ଚଣ୍ଡିଗଡ଼ରେ କର୍ମଚାରୀମାନେ ବିକ୍ଷୋଭ ଧର୍ମଘଟରେ ସାମିଲ ହୋଇଥିଲେ। ଟ୍ରେଡ୍ ୟୁନିୟନଗୁଡ଼ିକର ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇଥିଲା। କେନ୍ଦ୍ର ସରକାର କୃଷକ ଓ ଶ୍ରମିକମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବାବେଳେ ସେମାନଙ୍କ ସ୍ୱରକୁ ଅଣଦେଖା କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ଆଉ ୧୧୪ ରାଫାଲ...

ଏୟାରକ୍ରାଫ୍ଟ ଯୋଗାଇଦିଆଯିବ ଏବଂ ଅବଶିଷ୍ଟ ଜେଟ୍‌ଗୁଡ଼ିକର ନିର୍ମାଣ ଭାରତରେ କରାଯିବ। ସେଗୁଡ଼ିକରେ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ରାଫାଲ ଯୁଦ୍ଧବିମାନ କିଣିବାରେ କେତେ ଟଙ୍କା ଖର୍ଚ୍ଚ ହେବ ସେନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କିଛି କୁହାଯାଇ ନ ଥିଲେ ହେଁ ଏଥିପାଇଁ ୨.୯ ଲକ୍ଷ କୋଟିରୁ ୩.୧୫ ଲକ୍ଷ କୋଟି ଟଙ୍କା ଭାରତ ପଇଠ କରିବ ବୋଲି ମନେକରାଯାଉଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ଫେବୃଆରୀ ୧୭ରେ ୩ ଦିନିଆ ଭାରତ ଗସ୍ତରେ ଆସୁଥିବାବେଳେ ଏହା ପୂର୍ବରୁ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯିବା ଦ୍ୱିପାକ୍ଷିକ ବାଣିଜ୍ୟିକ ଓ ବୈଷୟିକ ସମ୍ପର୍କ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ଏହି ଅଧିଗ୍ରହଣ କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ ଅନୁମୋଦନ କରିବେ। ପ୍ରକାଶ ଯେ, ୨୦୧୯ ଏପ୍ରିଲରେ ଭାରତୀୟ ବାୟୁସେନା ପକ୍ଷରୁ ୧୧୪ଟି ମଲ୍ଟି-ରୋଲ୍ ଫାଇଟର ଏୟାରକ୍ରାଫ୍ଟ (ଏମ୍‌ଆର୍‌ଏଫ୍‌ଏ) କିଣିବା ନେଇ ଏକ ରିକ୍ୱେଷ୍ଟ ଫର୍ ଇନ୍‌ଫର୍ମେଶନ୍ (ଆର୍‌ଏଫ୍‌ଆଇ) ଜାରି କରାଯାଇଥିଲା। ସେତେବେଳେ ଏହାର ମୂଲ୍ୟ ୧୮ ବିଲିୟନ୍ ଆମେରିକୀୟ ଡଲାର ଧାର୍ଯ୍ୟ କରାଯାଇଥିଲା।

## ରାଜ୍ୟ କ୍ୟାବିନେଟ୍‌ରେ...

ଉଲ୍ଲେଖଯୋଗ୍ୟ ଯେ, ଆବେଦନକାରୀ ଦିଲ୍ଲୀପ କୁମାର ବରାଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ୨ଟି ଆବେଦନ କରିଥିଲେ। ପ୍ରଥମରେ ଜଷ୍ଟିସ ରଘୁବୀର ଦାଶ କମିଶନ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଦାଖଲ କରିଥିବା ରିପୋର୍ଟ ରାଜ୍ୟ କ୍ୟାବିନେଟରେ ଉପସ୍ଥାପନ କରିବାକୁ ସରକାର ସତ୍ୟପାଠରେ ହାଇକୋର୍ଟଙ୍କୁ ଜଣାଇଥିଲେ। ମାତ୍ର ଅଦ୍ୟାବଧି ତାହା ଦାଖଲ କରାଯାଇନାହିଁ। ଦ୍ୱିତୀୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ରହିଥିବା ଶ୍ରୀଜୀଉମାନଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଗଣତିମଣତି କରାଯାଇ ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଉ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ଏଜିଏ ଶାଶ୍ୱତ ଦାସ ମାମଲା ପରିଚାଳନା କରୁଛନ୍ତି।

# ବଜେଟ ପାଇଁ ସଚିବଙ୍କୁ ଛୁଟି ମନା

ଭୁବନେଶ୍ୱର,୧୨।୨
(ରବିନାରାୟଣ ଜେନା)

ରାଜ୍ୟକୁ ଉନ୍ନତ କରିବାକୁ ହେବ ଓ ସରକାରୀ କାର୍ଯ୍ୟରେ ଯେଭଳି ବାଧା ନ ଉପୁଜିବ, ତାହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସବୁ ବିଭାଗର ସଚିବଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶନାମାକୁ ନେଇ ସବୁ ବିଭାଗ ସଚିବଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ଆଗକୁ ବିଧାନସଭାର ବଜେଟ ଅଧିବେଶନ ରହିଛି। ଏହି ସମୟରେ କୌଣସି ସଚିବ ଛୁଟିରେ ରହିପାରିବେ ନାହିଁ। ଯଦି କୌଣସି ଜରୁରୀ କାର୍ଯ୍ୟ ପଡ଼େ ତେବେ ମୁଖ୍ୟ ସଚିବଙ୍କଠାରୁ ପୂର୍ବ ଅନୁମୋଦନକ୍ରମେ ଛୁଟିରେ ଯାଇପାରିବେ। ସେହିପରି ବଜେଟ ସଂକ୍ରାନ୍ତୀୟ ଯଦି କୌଣସି ନୂତନ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥାଏ, ତାହାକୁ ତୁରନ୍ତ ଅବଗତ କରାଇଲେ ରାଜ୍ୟପାଳଙ୍କ ବଜେଟ ଅଭିଭାଷଣରେ ସ୍ଥାନ ଦିଆଯାଇପାରିବ। ତେବେ ଉକ୍ତ ତଥ୍ୟ ସରକାରଙ୍କ ପାଇଁ ସକାରାତ୍ମକ ଓ ବିକାଶମୁଖୀ ହୋଇଥିବା ଆବଶ୍ୟକ। ଏହାବାଦ୍ ବିଭାଗକୁ ଯଦି କେହି ଡେଲିଗେଟ୍ସ ଆସିବାର ସମ୍ଭାବନା ରହିଛି, ତେବେ ତାହା ପୂର୍ବରୁ ଜଣାଇବା ଆବଶ୍ୟକ। ବଜେଟ ଅଧିବେଶନ ପାଇଁ ତାହାକୁ ଠିକଣା ଭାବେ ସୂଚୀ ପ୍ରସ୍ତୁତ କରିବା ଲାଗି ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିବା ନନ୍ଦଙ୍କ ବିବରଣୀରୁ ଜଣାପଡ଼ିଛି।

# 'ଆଇନ ବିଭାଗ ବିଜ୍ଞପ୍ତି ପରେ ଗଣତିମଣତି ତାରିଖ ସ୍ଥିର ହେବ'

କଟକ,୧୨।୨(କାର୍ତ୍ତିକ ସାହୁ)

ରତ୍ନଭଣ୍ଡାରରେ ଅଳଙ୍କାର ଗଣତିମଣତି ପାଇଁ ରତ୍ନଭଣ୍ଡାର ହାଇପାୱାର କମିଟି ପ୍ରସ୍ତୁତ। ଆଇନ ବିଭାଗର ବିଜ୍ଞପ୍ତି ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ନେଇ ତାରିଖ ସ୍ଥିର ହେବ। ହାଇକୋର୍ଟ ନିର୍ଦ୍ଧାରଣ କରିଥିବା ସମୟ ସୀମା ମଧ୍ୟରେ ଗଣତିମଣତି କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରତ୍ନଭଣ୍ଡାର ହାଇପାୱାର କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି କମିଟି ଅଧ୍ୟକ୍ଷ। ଜଷ୍ଟିସ ରଥ କହିଛନ୍ତି, କମିଟି ଏହି ଦାୟିତ୍ୱ ତୁଲାଇବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଯେତେ ଶୀଘ୍ର ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବ, ସେତେ ଶୀଘ୍ର କମିଟି ବୈଠକ କରି ଗଣତି ପାଇଁ ତାରିଖ ଧାର୍ଯ୍ୟ କରିବ। ହାଇକୋର୍ଟ ୩ ମାସର ସମୟସୀମା ବାନ୍ଧି ଦେଇଥିବାରୁ, ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ କମିଟି ପକ୍ଷରୁ ପୂର୍ଣ୍ଣ ପ୍ରାଣରେ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ତେବେ ଗଣତିମଣତି ଏକ ଜଟିଳ ଓ ସମ୍ବେଦନଶୀଳ ପ୍ରକ୍ରିୟା। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମୟ କମିପାରେ କିମ୍ବା କିଛି ସମୟ ପାଇଁ ଦର୍ଶନ ବ୍ୟାହତ ହୋଇପାରେ। ତେଣୁ ଜଗନ୍ନାଥ ପ୍ରେମୀ ଓ ଭକ୍ତମାନେ ଏହି କାର୍ଯ୍ୟରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।




# ଧାନ ଉଠାଣକୁ ନେଇ ମନ୍ତ୍ରୀ ବଳସାମନ୍ତ-ଅରୁଣ କଥା କଟାକଟି

- **ବିଧାନସଭାରେ ବିରୋଧୀ ପ୍ରଶ୍ନ କଲେ ଉତ୍ତର ପ୍ରସ୍ତୁତ ଅଛି: ମନ୍ତ୍ରୀ**
- **କାଗଜ କଲମରେ ନା ସତରେ ଧାନ ଉଠାଉଛନ୍ତି ସ୍ପଷ୍ଟ କରନ୍ତୁ: ଅରୁଣ**

ଭୁବନେଶ୍ୱର, ୧୨।୨(ସୁନିତ୍ ମିଶ୍ର)

ରାଜ୍ୟରେ ଧାନ ଉଠାଣରେ ବିଳମ୍ବ ହେବା, ମଣ୍ଡି ନ ଖୋଲିବା ଆଦି ବିଷୟକୁ ନେଇ ବିରୋଧୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲିଛି। ଏପରିକି ବିରୋଧୀ ଅଭିଯୋଗ କରୁଛନ୍ତି, ରାଜ୍ୟ ସରକାର ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ସର୍ବାଧିକ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଉପରେ ୩୧୦୦ ଟଙ୍କା ଦେବାକୁ ସରକାର କହୁଛନ୍ତି। ରାଜ୍ୟ ସରକାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ବୋଲି ବିରୋଧୀ ଅଭିଯୋଗ କରୁଥିବା ବେଳେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପଟେ ମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ ବିଜେଡି ବିଧାୟକ ଅରୁଣ କୁମାର ସାହୁ ପାଲଟା ସମାଲୋଚନା କରିଛନ୍ତି।

ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ବାସ୍ତବରେ ମିଲରମାନଙ୍କ ଭଣ୍ଡାର କ୍ଷମତା ଯେତିକି ଥିଲା ସେଥିରେ ଧାନ ଆଉ ଚାଉଳ ରହିଯାଇଛି, ଯାହା ଏଯାଏଁ ଉଠିପାରୁ ନାହିଁ। ଯେତିକି ସେମାନଙ୍କ ଷ୍ଟୋରେଜ ଖାଲି ହେଉଛି ସେତିକି ଧାନ ଉଠାଯାଉଛି। ସେଥିଲାଗି ଟିକେ ବିଳମ୍ବ ହେଉଛି, ତା'ଛଡ଼ା ଅନ୍ୟ କିଛି କାରଣ ନାହିଁ। ସମୟ ଗଲେ ମଧ୍ୟ ଧାନ ଉଠିବ। ଡବଲ ଇଞ୍ଜିନ ସରକାରରେ କିଛି ଅସୁବିଧା ହେବନାହିଁ। ଏ ବାବଦରେ ଆଲୋଚନା ହେଉଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେବା ପରେ ରାଜ୍ୟରେ ଧାନଚାଷ ବଢ଼ିଯାଇଛି। ବିଜେଡି ସରକାର ୧୦୦ ଟଙ୍କା ବୋନସ ଦେବେ କହି ଦେଇ ନ ଥିଲେ। ଏବେ ଯଦି ଭାଜପା ସରକାର ୮୦୦ ଟଙ୍କା ଅଧିକ ଦେଲେ, ତା'ପରେ ଯେଉଁମାନେ ଚାଷ କରୁ ନ ଥିଲେ ଜମି ଖାଲି ପଡୁଥିଲା ସମସ୍ତେ ଚାଷ ପ୍ରବଳ ମାତ୍ରାରେ କଲେ। ତା'ପରେ ଧାନ ଚାଷ ଲାଗି ରାଜ୍ୟରେ ଷ୍ଟୋରେଜି ବଢାଇବା ଲାଗି ମଡେଲ ମଣ୍ଡି ୧୦୦ଟା ନିର୍ମାଣ ହେବ। ଏଥିଲାଗି ଓବିସିସିକୁ ୩୧୨ କୋଟି ଟଙ୍କା ଦିଆସରିଛି ଓ କାମ ମଧ୍ୟ ଆରମ୍ଭ ହେଲାଣି। ଏହାପରେ ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ସ୍ଥାପନ ସହ ଭଣ୍ଡାର କ୍ଷମତା ବଢାଯିବ, ଯେଉଁଠି ୫ରୁ ୧୦ ଏକର ଜାଗା ଅଛି ସେଠାରେ ମଡେଲ ଧାନମଣ୍ଡି ତିଆରି ହେବ। ବିଧାନସଭାରେ ବିରୋଧୀ ପ୍ରଶ୍ନ କଲେ ଉତ୍ତର ପ୍ରସ୍ତୁତ ହୋଇସାରିଛି ଓ ତା' ଠିକ୍ ସମୟରେ ଦିଆଯିବ ବୋଲି ସେ କହିଛନ୍ତି।

ବିଧାୟକ ଅରୁଣ ସାହୁ କହିଛନ୍ତି, ସରକାରକୁ ଆସିଗଲେ କ'ଣ ହେବ ଯଦି ଚାଷ ଏବଂ ଚାଷୀଙ୍କ ବାବଦରେ ଅଭିଜ୍ଞତା ନ ଥିବା ଏପରି ଅବାନ୍ତର କଥା ସବୁ କହିବେ। ସରକାର ଧାନ ଧୀରେ ଧୀରେ ଉଠାଉଛନ୍ତି ଏବଂ ୬୦ ପ୍ରତିଶତ ଉଠିସାରିଲାଣି ବୋଲି ଯେଉଁ ଦାବି କରୁଛନ୍ତି ସେମାନେ ଆଗ କୁହନ୍ତୁ ଗୋଦାମ ଘର ତ ଖାଲି ନ ଥିଲା ତୁମେ କେଉଁଠାରେ ରଖିଲ। କାଗଜ କଲମରେ ନା ସତରେ ଧାନ ଉଠାଉଛନ୍ତି ସ୍ପଷ୍ଟ କରନ୍ତୁ। କଟ୍‌ନି ଛଟ୍‌ନି ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ତ ଚାଲିଛି ତାକୁ କାହିଁକି ବନ୍ଦ କରିପାରିଲେନାହିଁ। ଚାଷୀଙ୍କୁ ଧାନ ଦେବାର ଟାର୍ଗେଟ ଗତଥର ତୁଳନାରେ କମ୍ ଟାର୍ଗେଟ ଦେଇଛନ୍ତି। ଫେବୃଆରୀରେ ଟୋକନ୍ ଦେଇ ମାର୍ଚ୍ଚରେ ଧାନ ଉଠାଇବା ପାଇଁ ଟାର୍ଗେଟ ଦେଇଛନ୍ତି। ଏମାନେ ଭିତରକୁ ଯାଉଛନ୍ତି ନା ଉପରୁ ଉପରୁ କଥା କହୁଛନ୍ତି ନା ଚାଷୀଙ୍କ ପ୍ରତି ସମ୍ବେଦନଶୀଳତା ରହିଛି ଏମାନଙ୍କର କିଛି ନାହିଁ। ଯଦି ଧାନ କୁଇଣ୍ଟାଲକୁ ୩୧୦୦ ଟଙ୍କା ଦେବେ ଏବଂ ୧୦ରୁ ୧୪ କେଜି କଟ୍‌ନି ଛଟ୍‌ନିରେ କଟିଲା ସେହି ବାଟରେ ତ ଟଙ୍କା ନେଇଗଲେ ଲାଭ କେଉଁଠି ଚାଷୀ ପାଇଲେ। ମିଲର ଏବଂ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି ବୋଲି ଅରୁଣ କହିଛନ୍ତି।

# ସୁରକ୍ଷା ପ୍ରସଙ୍ଗରେ ଗାନ୍ଧୀମୂର୍ତ୍ତି ତଳେ ବିଜେଡି ଏମ୍‌ପିଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୨।୨ (ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ସୁରକ୍ଷା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗୁରୁବାର ବିଜେଡିର ୬ ଜଣ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର, ନିରଞ୍ଜନ ବିଶି, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ, ମାନସ ମଙ୍ଗରାଜ ଏବଂ ସୁଲତା ଦେଓ ପାର୍ଲାମେଣ୍ଟ ବାହାରେ ଥିବା ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦ ସମୟରେ ବିଜେଡିର ଅନ୍ୟ ଜଣେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍(ମୁନା) ଅନୁପସ୍ଥିତ ଥିଲେ। ପ୍ରତିବାଦ କରୁଥିବା ସବୁ ଏମ୍‌ପିଙ୍କ ହାତରେ ପ୍ଲାକାର୍ଡ ରହିଥିଲା। ସେହି ପ୍ଲାକାର୍ଡରେ ୪ ପ୍ରକାର ଲେଖା ରହିଥିଲା। ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଏମ୍‌ପି ସୁଭାଶିଷ ଖୁଣ୍ଟିଆଙ୍କୁ ସୁରକ୍ଷା ଆମର ଦାବି, ଶ୍ରୀମନ୍ଦିର ସୁରକ୍ଷା ଆମର ଦାବି, ଅପାରଗ ଓଡ଼ିଶା ସରକାର ତୁମେ ଇସ୍ତଫା ଦିଅ। ଏହି ବିଷୟକୁ ରାଜ୍ୟ ସଭା ଭିତରେ ମଧ୍ୟ ବିଜେଡି ଏମ୍‌ପିମାନେ ଉଠାଇଛନ୍ତି। ଏନେଇ ଏମ୍‌ପି ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ବାରମ୍ବାର ଶ୍ରୀମନ୍ଦିରକୁ ଉଡ଼ାଇଦେବାକୁ ଧମକ ଆସୁଛି। ତାଙ୍କୁ ମଧ୍ୟ ଜଣେ ମାରିଦେବାକୁ



ଧମକ ଦେଇଥିଲେ। ରାଜ୍ୟରେ ଗତ ୧୮ ମାସ ମଧ୍ୟରେ ହତ୍ୟା, ବଳାତ୍କାର ଆଦି ଘଟଣା ବହୁ ମାତ୍ରାରେ ବଢ଼ିଯାଇଛି। ତେଣୁ ଏସବୁ ଉପରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଓଡ଼ିଶାରୁ ଯାଇଥିବା ଅନ୍ୟ ଏମ୍‌ପିମାନଙ୍କୁ ସରକାର ସୁରକ୍ଷା ଯୋଗାଇ ଦେଉଛନ୍ତି। ଅଧିକ ପୋଲିସ ବ୍ୟବସ୍ଥା ମଧ୍ୟ ମିଳୁଛି। ହେଲେ ବିଜେଡି ଏମ୍‌ପିମାନଙ୍କୁ ସମାନ ସୁବିଧା କାହିଁକି ଯୋଗାଇ ଦିଆଯାଉ ନାହିଁ। ଶ୍ରୀମନ୍ଦିରକୁ ବହୁ ଲକ୍ଷ ଶ୍ରଦ୍ଧାଳୁ ଆସୁଥିଲେ ମଧ୍ୟ ସେମାନଙ୍କୁ କଣ୍ଟ୍ରୋଲ କରିବାରେ ପ୍ରଶାସନ ବାରମ୍ବାର ବିଫଳ ହେଉଛି। ତେଣୁ ଏସବୁ ଦିଗରେ କେନ୍ଦ୍ର ସରକାର ଧ୍ୟାନଦେବା ନେଇ ସେମାନେ ପ୍ରତିବାଦ କରିଥିବା ଶୁଭାଶିଷ କହିଛନ୍ତି।

# ୨୦୨୫ ଓଟିଇଟି ପରୀକ୍ଷାଫଳ ପ୍ରକାଶ: ପାସ୍ ହାର ୬୮.୯୭%

କଟକ,୧୨।୨(କାର୍ତ୍ତିକ ସାହୁ)

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ଭଲ ଆରମ୍ଭ ଦେଇଥିଲେ ଇଶାନ ଓ ସଞ୍ଜୁ। ପ୍ରଥମ ୩ ବଲ ଡଟ୍ ଖେଳିଥିବା ସାମସନ (୨୨) ପରବର୍ତ୍ତୀ ୪ ବଲରେ ୩ ଛକା ଓ ଏକ ଚୌକା ମାରିଥିଲେ। କିନ୍ତୁ ସେ ପରବର୍ତ୍ତୀ ବଲରେ ପୁଣି ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ୍ ହୋଇଥିଲେ। କିଶନ ଓ ତିଳକ ବର୍ମା ଦ୍ୱିତୀୟ ଉଇକେଟରେ ମାତ୍ର ୩୧ ବଲରେ ୭୯ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଇଶାନ (୬୧ ରନ, ୬ ଚୌକା ଓ ୫ ଛକା), ତିଳକ (୨୫ ରନ, ୩ ଚୌକା) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧୨)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ପଞ୍ଚମ ଉଇକେଟରେ ୩୯ ବଲରେ ୮୧ ରନ କରି ଦଳୀୟ ସ୍କୋରକୁ ୨୦୦ ପାର କରାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ହାର୍ଦ୍ଦିକଙ୍କ ଉଇକେଟ ପଡ଼ିବା ସହ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୮.୧ ଓଭର ସୁଦ୍ଧା ୨୦୫/୪ ସ୍କୋର କରିଥିବା ଭାରତ ପରବର୍ତ୍ତୀ ୪ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଏଥିଯୋଗୁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା। ହାର୍ଦ୍ଦିକ ୨୮ ବଲରେ ୫୨ (୪ ଲେଖାଏ ଚୌକା ଓ ଛକା) ଓ ଦୁବେ ୨୩ ରନ କରିଥିଲେ। ନାମ୍ବିୟା ପାଇଁ ଅଧିନାୟକ ଜେରାର୍ଡ ଇରାସମସ ୪ ଉଇକେଟ ନେଇଥିଲେ। ଜବାବରେ ନାମ୍ବିୟା କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୧୮.୨ ଓଭରରେ ୧୧୬ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୩ ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ ଓ ଅକ୍ଷର ପଟେଲ ଦୁଇ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଦଳ: ୨୦ ଓଭରରେ ୨୦୯/୯ (ଇଶାନ କିଶନ-୬୧, ହାର୍ଦ୍ଦିକ ପାଣ୍ଡ୍ୟା-୫୨, ତିଳକ ବର୍ମା-୨୫, ଜେରାର୍ଡ ଇରାସମସ-୪/୨୦)। ନାମ୍ବିୟା: ୧୮.୨ ଓଭରରେ ୧୧୬/ଅଲଆଉଟ୍ (ଲୌରେନ ଷ୍ଟିନକାମ୍ପ-୨୯, ବରୁଣ ଚକ୍ରବର୍ତ୍ତୀ-୩/୭, ଅକ୍ଷର ପଟେଲ-୨/୨୦, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୧)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଇଶାନ କିଶନ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଅଷ୍ଟ୍ରେଲିଆ ବନାମ ଜିମ୍ବାୱେ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**କାନାଡା ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ, ସମୟ: ଅପରାହ୍ନ ୩ଟା

**ନେଦରଲାଣ୍ଡ୍ସ ବନାମ ୟୁଏସ୍ଏ**
ସ୍ଥାନ: ଚେନ୍ନାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର



ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଭାରତ ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଆର୍ଜେଣ୍ଟିନା ଦଳ।

# ଭାରତର ଦ୍ୱିତୀୟ ପରାଜୟ

**ଏଫ୍ଆଇଏଚ୍ ପ୍ରୋ-ଲିଗ୍**

**ଆର୍ଜେଣ୍ଟିନାଠାରୁ ୮-୦ରେ ହାରିଲା ଭାରତ**

ରାଉରକେଲା,୧୨।୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଗୁରୁବାର ଆର୍ଜେଣ୍ଟିନା ଓ ଭାରତ ଦଳ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ୮-୦ ଗୋଲରେ ଭାରତକୁ ପରାସ୍ତ କରିଛି। ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍ ଆରମ୍ଭରୁ ଆର୍ଜେଣ୍ଟିନା ଆକ୍ରମଣାତ୍ମକ ଖେଳ ଜାରି ରଖି ୧୪ ତମ ମିନିଟ୍‌ରେ ଥୋମାସ୍ ଡେମିନୀ ପ୍ରଥମ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ଆର୍ଜେଣ୍ଟିନା ୧-୦ ଗୋଲରେ ଆଗୁଆ ରହିଥିଲା। ୧୯ତମ ମିନିଟରେ ଦଳକୁ ମିଳିଥିବା ଏକ ପେନାଲ୍ଟି କର୍ନର (ପିସି)କୁ ଟୋମାସ୍ ରୁଜ୍ ଗୋଲରେ ପରିଣତ କରିଥିଲେ। ଭାରତ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଇ ମ୍ୟାଚର ପ୍ରଥମ କ୍ୱାର୍ଟର ୧୭ ତମ ମିନିଟ୍‌ରେ ଏକ ପିସି ହାସଲ କରିଥିଲା। ହେଲେ ଏହାକୁ କେହି ଗୋଲରେ କନଭର୍ଟ କରିପାରି ନ ଥିଲେ। ଆର୍ଜେଣ୍ଟିନା ଗୋଲକିପର ଟୋମାସ୍ ସାଣ୍ଟିଆଗୋଓ ଭାରତର ଗୋଲ ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ପରେ ଆର୍ଜେଣ୍ଟିନା ଦଳ ଘନ ଘନ ଆକ୍ରମଣ କରି ଦ୍ୱିତୀୟ କ୍ୱାର୍ଟର ଶେଷ ଆଡ଼କୁ ୫ଟି ଗୋଲମାରି ଦଳକୁ ୭-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲା। ଏଥିମଧ୍ୟରେ ଥୋମାସ ଡୋମିନୀ ଦୁଇଟି ଗୋଲ କରିଥିବା ବେଳେ ପୂରା ମ୍ୟାଚ୍‌ରେ ୪ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଇସ୍ ମେଣ୍ଡିସ (୨୧ତମ), ଇଗ୍ନାକୋ ଇବାର (୨୪ତମ) ଓ ଟୋରୀ ଡେଲା (୨୯ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଆର୍ଜେଣ୍ଟିନା ୭-୦ ଗୋଲରେ ଆଗରେ ରହିଥିଲା। ମ୍ୟାଚର ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ଭାଗେ ଶେଷ ହୋଇଥିଲା। ଚତୁର୍ଥ କ୍ୱାର୍ଟରରେ ଥୋମାସ୍ ଡୋମିନୀ ୮ମ ଗୋଲ କରିଥିଲେ। ଥୋମାସ୍ ଡୋମିନୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଭାରତ ତାର ପ୍ରଥମ ମ୍ୟାଚରେ ବେଲଜିୟମ୍‌ଠାରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। ଚଳିତ ପ୍ରୋ-ଲିଗ୍‌ରେ ଚତୁର୍ଥ ମ୍ୟାଚ ଆର୍ଜେଣ୍ଟିନା ଓ ବେଲଜିୟମ ମଧ୍ୟରେ ଶୁକ୍ରବାର ଖେଳାଯିବ।

# ମୋସ୍କା ବ୍ରଦର୍ସଙ୍କ ରେକର୍ଡ ଭାଗୀଦାରି

ମୁମ୍ବାଇ,୧୨।୨

ମୋସ୍କା ବ୍ରଦର୍ସଙ୍କ ରେକର୍ଡ ଓପନିଂ ଭାଗୀଦାରି ବଳରେ ଇଟାଲି ଗୁରୁବାର ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ନେପାଳକୁ ପରାସ୍ତ କରିଛି। ଚଳିତ ସଂସ୍କରଣରେ ପଦାର୍ପଣ କରିଥିବା ଇଟାଲି ପାଇଁ ଏହା ପ୍ରଥମ ବିଶ୍ୱକପ୍ ବିଜୟ। ନେପାଳ ଦ୍ୱାରା ଧାର୍ଯ୍ୟ ୧୨୪ ରନ୍‌ର ଟାର୍ଗେଟ୍‌କୁ ଜଷ୍ଟିନ ଓ ଆନ୍ଥୋନୀ ମୋସ୍କାଙ୍କ ଅପରାଜିତ

**ବିଶ୍ୱକପ୍‌ରେ ଇଟାଲିର ପ୍ରଥମ ବିଜୟ**

ଅର୍ଦ୍ଧଶତକ ବଳରେ ଇଟାଲି ୧୨.୪ ଓଭରରେ ବିନା ଉଇକେଟରେ ହାସଲ କରିନେଇଥିଲା। ଟି୨୦ ବିଶ୍ୱକପ୍‌ରେ ଏହା ଦୁଇଭାଇଙ୍କ ମଧ୍ୟରେ ସବୁଠୁ ବଡ଼ ଭାଗୀଦାରି। ଏହି ରେକର୍ଡ ପୂର୍ବରୁ ପାକିସ୍ତାନର କାମେରନ ଓ ଉମର ଅକ୍‌ମଲଙ୍କ ନାମରେ ଥିଲା। ଦୁହେଁ ୨୦୧୪ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୯୬ ରନ୍ କରିଥିଲେ। ଟି୨୦ କ୍ରିକେଟରେ ଏହା ଇଟାଲିର ପ୍ରଥମ ୧୦ ଉଇକେଟ ବିଜୟ ହୋଇଥିବା ବେଳେ ନେପାଳ ଲାଗି ପ୍ରଥମ ୧୦ ଉଇକେଟ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୩ ଓଭରରେ ୧୨୩ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଇଟାଲି ପକ୍ଷରୁ କ୍ରିଷାନ କାଲଗାମେଜ ୩ ଓ ବେନ ମାନେଣ୍ଟି ୨ ଉଇକେଟ ନେଇଥିଲେ। ଜବାବରେ ମୋସ୍କା ବ୍ରଦର୍ସଙ୍କ ଆଟାକିଂ ବ୍ୟାଟିଂ ଯୋଗୁ ଇଟାଲି ୧୨.୪ ଓଭରରେ ମ୍ୟାଚ୍ ଜିତିନେଇଥିଲା। ଜଷ୍ଟିନ ୪୪ ବଲରେ ୬୦(୫ ଚୌକା ଓ ୩ ଛକା) ଓ ଆନ୍ଥୋନୀ ୩୨ ବଲରେ ୬୨(୩ ଚୌକା ଓ ୬ ଛକା) ରନ୍‌କରି ଅପରାଜିତ ରହିଥିଲେ।



ଶତକୀୟ ଭାଗୀଦାରି ଅବସରରେ ଜଷ୍ଟିନ ଓ ଆନ୍ଥୋନୀ ମୋସ୍କା।

**ଶ୍ରୀଲଙ୍କାର ବଡ଼ ବିଜୟ**

ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୦୫ ରନ୍‌ର ବଡ଼ ବ୍ୟବଧାନରେ ଓମାନ୍‌କୁ ପରାସ୍ତ କରିଥିଲା। ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟରେ ୨୨୫ ରନ୍ କରିଥିଲା। ଦଳ ପାଇଁ କୁସାଲ ମେଣ୍ଡିସ୍ ୪୫ ବଲ୍‌ରେ ୬୧(୭ ଚୌକା), ପବନ ରତ୍ନାୟକେ ୨୮ ବଲ୍‌ରେ ୬୦(୮ ଚୌକା ଓ ୧ ଛକା) ଓ ଅଧିନାୟକ ଦସୁନ ଶନାକା ୨୦ ବଲ୍‌ରେ ୫୦ (୨ ଚୌକା ଓ ୫) ରନ୍ କରିଥିଲେ। ଜବାବରେ ମହମ୍ମଦ ନଦିମଙ୍କ ଅପରାଜିତ ୫୩(୩ ଚୌକା ଓ ୧ ଛକା)ରନ୍ ସତ୍ତ୍ୱେ ଓମାନ୍ ୯ ଉଇକେଟ ହରାଇ ୧୨୦ ରନ୍ କରିପାରିଥିଲା।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୩/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, February 13/2026 | Page 16 | ₹ 7.00
୫୨ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 81 | ମୂଲ୍ୟ ₹୭/-





ଅଷ୍ଟ୍ରିଆର ଆଲେସାଣ୍ଡ୍ରୋ ହେମରଲେ (୭), ଆମେରିକାର ଜେକ୍ ଭେଡର୍ (୨୩) ଏବଂ ଆମେରିକାର କୋଡି ଉଇଣ୍ଟର୍ସ (୨୬) ଗୁରୁବାର ଇଟାଲୀ ଲିଭିଗ୍ନୋଠାରେ ଅନୁଷ୍ଠିତ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସର ପୁରୁଷ ସ୍ନୋବୋର୍ଡ କ୍ରସ୍ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଖିଲାପୀ ବିଲ୍ଡରଙ୍କୁ ସୁବିଧା ଦେଉଛି ରେରା

## ଏହି ସଂସ୍ଥାକୁ ଉଚ୍ଛେଦ କରାଗଲେ ଆପତ୍ତି ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨।୨

ରିଅଲ୍ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) ଖିଲାପୀ ବିଲ୍ଡରଙ୍କୁ କେବଳ ସୁବିଧା ଦେଉଛି; ଏହାବାଦ୍ କିଛି ଦାୟିତ୍ୱ ତୁଲାଉନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏଥିସହ ରାଜ୍ୟଗୁଡ଼ିକ ରେରା ଗଠନ ଉପରେ ପୁନର୍ବିଚାର କରିବା ଜରୁରୀ ହୋଇପଡ଼ିଛି ବୋଲି ଅଦାଲତ କହିଛନ୍ତି।

ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ସରକାର ଶିମ୍ଲାସ୍ଥିତ ରେରା ଅଫିସକୁ ଧର୍ମଶାଳାକୁ ସ୍ଥାନାନ୍ତର କରିବାକୁ ଚାହୁଁଥିବାରୁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣିକରି ସରକାରଙ୍କୁ ରେରା ଅଫିସ୍ ସ୍ଥାନାନ୍ତର ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁମାନଙ୍କ ପାଇଁ ରେରା ଗଠନ ହୋଇଥିଲା, ସେମାନେ ସମ୍ପୂର୍ଣ୍ଣ ବିଷାଦଗ୍ରସ୍ତ, ବିରକ୍ତ ଓ ନିରାଶ ହୋଇଯାଇଛନ୍ତି। ତେଣୁ ରେରାକୁ ଉଚ୍ଛେଦ କରାଗଲେ ଅଦାଲତଙ୍କ କୌଣସି ଆପତ୍ତି ନାହିଁ।

ରେରା ଅଫିସ ସ୍ଥାନାନ୍ତର ସମ୍ପର୍କିତ ୨୦୨୫ ଜୁନ୍ ବିଜ୍ଞପ୍ତି ଉପରେ ଏହା ପୂର୍ବରୁ ହିମାଚଳ ପ୍ରଦେଶ ହାଇକୋର୍ଟ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଥିଲେ। ହାଇକୋର୍ଟ ୨୦୨୫ ଡିସେମ୍ବର ୩୦ରେ ଦେଇଥିବା ରାୟରେ ଅନ୍ତରୀଣ ରାୟର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସଙ୍ଗରେ ହିମାଚଳ ପ୍ରଦେଶ ସରକାର ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଶୀର୍ଷ ଅଦାଲତ ହାଇକୋର୍ଟଙ୍କ ଡିସେମ୍ବର ୩୦ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଶୁଣାଣି ବେଳେ ସିଜେଆଇ କହିଛନ୍ତି, ରେରା ଖିଲାପକାରୀ ବିଲ୍ଡର୍ସଙ୍କୁ ସୁବିଧା ଦେବା ଛଡ଼ା ଅନ୍ୟ କିଛି କରୁନାହିଁ। ଏହି ସଂସ୍ଥାକୁ ଉଚ୍ଛେଦ କରିଦେବା ଉଚିତ ହେବ। ହିମାଚଳ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁଗନ୍ଧା ଆନନ୍ଦ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ, ଶିମ୍ଲା ସହରକୁ ଗହଳିମୁକ୍ତ କରିବା ପାଇଁ ରେରା ଅଫିସକୁ ଧର୍ମଶାଳାକୁ ସ୍ଥାନାନ୍ତର କରିବା ଲାଗି ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମାଧବୀ ଦିବାନ ଖଣ୍ଡପୀଠଙ୍କୁ କହିଥିଲେ, ଏହି ପ୍ରସଙ୍ଗ ରେରା ସହ ସମ୍ପର୍କିତ, ଯାହାକୁ ଆମେ ଧର୍ମଶାଳାକୁ ଶିଫ୍ଟ କରିବାକୁ ଚାହୁଁଛୁ। ପ୍ରତିବାଦୀଙ୍କ ଜଣେ ଓକିଲ କହିଥିଲେ, କର୍ତ୍ତୃପକ୍ଷ ଡିଲ୍ କରୁଥିବା ୯୦% ପ୍ରକଳ୍ପ ଶିମ୍ଲା, ସୋଲାନ୍, ପରୱାନୁ ଓ ସିମାଉରରେ ଅବସ୍ଥିତ। ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସରଙ୍କୁ ରେରାରେ ନିଯୁକ୍ତ କରାଯାଇଛି ବୋଲି ପ୍ରତିବାଦୀଙ୍କ ଓକିଲ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଏହା ଶୁଣିବା ପରେ ସିଜେଆଇ କହିଛନ୍ତି, ପ୍ରତ୍ୟେକ ରାଜ୍ୟରେ ରେରା ଏକ ପୁନଃ ଥଇଥାନ କେନ୍ଦ୍ର ପାଲଟିଯାଇଛି। ଏଭଳି ସଂସ୍ଥାଗୁଡ଼ିକୁ ଏପରି ଲୋକେ ଦଖଲ କରି ରହିଛନ୍ତି।



# ପୋଲିସ କର୍ମଚାରୀଙ୍କ ଭଡ଼ାଘରେ ସେକ୍ସ ରାକେଟ୍

## ୪ ଦେହଜୀବୀ, ୩ ଗ୍ରାହକ ଉଦ୍ଧାର





ଖୋର୍ଦ୍ଧା, ୧୨।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ବିକାଶ ନଗର ଅଞ୍ଚଳର ଏକ ଭଡ଼ାଘରୁ ସେକ୍ସ ରାକେଟ୍ ଠାବ ହୋଇଛି। ଗୁରୁବାର ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି କିଙ୍ଗପିନ୍‌ଙ୍କ ସମେତ ୪ ଦେହଜୀବୀ ଏବଂ ୩ଜଣ ଗ୍ରାହକଙ୍କୁ ଉଦ୍ଧାର କରିଛି। ପୋଲିସ ସମସ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଅନ୍ୟପଟେ ଉକ୍ତ ଭଡ଼ାଘରର ମାଲିକ ଜଣେ ପୋଲିସ କର୍ମଚାରୀ ବୋଲି ଜଣାପଡ଼ିଛି। ପୂର୍ବରୁ ଏ ସମ୍ପର୍କରେ ପୋଲିସ ନିକଟରେ ଖବର ଥିବା ସତ୍ତ୍ୱେ କାହିଁକି ଚଢ଼ାଉ କରାଯାଇ ନ ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଗୁରୁବାର ପୂର୍ବାହ୍ନରେ ବିଶେଷ ସୂତ୍ରରୁ ଖବରପାଇ ଖୋର୍ଦ୍ଧା ନାର୍କୋଟିକ୍ସ ସ୍କ୍ୱାଡ୍ ଏବଂ ସ୍ପେଶାଲ ସ୍କ୍ୱାଡ୍ ଇନଚାର୍ଜ ଡିଏସ୍‌ପି ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଭଡ଼ାଘରେ ଚଢ଼ାଉ କରିଥିଲା। ଘର ଭିତରପଟୁ ବନ୍ଦ ରହିଥିଲା। ପୋଲିସ ବାରମ୍ବାର ଡାକିବା ସତ୍ତ୍ୱେ କେହି କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଦେହଜୀବୀ ଏବଂ ଗ୍ରାହକଙ୍କୁ ଅସଜ୍ଜିତ ଅବସ୍ଥାରେ ଉଦ୍ଧାର କରି ସେମାନଙ୍କୁ ଥାନାକୁ ନେବା ସହ ଘରକୁ ସିଲ୍ କରିଥିଲେ। ପ୍ରକାଶ ଯେ, ଘର ମାଲିକ ଗଞ୍ଜାମ ଜିଲାରେ ପୋଲିସ କର୍ମଚାରୀଭାବେ କାର୍ଯ୍ୟରତ ଥିବା ବେଳେ କିଙ୍ଗପିନ୍‌ଙ୍କ ସମେତ ଦୁଇ ଜଣ ମହିଳା ଏଠାରେ ଭଡ଼ାନେଇ ରହୁଥିଲେ। ସମ୍ପୃକ୍ତ କିଙ୍ଗପିନ୍ ବାହାରୁ ଯୁବତୀଙ୍କୁ ଆଣି ଉକ୍ତ ଘରେ ରଖି ରାକେଟ ଚଳାଉଥିଲେ। ରାତିରେ ଗ୍ରାହକମାନେ କାର୍ ଦୂରରେ ପାର୍କିଂ କରି ଏଠାକୁ ଆସୁଥିଲେ। ଯୁବତୀମାନେ ରହୁଥିବାରୁ ପ୍ରଥମେ କେହି ସନ୍ଦେହ କରି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକେ ସନ୍ଦେହ କରିବା ସହ କିଛି ମାସ ପୂର୍ବେ ଏ ସଂକ୍ରାନ୍ତରେ ପୋଲିସକୁ ମଧ୍ୟ ଖବର ଦିଆଯାଇଥିବା କେତେଜଣ ବାସିନ୍ଦା କହିଛନ୍ତି। ତେବେ କେବେଠାରୁ ଏଠାରେ ରାକେଟ୍ ଚାଲିଛି, ଆଉ କିଏ ଏମାନଙ୍କ ଗ୍ରାହକ ରହିଛନ୍ତି, ପୋଲିସ ତାହାର ଖୋଳତାଡ଼ କରୁଛି। ନିକଟରେ ବିକାଶ ନାଗରିକ ପରିଷଦର ବାର୍ଷିକୋତ୍ସବ ଆୟୋଜନ ହୋଇଥିଲା। ଏଥିରେ ସମ୍ପୂର୍ଣ୍ଣ ବିକାଶ ନଗର ବାସିନ୍ଦା ସାମିଲ ହୋଇଥିଲେ। ଏବେ ସେକ୍ସ ରାକେଟ ଠାବ ଘଟଣା ବିକାଶନଗର ଛବିକୁ ମଳିନ କରିଛି ବୋଲି କେତେଜଣ ବାସିନ୍ଦା ଗଣମାଧ୍ୟମରେ କହିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ବହୁ ପ୍ରଭାବଶାଳୀ ବ୍ୟକ୍ତି, ରାଜନେତା ଗ୍ରାହକ ରହିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଡିଏସ୍‌ପି ଭଞ୍ଜ କିଛି କହିବାକୁ ମନା କରିଥିବା ବେଳେ ଥାନା ଅଧିକାରୀ ସଞ୍ଜୟ ନାୟକ ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ଲୁଟ୍ ଉଦ୍ଦେଶ୍ୟରେ ଅଞ୍ଜଳିଙ୍କୁ କରାଯାଇଥିଲା ହତ୍ୟା

- ଅଭିଯୁକ୍ତ କ୍ରିଷ୍ଣାଙ୍କୁ ଧରାଇଦେଲା ଭ୍ୟାନିଟି
- ଅଞ୍ଜଳି ଜୀବନ ବଞ୍ଚାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ
- ଅଭିଯୁକ୍ତ ସାନିଲଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ୍



ଭୁବନେଶ୍ୱର/ପିପିଲି, ୧୨।୨ (ତ୍ରିନାଥ ମହାନ୍ତି/ ଦୁର୍ଗାମାଧମ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

କିନ୍ନର ଅଞ୍ଜଳି ଓରଫ ସୋନାଲି ହତ୍ୟା ଲୁଟ୍ ଉଦ୍ଦେଶ୍ୟରେ ହୋଇଥିଲା। କ୍ରିଷ୍ଣା କାଣ୍ଡି ଏବଂ ତାଙ୍କ ୨ ସହଯୋଗୀ ଅଞ୍ଜଳିଙ୍କଠାରୁ ଲଟ୍ ଉଦ୍ୟମ କରିଥିଲେ। ହେଲେ ଲୁଟ୍ ସମୟରେ ଅଞ୍ଜଳି ଏହାକୁ ବିରୋଧ କରିବାରୁ ସେମାନଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲ। ଶେଷରେ କ୍ରିଷ୍ଣା ଏକ ଚାପଡ଼ରେ ହାଣି ଦେଇଥିଲେ। ଅତ୍ୟଧିକ ରକ୍ତସ୍ରାବ ପାଇଁ ଅଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା ବୋଲି ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚ୍ଚିନ ପଟେଲ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣାଙ୍କୁ ବୁଧବାର ପୋଲିସ ପିପିଲି ବାଇପାସ ପେଟ୍ରୋଲ ପମ୍ପ ନିକଟରେ ଗୁଳି ବିନିମୟ ସମୟରେ ଗିରଫ କରିଥିବାବେଳେ ତାଙ୍କର ଅନ୍ୟ ଜଣେ ସହଯୋଗୀ ସାନିଲ କାଣ୍ଡି ଓରଫ ଗୋଜାଙ୍କୁ ପୋଲିସ କୋଣାର୍କ ଅଞ୍ଚଳରୁ ଗିରଫ କରିଛି। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜୋରଦାର କରୁଛି। ଅତିରିକ୍ତ ଏସ୍‌ପି କହିଛନ୍ତି, ଭୁବନେଶ୍ୱର ଆସିବା ପରେ କିନ୍ନର ଅଞ୍ଜଳି ସିଫା ନିକଟରେ ସନ୍ଧ୍ୟାରେ ଛିଡ଼ା ହେଉଥିଲେ। ଗତ ୧ତାରିଖରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ସିଫା ନିକଟରେ ଥିବା ଏକ ବାଲିଗଦା ନିକଟରେ ଅଞ୍ଜଳି ଛିଡ଼ା ହୋଇଥିବା ସମୟରେ ଏକ ପଲ୍‌ସର ବାଇକ୍‌ରେ କ୍ରିଷ୍ଣା, ସୁନିଲ ଏବଂ ଅନ୍ୟଜଣେ ଲୁଟ ଉଦ୍ଦେଶ୍ୟରେ ଆସିଥିଲେ। ସେଠାରେ ସେମାନେ କିନ୍ନର ଅଞ୍ଜଳିଙ୍କ ଭ୍ୟାନିଟିକୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ହେଲେ ଅଞ୍ଜଳି ଭ୍ୟାନିଟିକୁ ଛାଡ଼ି ନ ଥିଲେ। ଶେଷରେ ଅଭିଯୁକ୍ତ କ୍ରିଷ୍ଣା ଏକ ଚାପଡ଼ ବାହାର କରି କିନ୍ନର ଅଞ୍ଜଳିଙ୍କ ପେଟ ଏବଂ ଗୋଡ଼ରେ ଚୋଟ ପକାଇ ଭ୍ୟାନିଟି ନେଇ ପଳାଇଥିଲେ।

ପୋଲିସ ହତ୍ୟା ପରେ ସ୍ଥାନୀୟ ଅଞ୍ଚଳରେ ଛାନଭିନ୍ ଏବଂ ଖୋଜାଖୋଜି କରିଥିଲା। ଖୋଜାଖୋଜି କରିବା ପରେ ପୋଲିସ ଏକ ଭ୍ୟାନିଟି ପାଇଥିଲା। ଏହାକୁ ଅଞ୍ଜଳିଙ୍କ ସାଙ୍ଗସାଥି ଏବଂ ପରିଜନ ଚିହ୍ନଟ କରିବା ପରେ ପୋଲିସ ଭ୍ୟାନିଟିରୁ ଛାନ୍‌ଭିନ୍ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଏବଂ ଭ୍ୟାନିଟି ସମ୍ପର୍କରେ ତଦନ୍ତ କରିବା ସମୟରେ ପୋଲିସକୁ ଏକ ସୁରାକ ମିଳିଥିଲା। କୋଣାର୍କ ନିଜିରିପାସ ଗ୍ରାମର କ୍ରିଷ୍ଣା ଏବଂ ତାଙ୍କ ସହଯୋଗୀମାନେ ଭ୍ୟାନିଟିରୁ ଟଙ୍କା ନେଇ ଭ୍ୟାନିଟି ଫିଙ୍ଗିଥିବା କିଛି ଲୋକ ଦେଖିଥିବା କହିଥିଲେ। ପୋଲିସ ଏହି ଆଧାରରେ କ୍ରିଷ୍ଣାଙ୍କ ଗ୍ରାମଲୋକଙ୍କୁ ଗୁପ୍ତରେ ପଚରାଉଚରା କରିବା ପରେ ସବୁ କିଛି ସ୍ପଷ୍ଟ ହୋଇଥିଲା। ଏହାପରେ ଏକାଧିକ ସିସିଟିଭି ଯାଞ୍ଚ କରିବା ପରେ ପଲ୍‌ସର ଗାଡ଼ିରେ କ୍ରିଷ୍ଣା ଏବଂ ଅନ୍ୟ ଦୁଇ ଅଭିଯୁକ୍ତ ବସିଥିବା ଚିହ୍ନଟ ହୋଇଥିଲା। ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ନାୟକ ପେଟ୍ରୋଲ ପମ୍ପ ନିକଟରେ ଯାଉଥିବା ବେଳେ ପୋଲିସ କ୍ରିଷ୍ଣାଙ୍କୁ ଧରିବାକୁ ଚେଷ୍ଟା କରିଥିଲା। ହେଲେ କ୍ରିଷ୍ଣା ପୋଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରି ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ଉପରକୁ ଏକ ଗୁଳି ଚାଳନା କରିଥିଲେ। ପୋଲିସ ନିଜକୁ ବଞ୍ଚାଇବାକୁ ଯାଇ ପାଲଟା ଗୁଳି ଚାଳନା କରିବାରୁ ଅଭିଯୁକ୍ତ କ୍ରିଷ୍ଣାର ବାମ ଗୋଡ଼ ଆଣ୍ଠୁ ତଳେ ବାଜିଥିଲା। ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷରେ କ୍ରିଷ୍ଣାଙ୍କ ସହଯୋଗୀ ସାନିଲ୍‌ଙ୍କୁ ଗିରଫ ପରେ ପୋଲିସ ତାଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି।

# ସୀତାରାମଙ୍କୁ ସିବିଆଇର ପଚରାଉଚରା

ଭୁବନେଶ୍ୱର, ୧୨।୨ (ତ୍ରିନାଥ ମହାନ୍ତି)

## ପୋଲିସ ଏସ୍‌ଆଇ ଜାଲିଆତି ମାମଲା

ପୋଲିସ ଏସ୍‌ଆଇ ଜାଲିଆତି ମାମଲାରେ ଗିରଫ ଅଭିଯୁକ୍ତ ଇପିଲି ସୀତାରାମଙ୍କୁ ଗୁରୁବାର ଦିନିକିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି ସିବିଆଇ। ସୀତାରାମଙ୍କୁ ୨ଦିନ ରିମାଣ୍ଡରେ ନେବାକୁ ସିବିଆଇ ପକ୍ଷରୁ ଆବେଦନ କରାଯାଇଥିବାବେଳେ କୋର୍ଟ ଦିନକ ପାଇଁ ଅନୁମତି ଦେଇଥିଲେ। ଗୁରୁବାର ସିବିଆଇର ଏକ ଟିମ୍ ଝାରପଡ଼ା ଜେଲ୍‌କୁ ଯାଇ ସୀତାରାମଙ୍କୁ ଆଣି ସିବିଆଇ ଅଫିସ୍‌ରେ ମାରାଥନ ଜେରା କରିଛି। ଶଙ୍କର ପୃଷ୍ଟିଙ୍କ ପ୍ରମୁଖ ସହଯୋଗୀ ସୀତାରାମ ହୋଇଥିବାରୁ ତାଙ୍କଠାରୁ ତଥ୍ୟ ଓଟାଳୁଛି ସିବିଆଇ। ଶଙ୍କରଙ୍କ ଆକାଉଣ୍ଟରୁ ସୀତାରାମଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାଞ୍ଜାକ୍‌ଶନ ହେବା ସହ ଫୋନ୍ କଲ୍ ମଧ୍ୟ ହୋଇଛି। ସିବିଆଇ ଶଙ୍କରଙ୍କ ସହ ସୀତାରାମଙ୍କ ଲିଙ୍କ୍ ପାଇବା ପରେ ତାଙ୍କୁ ବ୍ରହ୍ମପୁରରୁ ଗିରଫ କରିଥିଲା। ପୂର୍ବରୁ ୧୬ ଜଣଙ୍କ ନାମରେ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଥିଲା ସିବିଆଇ। ଶଙ୍କର ପୃଷ୍ଟି, ରିଙ୍କୁ ମହାରଣା, ସୌମ୍ୟା ପ୍ରିୟଦର୍ଶିନୀ, ସୁରେଶ ନାୟକ ଓ ମୁନା ମହାନ୍ତିଙ୍କ ନାମ ଚାର୍ଜଶିଟ୍‌ରେ ରହିଥିଲା। ନଭେମ୍ବର ୨୦ରେ ସିବିଆଇ ଏନେଇ ଏକ ମାମଲା ରୁଜୁ କରି ପ୍ରାରମ୍ଭିକ ଭାବେ ମାମଲାର ତଦନ୍ତ କରିଥିବା କ୍ରାଇମବ୍ରାଞ୍ଚରୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ମାଗିଥିଲା। ବ୍ରହ୍ମପୁରରେ ପହଞ୍ଚି ସିବିଆଇ ଟିମ୍ ପ୍ରଥମ ପଦକ୍ଷେପସ୍ୱରୂପ ବ୍ରହ୍ମପୁର କୋର୍ଟରୁ ଭୁବନେଶ୍ୱର ସିବିଆଇ କୋର୍ଟକୁ ମାମଲା ସ୍ଥାନାନ୍ତର ଲାଗି ଆବେଦନ କରିବା ସହ ୪ ମୁଖ୍ୟ ଅଭିଯୁକ୍ତଙ୍କ ଜାମିନକୁ ବିରୋଧ କରିଥିଲା। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁପାରିସ୍ ପରେ କେନ୍ଦ୍ର ସରକାର ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତକୁ ଅନୁମୋଦନ କରିଥିଲେ। ଏକ ଆନ୍ତଃରାଜ୍ୟ ସଂଗଠିତ ସିଣ୍ଡିକେଟ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସିବିଆଇକୁ ତଦନ୍ତ ପାଇଁ ସୁପାରିସ କରିଥିଲେ। ଆନ୍ଧ୍ରପ୍ରଦେଶ, ଗୁଜରାଟ, ବିହାର ଏବଂ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ଏହାର ଦୁର୍ନୀତି ପେଡ଼ି ଲମ୍ବିଛି। ଗିରଫ ଅଭିଯୁକ୍ତ ୧୩୩ ଜଣଙ୍କ ମୋବାଇଲରୁ ତଥ୍ୟ ବାହାର କରିବା ପାଇଁ ରାଜ୍ୟ ବାହାରକୁ ପଠାଇଥିଲା ସିବିଆଇ। ତାହାର ରିପୋର୍ଟ ମିଳିଛି, ଯେଉଁଥିରେ ଏକାଧିକ ଅଭିଯୁକ୍ତଙ୍କ କଳାକାରନାମା ରହିଛି। ରାଜ୍ୟ ଫରେନ୍‌ସିକ ଲ୍ୟାବ୍‌ରେ ମାନବ ସମ୍ବଳର ଅଭାବ ଥିବାରୁ ସିବିଆଇ କୋର୍ଟଙ୍କ ଅନୁମତି ନେଇ ରାଜ୍ୟ ବାହାରକୁ ରିପୋର୍ଟ ଯାଞ୍ଚ ପାଇଁ ପଠାଇଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଗିରଫ ସଂଖ୍ୟା ୧୪୦ ଟପିଲାଣି। ଆଗକୁ ସିବିଆଇ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିବ ବୋଲି କୁହାଯାଉଛି।

# ୨୫୦ କିଲୋ ଗଞ୍ଜେଇ ଜବତ: ସ୍ୱାମୀ ଫେରାର, ସ୍ତ୍ରୀ ଗିରଫ

ମଙ୍ଗୁଳି-ଜଗତପୁର, ୧୨।୨ (ମାନସ ସାମଲ)



କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ପଞ୍ଚାୟତ ସରାଗାଁ ଗ୍ରାମରୁ କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ଗୁରୁବାର ଚଢ଼ାଉ କରି ୨୫୦ କିଲୋ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ କାରବାରରେ ସମ୍ପୃକ୍ତ ସହଦେବ ପରିଡ଼ା ଫେରାର ହୋଇଯାଇଥିବାବେଳେ ତାଙ୍କ ସ୍ତ୍ରୀ ସରସ୍ୱତୀ ପରିଡ଼ାଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସହଦେବଙ୍କ ଘରେ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ତାଙ୍କ ଘରୁ ୨୫୦ କିଲୋ ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ାଉରେ ଅବକାରୀ ଉପଅଧୀକ୍ଷକ ବିକାଶ କୁମାର ନାୟକ ଏବଂ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସ୍‌ଆଇ କିଶୋର ଚନ୍ଦ୍ର ରାଉତ, କନଷ୍ଟେବଲ ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

# Business

## ଦେଶର ପ୍ରଥମ ଡି+ ସେଗମେଣ୍ଟ ଏସ୍‌ୟୁଭି ଏମ୍‌ଜି ମାଜେଷ୍ଟର



ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଭାରତର ପ୍ରଥମ ଡି+ ସେଗମେଣ୍ଟ ଏସ୍‌ୟୁଭି ଏମ୍‌ଜି ମାଜେଷ୍ଟରର ଉନ୍ମୋଚନ କରାଯାଇଛି। ଏହା ଦେଶରେ ସବୁଠାରୁ ଲମ୍ବା, ଓସାରିଆ ଓ ଉଚ୍ଚତମ ଏସ୍‌ୟୁଭି ଭାବରେ ପରିଚିତ ହୋଇଛି। ଏହି ଏସ୍‌ୟୁଭିରେ ପ୍ରଥମ ଥର ପାଇଁ ଟ୍ରିପଲ ଡିଫରେନ୍ସିଆଲ ଲକ ସହିତ ଆଡଭାନ୍ସଡ୍ ୪ଡବ୍ଲ୍ୟୁଡି ସିଷ୍ଟମ ରହିଥିବାବେଳେ ୧୦ଟି ଅଫ୍ ରୋଡ୍ ମୋଡ୍ ଅଛି। ଲେଭଲ ୨ ଆଡାସ୍ (ଆଡଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ରହିଛି। ଆଭ୍ୟନ୍ତରୀଣରେ ଫ୍ରଣ୍ଟ ଭେଣ୍ଟିଲେଟେଡ୍ ଓ ମ୍ୟାସାଜ ସିଟ୍, ଥ୍ରି-ଜୋନ୍ କ୍ଲାଇମେଟ କଣ୍ଟ୍ରୋଲ, ୨୨୦ଭୋଲ୍ଟ ପାୱାର ଆଉଟଲେଟ ଓ ଡୁଆଲ ୱେୟାରଲେସ ଚାର୍ଜର ରହିଛି। ଇଲେକ୍ଟ୍ରୋନିକ ପାର୍କିଂ ବ୍ରେକ୍ ସହ ଅଟୋ ହୋଲ୍ଡ ଓ କଲମ ଗିୟର ଶିଫ୍ଟର ଅନ୍ତର୍ଭୁକ୍ତ। ଏହା ୨.୦ ଲିଟର ଟ୍ୱିନ-ଟର୍ବୋ ଡିଜେଲ ଇଞ୍ଜିନ ଦ୍ୱାରା ଚାଳିତ, ଯାହା ବେଷ୍ଟ-ଇନ-କ୍ଲାସ ୮-ସ୍ପିଡ ଅଟୋମାଟିକ ଟ୍ରାନ୍ସମିସନ ସହ ୨ଡବ୍ଲ୍ୟୁଡି ଓ ଆଡଭାନ୍ସଡ ୪ଡବ୍ଲ୍ୟୁଡି ଅପ୍‌ସନରେ ଉପଲବ୍ଧ। ଗ୍ରାହକଙ୍କ ପାଇଁ ୫ ବର୍ଷ ଅନ୍‌ଲିମିଟେଡ୍ କିଲୋମିଟର ୱାରେଣ୍ଟି, ୫ ବର୍ଷ ରୋଡ୍‌ସାଇଡ୍ ଆସିଷ୍ଟାନ୍ସ ଓ ୫ଟି ଲେବର-ଫ୍ରି ସର୍ଭିସ। ଜେଏସ୍‌ଡବ୍ଲ୍ୟୁ ଏମି ମୋଟର ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଅନୁରାଗ ମେହୋତ୍ରା କହିଛନ୍ତି, ଏହି ଏସ୍‌ୟୁଭି ବର୍ତ୍ତମାନ ପ୍ରି-ବୁକିଂ ପାଇଁ ଉପଲବ୍ଧ, ଯାହାର ପ୍ରି-ବୁକିଂ ମୂଲ୍ୟ ୪୧,୦୦୦ ଟଙ୍କା ରହିଛି। ପୂର୍ଣ୍ଣ ରେଞ୍ଜ ମୂଲ୍ୟ ଓ ବଜାର ଉପଲବ୍ଧତା ଲଞ୍ଚ ସମୟରେ ଘୋଷଣା କରାଯିବ।

## ଓଡ଼ିଶାରେ ୫୭ ଷ୍ଟେଶନର ବିକାଶ କାର୍ଯ୍ୟ ଜାରି

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପଶ୍ଚିମବଙ୍ଗରେ ରେଳ ପ୍ରକଳ୍ପର ଅଗ୍ରଗତି ଉପରେ ସଂସଦରେ ପ୍ରଶ୍ନ ଉଠିଛି। ଏମ୍‌ପି କୀର୍ତ୍ତି ଆଜାଦ ଏହି ଯୋଜନା ସମ୍ବନ୍ଧରେ ପ୍ରଶ୍ନ କରିଥିବାବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉତ୍ତର ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗ ପାଇଁ ବର୍ତ୍ତମାନର ବଜେଟ ବଣ୍ଟନ ୧୪,୨୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୨୦୦୯-୨୦୧୪ ମଧ୍ୟରେ ୪,୩୦୦ କୋଟି ଟଙ୍କାଠାରୁ ବହୁଗୁଣ ଅଧିକ। କିନ୍ତୁ ପ୍ରକଳ୍ପଗୁଡ଼ିକରେ ବିଳମ୍ବ ହେଉଛି। କାରଣ ଆବଶ୍ୟକ ୪,୬୬୨ ହେକ୍ଟର ଜମିର ମାତ୍ର ୫୭% ଅଧିଗ୍ରହଣ ହୋଇଛି। ଏହି ପ୍ରସଙ୍ଗରେ ଓଡ଼ିଶାର ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବାଲେଶ୍ୱର ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟର ସ୍ଥିତି ଓ ତାଙ୍କ ନିର୍ବାଚନମଣ୍ଡଳୀରେ ଅନ୍ୟ କେଉଁ ଷ୍ଟେଶନଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଛନ୍ତି ସେ ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ରେଳମନ୍ତ୍ରୀ ଉତ୍ତରରେ କହିଛନ୍ତି, ବାଲେଶ୍ୱର ଷ୍ଟେଶନର ବିକାଶ କାର୍ଯ୍ୟ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଦ୍ରୁତଗତିରେ ଚାଲିଛି। ଏହାର ଡିଜାଇନ ପ୍ରକ୍ରିୟା ପରାମର୍ଶମୂଳକ, ଯେଉଁଥିରେ ଏମ୍‌ପିଙ୍କ ଯୋଗଦାନ ଓ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରାଯାଉଛି। ଏହି ଯୋଜନା ଅଧୀନରେ ବାଲେଶ୍ୱର ସମେତ ଓଡ଼ିଶାରେ ବାଲେଶ୍ୱର, ଜଳେଶ୍ୱର ସମେତ ୫୭ଟି ଷ୍ଟେଶନ ଚିହ୍ନଟ ହୋଇ ବିକାଶ କାର୍ଯ୍ୟ ଚାଲିଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଦେଶବ୍ୟାପୀ ୧,୩୦୦ରୁ ଅଧିକ ଷ୍ଟେଶନର ଆଧୁନିକୀକରଣ ହେଉଛି, ଯାହା ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ପ୍ରଦାନ କରିବ।

## ପ୍ରତିରକ୍ଷା ସାମଗ୍ରୀ ନିର୍ମାଣରେ ଅଗ୍ରଣୀ ହେବ ଓଡ଼ିଶା

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଗଞ୍ଜାମ ଜିଲାରେ ୩୦୦ କୋଟି ଟଙ୍କାର ଏକ ମଲ୍ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଆଇଜି ଡିଫେନ୍ସ ପକ୍ଷରୁ ୩୦ ଏକର ଜମିରେ ଏହି କେନ୍ଦ୍ରରେ ମୁଖ୍ୟତଃ ଉନ୍ନତ ମାନର ଚାଳକବିହୀନ ଡ୍ରୋନ୍ ସହ ଅନ୍ୟାନ୍ୟ ପ୍ରତିରକ୍ଷା ସରଞ୍ଜାମ ତିଆରି କରାଯିବ, ଯେଉଁଥିରେ ଯୁଦ୍ଧ ପାଇଁ ଆବଶ୍ୟକ ହେଉଥିବା ଉଚ୍ଚ କ୍ଷମତାସମ୍ପନ୍ନ ଟାକ୍ଟିକାଲ ଡ୍ରୋନ୍ ଅନ୍ତର୍ଭୁକ୍ତ। ଆଇଜି ଡିଫେନ୍ସର ବରିଷ୍ଠ ଭାଇସ୍ ପ୍ରେସିଡେଣ୍ଟ ମେଜର ଜେନେରାଲ (ଅବସରପ୍ରାପ୍ତ) ରମେଶ ଚନ୍ଦ୍ର ପାଢ଼ୀ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାରେ ଥିବା ଡିଆର୍‌ଡିଓ ଲାବରେଟୋରି, ହାଲ୍ କେନ୍ଦ୍ର, ଅର୍ଡନାନ୍ସ ଫ୍ୟାକ୍ଟ୍ରି ନେଟ୍‌ୱର୍କ ଏବଂ ଗୋପାଳପୁର ଟେଷ୍ଟ ରେଞ୍ଜ ଭଳି ପ୍ରତିରକ୍ଷା ଇକୋସିଷ୍ଟମର ସହାୟତା ନେଇ ଏହି କେନ୍ଦ୍ରରେ ସ୍ୱଦେଶୀ ଇଲେକ୍ଟ୍ରୋନିକ୍ ୱାରଫେୟାର ଉପଯୋଗୀ ଚାଳକବିହୀନ ଡ୍ରୋନ୍ ସହ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସରଞ୍ଜାମର ବିକାଶ କରାଯିବ। ଏହିସବୁ ପ୍ରତିରକ୍ଷା ବ୍ୟବସ୍ଥା ଭାରତର ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ମଜଭୁତ କରିବା ସହ ଭାରତର ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ରପ୍ତାନି କରାଯିବ। ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣ କରିବା ଏବଂ ଘରୋଇ ପ୍ରତିରକ୍ଷା ଉତ୍ପାଦନ କ୍ଷମତା ବଢ଼ାଇବା ଦିଗରେ ଏହି ପ୍ରକଳ୍ପ ଏକ ବଡ଼ ପଦକ୍ଷେପ। ଏହି ଅନୁମୋଦନ ଆଇଜି ଡିଫେନ୍ସକୁ ଓଡ଼ିଶାର ବଢ଼ୁଥିବା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଭିତ୍ତିଭୂମିରେ ଏକ ମୁଖ୍ୟ ଅଂଶୀଦାର କରିଛି। ନିଜସ୍ୱ ଟେକ୍ନୋଲୋଜି ଉପରେ ଆଧାରିତ ଆଇଜି ଡିଫେନ୍ସ, ପ୍ରକୃତ ଯୁଦ୍ଧ ପରିସ୍ଥିତିରେ କାମ କରିପାରୁଥିବା ସିଷ୍ଟମ ତିଆରି କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅପରେଶନ ସିନ୍ଦୂର ସମେତ ଅନେକ କ୍ଷେତ୍ରରେ ଏହାର ଡ୍ରୋନ୍ ଏବଂ କାଉଣ୍ଟର-ଡ୍ରୋନ୍ ସଫଳତାର ସହ ପରୀକ୍ଷା କରାଯାଇଛି ଏବଂ ଏମାନଙ୍କର କିଛି ପ୍ୟାଟେଣ୍ଟ ପ୍ରାପ୍ତ ଡ୍ରୋନ୍‌କୁ ଭାରତୀୟ ସେନା ଓ ନୌସେନାରେ ସାମିଲ କରାଯାଇଛି। ନିକଟରେ ଆଇଜି ଡିଫେନ୍ସକୁ ବିଭିନ୍ନ ସୁରକ୍ଷା ବାହିନୀ ପକ୍ଷରୁ ୫,୦୦୦ରୁ ଅଧିକ ଏଫ୍‌ପିଭି କାମିକାଜେ ଷ୍ଟ୍ରାଇକର ଡ୍ରୋନ୍ ଯୋଗାଇବା ପାଇଁ ଅର୍ଡର ମିଳିଛି। ଏଥିରେ ବିସ୍ଫୋରକ ବହନ କରିପାରୁଥିବା ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦ କରିପାରୁଥିବା ଏଫପିଭି ଡ୍ରୋନ ଅନ୍ତର୍ଭୁକ୍ତ, ଯାହା ଆଇଜି ଡିଫେନ୍ସକୁ ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧ ଉପକରଣ ଯୋଗାଣରେ ଏକ ବିଶ୍ୱସ୍ତ କମ୍ପାନୀ ଭାବେ ପ୍ରତିଷ୍ଠିତ କରିଛି।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ ୫୧ ମେଗା ଲକ୍ଷପତି ଡ୍ର




ଅନୁଗୋଳ, ୧୨।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବିଜୁ ମଇଦାନରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ '୫୧ ମେଗା ଲକ୍ଷପତି ଡ୍ର' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ଗ୍ରାହକଙ୍କ ମନକୁ ଛୁଇଁଲା ପରି ଆକର୍ଷଣୀୟ ସୁନାଗହଣା ସହ ସେବା ଭେଟି ଦେଇଆସିଛି। ତେବେ ଚଳିତବର୍ଷ ସେହି ସଫଳତାକୁ ଆଉ ପାଦେ ଆଗକୁ ନେଇ ପ୍ରତିଷ୍ଠାନ ପକ୍ଷରୁ ୫୧ ଜଣ ଭାଗ୍ୟଶାଳୀ କୁପନଧାରୀ ଗ୍ରାହକଙ୍କୁ ଲକ୍ଷପତି ହେବାର ସର୍ବୋତ୍ତମ ସୁଯୋଗ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟ ଆକର୍ଷଣ ସାଜିଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ନାୟିକା ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ। ଉପସ୍ଥାପିକା ରୋଜାଲିନ ମଞ୍ଚ ପରିଚାଳନା କରିଥିବା ବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀ ନାଭ୍ୟାଙ୍କ ସୁମଧୁର ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ନିରନ୍ତର ଭଲପାଇବା ପାଇଁ ଅରୁନ୍ଧତୀ ଜୁଏଲର୍ସ ସଫଳତାର ଶୀର୍ଷକୁ ଛୁଇଁପାରିଛି। ଏଥିପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ଆକର୍ଷଣୀୟ ଅଫର ଏବଂ ନିଷ୍ଠାପର ସେବା ଯୋଗାଇଦେବାକୁ ଅରୁନ୍ଧତୀ ପରିବାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ।

## ବେଦାନ୍ତ ଝାରସୁଗୁଡ଼ାର ବିଦ୍ୟାଗ୍ରହ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ, ବ୍ୟାପକ ଶିକ୍ଷା ଶିବିର ମାଧ୍ୟମରେ ଝାରସୁଗୁଡ଼ାର ସରକାରୀ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ସହାୟତା କରିଛି। ଏହାର ବିଦ୍ୟାଗ୍ରହ ପଦକ୍ଷେପ ଅଧୀନରେ ଜିଲାର ସରକାରୀ ହାଇସ୍କୁଲରେ ଏହିପରି ୪ଟି ଶିବିର ଅନୁଷ୍ଠିତ ହୋଇଥିଲା। ଯୁଜି ହାଇସ୍କୁଲ (ସିରିଆପାଲି), ଭିଏସ୍‌ଏସ୍ ହାଇସ୍କୁଲ (ବେହେରାମାଲ), ପଞ୍ଚାୟତ ହାଇସ୍କୁଲ (ବଡମାଲ) ଏବଂ ସରକାରୀ ହାଇସ୍କୁଲ (ସରବାହାଲ)ରେ ଅନୁଷ୍ଠିତ ଏହି ଶିବିରଗୁଡ଼ିକୁ ଝାରସୁଗୁଡ଼ାର ପ୍ରାୟ ୨୦୦ ଛାତ୍ରୀଛାତ୍ରଙ୍କୁ ଉପକୃତ କରିଛି। ଏହି ଶିବିରଗୁଡ଼ିକରେ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ମୌଳିକ ଧାରଣାର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏହି ପଦ୍ଧତି ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ପଦ୍ଧତି, ମୂଲ୍ୟାଙ୍କନ ପାରାମିଟର ଏବଂ ସାମଗ୍ରିକ ମୂଲ୍ୟାଙ୍କନ ପ୍ରକ୍ରିୟା ସହ ପରିଚିତ କରାଇବାରେ ମଧ୍ୟ ସକ୍ଷମ କରିଛି, ଯାହା ଗୁରୁତ୍ୱପୂର୍ଣ୍ଣ ବୋର୍ଡ ପରୀକ୍ଷା ପୂର୍ବରୁ ସେମାନଙ୍କର ଆତ୍ମବିଶ୍ୱାସ ଏବଂ ଦକ୍ଷତା ଉଭୟକୁ ଗଠନ କରିବାରେ ସାହାଯ୍ୟ କରିଛି। ଇଭିପି (କର୍ମଚାରୀ ସ୍ୱେଚ୍ଛାସେବକ କାର୍ଯ୍ୟକ୍ରମ) ଅଧୀନରେ, ବେଦାନ୍ତ ଝାରସୁଗୁଡ଼ା ୩୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକ ଶିବିରଗୁଡ଼ିକ କ୍ୟାରିଅର ମାର୍ଗଦର୍ଶନ ଏବଂ ଶୈକ୍ଷିକ ପରାମର୍ଶ ଅଧିବେଶନରେ ସାମିଲ ହୋଇଥିଲେ। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବିଦ୍ୟାଗ୍ରହ ପ୍ରୟାସ ମାଧ୍ୟମରେ, ଆମେ ଶିକ୍ଷାଗତ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଛାତ୍ରୀଛାତ୍ରଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅର୍ଥପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛୁ।

## ୧୨୦୦ କୋଟି ସ୍ପାମ୍ କଲ୍ ରୋକିଛି ଟ୍ରୁକଲର

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

୨୦୨୫ରେ ଭାରତୀୟମାନଙ୍କ ପାଖକୁ ୪,୧୬୮ କୋଟିରୁ ଅଧିକ ସ୍ପାମ୍ କଲ୍ ଆସିଛି, ଯାହା ଦୈନନ୍ଦିନ ଯୋଗାଯୋଗରେ ବଢ଼ୁଥିବା ଠକେଇ ଏବଂ ଡିଜିଟାଲ ବିପଦକୁ ଦର୍ଶାଉଛି। ଟ୍ରୁକଲରର ସଦ୍ୟତମ ରିପୋର୍ଟ ଦର୍ଶାଉଛି ଯେ ଏହି ଅନାବଶ୍ୟକ କଲ୍ ମଧ୍ୟରୁ ୧୧୮୯ କୋଟି ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଅବରୋଧ କରାଯାଇଥିଲା। ଏହା ବହୁ ଲକ୍ଷ ଲୋକଙ୍କୁ ଠକେଇ, ସମୟ ନଷ୍ଟ ଏବଂ ବର୍ଦ୍ଧିତ ସଂଯୁକ୍ତ ଅର୍ଥନୀତିରେ ଅନାବଶ୍ୟକ ଚାପରୁ ରକ୍ଷା କରିବାରେ ସାହାଯ୍ୟ କରିଛି। ଦେଶରେ ୧୦୦ କୋଟିରୁ ଅଧିକ ସକ୍ରିୟ ଫୋନ୍ ସଂଯୋଗ ବାଣିଜ୍ୟ, ଶାସନ ଏବଂ ବ୍ୟକ୍ତିଗତ ସମ୍ପର୍କକୁ ଶକ୍ତି ପ୍ରଦାନ କରୁଥିବା ସହିତ, ଟ୍ରୁକଲର ଏହାର ୨୦୨୫ ଇଣ୍ଡିଆ ଇନ୍‌ସାଇଟ୍ସ ରିପୋର୍ଟ ପ୍ରକାଶ କରିଛି। ଏ ସମ୍ପର୍କରେ ଟ୍ରୁକଲରର ସିଇଓ ରିଜିତ ଝୁନ୍‌ଝୁନ୍‌ୱାଲା କହିଛନ୍ତି, ଠକେଇ କେବଳ ଏକ ବୈଷୟିକ ସମସ୍ୟା ନୁହେଁ, ଏହା ଏକ ମାନବିକ ସମସ୍ୟା। ରିପୋର୍ଟ ଅନୁଯାୟୀ, ଟ୍ରୁକଲର ୨୦୨୫ ମସିହାରେ ସାରା ଭାରତରେ ସ୍ପାମ୍ କଲ୍ ଚିହ୍ନଟ ଦ୍ୱାରା ୭୭୦ କୋଟି ଠକେଇ କଲ୍ ଚିହ୍ନଟ ହୋଇଥିଲା, ସେମାନଙ୍କ ମଧ୍ୟରୁ ଅନେକ ବ୍ୟାଙ୍କ, ସରକାରୀ କର୍ତ୍ତୃପକ୍ଷ, ପେମେଣ୍ଟ ପ୍ଲାଟ୍‌ଫର୍ମ ଏବଂ ଜଣାଶୁଣା ବ୍ରାଣ୍ଡର ନକଲ କରୁଥିଲେ। ସ୍ପାମ୍ ମେସେଜିଂ ମଧ୍ୟ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଥିଲା। ବର୍ଷକ ମଧ୍ୟରେ, ୧୨,୯୦୩ କୋଟିରୁ ଅଧିକ ସ୍ପାମ୍ ଏସ୍‌ଏମ୍‌ଏସ୍ ଚିହ୍ନଟ କରାଯାଇଥିଲା, ଯାହା ୨୦୨୫ର ଦ୍ୱିତୀୟାର୍ଦ୍ଧରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି।

# ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ

ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ)

## ରାଜ୍ୟର ପ୍ରଥମ ପବନଚାଳିତ ୧୫୦ ମିଟର ମାଷ୍ଟ ଓ ୬ ସହର ପାଇଁ ସିଟି ଆକ୍ସିଲରେଟର କାର୍ଯ୍ୟକ୍ରମର ଶୁଭାରମ୍ଭ

ଦେଶର ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରତିବଦ୍ଧ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ କ୍ଷମତା ବିଶିଷ୍ଟ ଅଣ-ଜୀବାଶ୍ମ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ ରଖିଛି ଏବଂ ସମତାଳରେ ଓଡ଼ିଶା ଏଥିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଛି। ଉପକୂଳ ରାଜ୍ୟ ଭାବେ ଓଡ଼ିଶାରେ ସୌର ଓ କ୍ଷୁଦ୍ର ଜଳବିଦ୍ୟୁତ୍ ସହିତ ପବନ ଶକ୍ତି ବିକାଶ ପାଇଁ ବିଶେଷ ସମ୍ଭାବନା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ୨୦୨୬ ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ପ୍ରଥମ ପବନଚାଳିତ ୧୫୦ ମିଟର ମାଷ୍ଟ (ୱିଣ୍ଡ୍ ରିସୋର୍ସ ଆସେସ୍‌ମେଣ୍ଟ ମାଷ୍ଟ) ଏବଂ ଓଡ଼ିଶାର ୬ଟି ସହର ପାଇଁ ସିଟି ଆକ୍ସିଲରେଟର କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ପ୍ରାୟ ୬୭,୦୦୦ କୋଟି ଟଙ୍କାର ନିବେଶ ହୋଇଛି। ଏହି ଦୁଇଦିନିଆ ନିବେଶକ ସମ୍ମିଳନୀ ଓଡ଼ିଶାର ନବୀକରଣୀୟ ଶକ୍ତିର ଅଭିବୃଦ୍ଧିକୁ ସମର୍ଥନ କରିବା ସହ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଇଛି। ଏହି ଅବସରରେ ଶକ୍ତି ବିଭାଗ ପକ୍ଷରୁ ଗ୍ରୀଡ୍‌କୋ ଏବଂ ନିବେଶକଙ୍କ ମଧ୍ୟରେ ସମୁଦାୟ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଲେ, ନବୀକରଣୀୟ ଶକ୍ତିର କ୍ଷମତା ବୃଦ୍ଧି ନୁହେଁ, ବରଂ ସିଷ୍ଟମର ଇଣ୍ଟିଗ୍ରେଶନ କରିବା ଆମର ଉଦ୍ଦେଶ୍ୟ। ନବୀକରଣ ସହ ପମ୍ପ୍‌ଡ ଷ୍ଟୋରେଜ ଏବଂ ବ୍ୟାଟେରି ସିଷ୍ଟମକୁ ଆଗକୁ ବଢ଼ାଇ ଗ୍ରୀଡ୍ ସ୍ଥିରତା ଓ ଦୀର୍ଘକାଳୀନ ଶକ୍ତି ସୁରକ୍ଷା ସୁନିଶ୍ଚିତ କରାଯାଇଛି। ଓଡ଼ିଶାରେ ନବୀକରଣୀୟ ଶକ୍ତି ସ୍କେଲ-ଅପ୍ ଏକ ନୀତିଗତ ଢାଞ୍ଚାରେ ରହିଛି, ଯାହାକୁ ରାଜ୍ୟ ଓ ଜିଲାସ୍ତରରେ ସମର୍ପିତ ସଂସ୍ଥାଗୁଡ଼ିକ ସମର୍ଥନ କରିଛନ୍ତି। ସେହିପରି ଏସ୍‌ଇସିଆଇର ପରିଚାଳନା ନିର୍ଦ୍ଦେଶକ ଆକାଶ ତ୍ରିପାଠୀ କହିଲେ, ଏହି ବର୍ଷ ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀରେ ସ୍ୱାକ୍ଷରିତ ନିବେଶକ ପ୍ରତିଶ୍ରୁତି ଏବଂ ବୁଝାମଣାପତ୍ର ମାଧ୍ୟମରେ ୬.୮ ଗିଗାୱାଟ କ୍ଷମତା ବିଶିଷ୍ଟ ୬୭,୦୦୦କୋଟି ଟଙ୍କାର ନିବେଶ ସଂଗ୍ରହ କରାଯାଇଛି। ଭାସମାନ ସୌର ଓ ପବନ କ୍ଷେତ୍ରରେ ଓଡ଼ିଶାରେ ଯଥେଷ୍ଟ ସମ୍ଭାବନା ଅଛି। ପମ୍ପ୍‌ଡ ଷ୍ଟୋରେଜ ପ୍ରକଳ୍ପ ମାଧ୍ୟମରେ ଏକ ପ୍ରମୁଖ ସଂରକ୍ଷଣ କେନ୍ଦ୍ର ହୋଇପାରିବ ବୋଲି ମତ ରଖିଥିଲେ। ପୂର୍ବ ଭାରତରେ ଅବ୍ୟବହୃତ ନବୀକରଣୀୟ ଶକ୍ତିର ଅପାର ସମ୍ଭାବନା ରହିଛି ବୋଲି ଆଇ-ଫରେଷ୍ଟର ସିଇଓ ତଥା ସଭାପତି ଡ. ଚନ୍ଦ୍ର ଭୂଷଣ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୀଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ଓପିଟିସିଏଲ୍ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଅନ୍ୟ ଅଧିକାରୀମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟବ୍ରତ


@ ଶକ୍ତି


@ ଲମ୍ବୋଦର


@ କାର୍ତ୍ତିକ


@ ରଜତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିକିତ୍ସା ଅବହେଳାରୁ ଆଖିବୁଜିଲେ ରୋଗୀ

କଟକ,୧୨।୨(ଶିଳ୍ପା ପ୍ରିୟଦର୍ଶିନୀ)

**ଠିକ୍ ସମୟରେ ମିଳିଲାନି ଅକ୍ସିଜେନ**
- ମୋବାଇଲ ବନ୍ଧକ ରଖିଲେ ମିଳିବ ଅକ୍ସିଜେନ ସିଲିଣ୍ଡର
- ନନ୍‌ଟ୍ରମା କାଜୁଆଲଟିରେ କର୍ମଚାରୀଙ୍କ ଦାଦାଗିରି

ଗୁରୁତର ରୋଗୀଙ୍କୁ ଠିକ୍ ସମୟରେ ମିଳିଲାନି ଅକ୍ସିଜେନ। କେବଳ ଏତିକି ନୁହେଁ ଅକ୍ସିଜେନ ସିଲିଣ୍ଡର ନେବାକୁ ରୋଗୀ ସମ୍ପର୍କୀୟଙ୍କୁ ମୋବାଇଲ ବନ୍ଧକ ରଖିବାକୁ ପଡ଼ିଥିଲା। ହେଲେ ମଧ୍ୟ ସକାଳୁ ମଧ୍ୟାହ୍ନ ଯାଏ ଅକ୍ସିଜେନ ସିଲିଣ୍ଡର ମିଳି ନ ଥିଲା। ଫଳରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଶେଷରେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଅଞ୍ଚଳର ବାଲୁରୀ ପୁରୀ (୭୦)। ଏଭଳି ଘଟଣା ଗୁରୁବାର ଏସ୍‌ସିବି ନ୍ୟୁ ମେଡିସିନି ବିଭାଗରେ ଘଟିଛି। ଏସ୍‌ସିବି ମେଡିକାଲରେ ପୁଣି ମୋବାଇଲ ବନ୍ଧକ ରଖିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ମୁତାବକ, ବାଲୁରୀ ଛାତିରେ ଯନ୍ତ୍ରଣା ଓ ନିଃଶ୍ୱାସ ନେବାରେ ସମସ୍ୟା ହେବାରୁ ବୁଧବାର ବିଳମ୍ବିତ ରାତିରେ ଏସ୍‌ସିବି ନନ୍‌ଟ୍ରମା କାଜୁଆଲ୍‌ଟିରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସା ପରେ ଅକ୍ସିଜେନ ଲଗାଇବାକୁ ଡାକ୍ତର ପରାମର୍ଶ ଦେବା ସହ ନ୍ୟୁ ମେଡିସିନି ବିଭାଗକୁ ସ୍ଥାନାନ୍ତର କରିବାକୁ କହିଥିଲେ। ହେଲେ ନନ୍‌ଟ୍ରମା କାଜୁଆଲଟିରେ ବାଲୁରୀଙ୍କୁ ଅକ୍ସିଜେନ ମିଳିପାରି ନ ଥିଲା। କାଜୁଆଲ୍‌ଟିରେ ଥିବା କର୍ମଚାରୀ ବାଲୁରୀଙ୍କ ପୁଅ ବ୍ରଜବନ୍ଧୁ ପୁରୀଙ୍କୁ ଅକ୍ସିଜେନ ନେବାକୁ ହେଲେ ମୋବାଇଲ ବନ୍ଧକ ରଖିବାକୁ ହେବ ଏବଂ ସିଲିଣ୍ଡର ଫେରାଇଲେ ହିଁ ମୋବାଇଲ ଫେରି ପାଇବେ ବୋଲି କହିଥିଲେ। କିନ୍ତୁ ମୋବାଇଲ ବନ୍ଧକ ରଖିବା ପରେ ବି ପ୍ରାୟ ୫ ଘଣ୍ଟା ଯାଏ ତାଙ୍କୁ ଅକ୍ସିଜେନ ସିଲିଣ୍ଡର ମିଳି ନ ଥିଲା। ଫଳରେ ବାଲୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ନ୍ୟୁ ମେଡିସିନ ବିଭାଗରେ ତାଙ୍କର ଚିକିତ୍ସା କରାଯାଇଥିଲା। ବ୍ରଜବନ୍ଧୁ କହିଛନ୍ତି, ଠିକ ସମୟରେ ଅକ୍ସିଜେନ ଓ ଚିକିତ୍ସା ନ ମିଳିବାରୁ ମା'ଙ୍କ ମୃତ୍ୟୁ ଘଟିଛି। ପାଞ୍ଚ ଘଣ୍ଟା ଯାଏ ଅକ୍ସିଜେନ ଦେଲେନି। ପରେ ବହୁବାର ଅନୁରୋଧ କରିବାରୁ ଅକ୍ସିଜେନ ସିଲିଣ୍ଡର ଦେଇଥିଲେ। ହେଲେ ସେତେବେଳକୁ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଥିଲା। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ। ଅକ୍ସିଜେନ ସିଲିଣ୍ଡର ପାଇଁ ମୋବାଇଲ ବନ୍ଧକ ରଖିବାକୁ କହି କର୍ମଚାରୀ ନାଲିଆଖି ଦେଖାଇଛନ୍ତି। କର୍ମଚାରୀଙ୍କ ଦୁର୍ବ୍ୟବହାର ଭିଡିଓ କରିବାରୁ ଆଉ ଜଣେ ସମ୍ପର୍କୀୟଙ୍କ ମୋବାଇଲ ଛଡାଇ ନେଇ ଭିଡିଓ ଡିଲିଟ କରିବା ସହ ଥାନାର ଧମକ ଦେଇଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଯେତେ ବି ସୁବିଧାର ଯୋଗାଇବାର ପ୍ରଚାର କରୁଛନ୍ତି ସେସବୁ କେବଳ ଏକ ପ୍ରହସନ। ଏସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜି କିସ୍ ଡେ: ପ୍ରେମର ଭାଷାକୁ ଗାଢ଼ କରିବ କିସ୍



ଭୁବନେଶ୍ୱର,୧୨।୨ (ସୌମ୍ୟରଞ୍ଜନ ରାଉତ)

ଭାଲେଣ୍ଟାଇନ୍ ସପ୍ତାହର ସପ୍ତମ ଦିନକୁ କିସ୍ ଡେ ଭାବେ ପାଳନ କରାଯାଏ। ନିଜ ଜୀବନରେ ପ୍ରେମର ମହତ୍ତ୍ୱ ଓ ସମ୍ପର୍କରେ ମଧୁରତା ଭରିବା ପାଇଁ ଚୁମ୍ବନ କରାଯାଇଥାଏ। ଆଜିର ଦିନରେ ପ୍ରେମୀଯୁଗଳ ଉଭୟଙ୍କୁ ଚୁମ୍ବନ ଦେଇ ସେଲିବ୍ରେଶନ୍ କରିବେ। ପ୍ରେମ ବ୍ୟକ୍ତକରିବା ସମୟରେ ଚୁମ୍ବନ ଦେଇ ପାଳନ କରିବେ କିସ୍ ଡେ। ପ୍ରେମ ଭାଷାକୁ ଗାଢ଼ କରିଥାଏ କିସ୍। ରୋମାନ୍ସର ପୁରୁଣା ପଦ୍ଧତି ହେଉଛି କିସ୍। ବିଶ୍ୱାସ କରାଯାଏ, କିସ୍ ପ୍ରେମକୁ ରୋମାଞ୍ଚକ ସତେଜ କରିଥାଏ। ଜଣେ ବ୍ୟକ୍ତି ପାଇଁ ଭକ୍ତି, ପ୍ରେମ ଏବଂ ସ୍ନେହ ଦେଖାଇବା ପାଇଁ କିସ୍ ଏକ ପ୍ରଭାବଶାଳୀ ଉପାୟ। ଭୁଲ୍ ବୁଝାମଣା ଦୂରକରିବା ଓ ପ୍ରେମ ବୃଦ୍ଧିକରିବା ପାଇଁ ପ୍ରଭାବଶାଳୀ ହୋଇଥାଏ କିସ୍।

# ଓଏଚ୍‌ଆର୍‌ସି ଏବେ ଅଧ୍ୟକ୍ଷ ବିହୀନ

ଭୁବନେଶ୍ୱର,୧୨।୨(ତ୍ରିନାଥ ମହାନ୍ତି)

**ଜରୁରୀ ମାମଲାର ଶୁଣାଣି ହୋଇଛି ବନ୍ଦ**

ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ବୁଧବାରଠାରୁ ମୁରବିହୀନ ହୋଇଯାଇଛି। ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ ଗତ ୯ତାରିଖରୁ କାର୍ଯ୍ୟକାଳ ସରିଯାଇଛି। ଫଳରେ ଆୟୋଗରେ ବର୍ତ୍ତମାନ କେବଳ ଜଣେ ମାତ୍ର ସଦସ୍ୟ ରହିଛନ୍ତି। ଅଧ୍ୟକ୍ଷ ପଦ ଖାଲି ହୋଇଥିବାରୁ ନୂତନ ମାମଲାଗୁଡ଼ିକୁ ଶୁଣାଣି ପାଇଁ ଅଭିଯୋଗ ଗ୍ରହଣ କରାଯାଇ ପାରୁନାହିଁ। ଏହାସହିତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ମାନବାଧିକାର ସମ୍ପର୍କିତ ମାମଲାଗୁଡ଼ିକ ମଧ୍ୟ ଶୁଣାଣିରୁ ବଞ୍ଚିତ ହେଉଛି। ଏଥିସହ ଅଧ୍ୟକ୍ଷଙ୍କ ନିକଟରେ ଥିବା ମାମଲା ଏବଂ ସଦସ୍ୟ ଅସୀମଙ୍କ ନିକଟରେ ଥିବା ମାମଲାର ଶୁଣାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅନେକ ଲୋକ ଓଏଚ୍‌ଆରସିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସି ଫେରି ଯାଉଥିବା ଦେଖିବାକୁ ମିଳୁଛି। ଆୟୋଗର କାର୍ଯ୍ୟକଳାପ ପ୍ରାୟତଃ ପ୍ରଭାବିତ ହୋଇଥିବାବେଳେ, ଅନେକ ଅଭିଯୋଗକାରୀ ନ୍ୟାୟ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ତୁରନ୍ତ ନୂତନ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି କରାଯିବାକୁ ଦାବି ଜୋର ଧରିଛି। ମାନବାଧିକାର ସମ୍ପର୍କିତ ସମ୍ବେଦନଶୀଳ ଓ ଜରୁରୀ ମାମଲାଗୁଡ଼ିକ ଅଟକି ନ ରହିବା ପାଇଁ ଶୀଘ୍ର ପଦକ୍ଷେପ ନିଆଯାଉ ବୋଲି ସାମାଜିକ କର୍ମୀ ଦାବି କରିଛନ୍ତି।

# ଆରମ୍ଭ ହେଲା ରେଡିଓ ମେଳା

ଭୁବନେଶ୍ୱର,୧୨।୨(ସୌମ୍ୟରଞ୍ଜନ ରାଉତ)



ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର ଏକ ଷ୍ଟଲ୍ ବୁଲି ଦେଖୁଛନ୍ତି।

ଆଉଟ୍‌ରିଚ୍ ପକ୍ଷରୁ ୧୨ତମ ରେଡିଓ ମେଳା ଗୁରୁବାର ଏକାମ୍ର ହାଟରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର, ରେଡିଓ ନମସ୍କାରର ପ୍ରତିଷ୍ଠାତା ଏନ୍.ଏ. ଶାହ ଆନ୍‌ସାରୀ, ବିଆଇଏସ୍ ଭୁବନେଶ୍ୱରର ନିର୍ଦ୍ଦେଶକ ଏ.କେ. ପୁରୋହିତ, ରେଡିଓ ପ୍ରସାରକ ଅଶୋକ ପାଣିଗ୍ରାହୀ ଏବଂ ଆଉଟ୍‌ରିଚ୍ ମୁଖ୍ୟ ସୁବ୍ରତ ପତି ପ୍ରମୁଖ ଯୋଗଦେଇଥିଲେ। ମେଳାରେ ଶତାଧିକ ନୂଆ ଓ ପୁରୁଣା ରେଡିଓ, ଗ୍ରାମ୍‌ଫୋନ, ପ୍ରସାରଣ ସାମଗ୍ରୀ, ବିଭିନ୍ନ ପ୍ରକାର ୱାକିଟକି ସହ ହାମ୍ ରେଡିଓ ଆକର୍ଷଣ ସାଜିଥିଲା। ଅନେକ ରେଡିଓ ଚ୍ୟାନେଲ ମେଳାରେ ନିଜର ଷ୍ଟଲ୍ ଖୋଲିଥିଲେ। ମେଳାରେ ବିଭିନ୍ନ ରାଜ୍ୟର ଲାଇସେନ୍ସପ୍ରାପ୍ତ ହାମ୍ ରେଡିଓ ଅପରେଟର ସାମିଲ ହୋଇଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସମିତି (ଓସ୍‌ଡମା) ପକ୍ଷରୁ ଓଡ୍ରାଫ ଏବଂ ହାମ୍ ରେଡିଓ ଅପରେଟରମାନଙ୍କ ସହାୟତାରେ ଷ୍ଟଲ୍ ଖୋଲାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ରେଡିଓ ସଂଗ୍ରାହକମାନେ ବିଭିନ୍ନ ପ୍ରକାର ରେଡିଓ ପ୍ରଦର୍ଶନ କରିଥିଲେ। ଏହି ମେଳା ଆସନ୍ତା ୧୫ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଚାଲିବ ବୋଲି ଆଉଟ୍‌ରିଚ୍ ମୁଖ୍ୟ ସୂଚନା ଦେଇଛନ୍ତି।

# ରେଭେନ୍‌ଶାକୁ ମିଳୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା

କଟକ,୧୨।୨(କୁମାରଶ୍ରୀ)

**ରାଜ୍ୟ ସଭାରେ ଦେବାଶିଷଙ୍କ ଦାବି**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଏମ୍‌ପି ଦେବାଶିଷ ସାମନ୍ତରାୟ ରାଜ୍ୟ ସଭାରେ ଦାବି ଉଠାଇଛନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏ ଦିଗରେ ପଦକ୍ଷେପ ନେବାକୁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ନିବେଦନ କରିଛନ୍ତି। ରାଜ୍ୟ ସଭାରେ ଏମ୍‌ପି ଦେବାଶିଷ କହିଥିଲେ, ଓଡ଼ିଶାରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି। ମାତ୍ର ଉତ୍ତରପ୍ରଦେଶ, ଦିଲ୍ଲୀ, ରାଜସ୍ଥାନ ଭଳି ରାଜ୍ୟରେ ଏହି ସଂଖ୍ୟା ଅଧିକ। ହିମାଚଳପ୍ରଦେଶ ଏବଂ ଝାଡଖଣ୍ଡ ଭଳି ଛୋଟ ରାଜ୍ୟରେ ମଧ୍ୟ ଉତ୍ସର୍ଗୀକୃତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁଛି। ୧୮୬୮ ମସିହାରେ ରେଭେନ୍‌ଶା କଲେଜ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଏହି ଶିକ୍ଷାନୁଷ୍ଠାନରୁ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସୃଷ୍ଟି ହୋଇଛି। ଏଠାରେ ଉନ୍ନତ ଭିତ୍ତିଭୂମି ରହିବା ସହ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ରହିଛି। ଓଡ଼ିଶାରେ ଅନୁସୂଚିତ ଜାତି, ଜନଜାତି ସଂଖ୍ୟା ଅଧିକ। ଶିକ୍ଷାଗ୍ରହଣ କ୍ଷେତ୍ରରେ ଓଡ଼ିଶା ପଛୁଆ। ରେଭେନ୍‌ଶାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଗଲେ, ଓଡ଼ିଶାର ଶିକ୍ଷାଗ୍ରହଣ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ ବୋଲି ଏମ୍‌ପି ଦେବାଶିଷ କହିଥିଲେ।

# ଡିଜିଟାଲ ଭାବେ ସୁଦୃଢ଼ ହେବ ପ୍ରାଥମିକ କୃଷି ସମବାୟ ସମିତି



କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ରାଜ୍ୟର ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ଡିଜିଟାଲ ଭାବେ ସୁଦୃଢ଼ କରାଯିବ। ଏଥିପାଇଁ 'ଓଏସ୍-ସିଆଇଟି ମାଧ୍ୟମରେ ରାଜ୍ୟସ୍ତରୀୟ ଆଇଟି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ଗୁରୁବାର ଲୋକସେବା କନ୍‌ଭେନସନ ହଲ୍‌ରେ ଶୁଭାରମ୍ଭ ହୋଇଯାଇଛି। କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୁଟାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନକରି କହିଲେ, ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ହେଉଛି ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର। ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଡିଜିଟାଲ ଦକ୍ଷତା ବୃଦ୍ଧିପାଇଲେ ସମିତିଗୁଡ଼ିକର କାର୍ଯ୍ୟପ୍ରଣାଳୀ ଅଧିକ ପାରଦର୍ଶୀ ଓ କାର୍ଯ୍ୟକ୍ଷମ ହୋଇପାରିବ। କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ବିଭାଗର କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇ ଡିଜିଟାଲ ରେକର୍ଡ ରଖିବା, ଆର୍ଥିକ ପରିଚାଳନା ଓ ପ୍ରଶାସନିକ ପାରଦର୍ଶିତା ବୃଦ୍ଧି ପାଇଁ ଏଭଳି ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ ବୋଲି କହିଛନ୍ତି। ଏହି ଅବସରରେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ, କେନ୍ଦ୍ର ସମବାୟ ନୀତି ବିଭାଗ ନିର୍ଦ୍ଦେଶକ ମୁକେଶ କୁମାର, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଏବଂ ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ରାଉତ ଉପସ୍ଥିତ ଥିଲେ। ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲ ଓଏସ୍-ସିଆଇଟି ପ୍ରଶିକ୍ଷଣ ବିଷୟରେ ସୂଚନା ଦେଇଥିଲେ। ପ୍ରଶିକ୍ଷଣରେ ମୌଳିକ ଡିଜିଟାଲ ଜ୍ଞାନ, ଇ-ଗଭର୍ନାନ୍ସ ପୋର୍ଟାଲର ବ୍ୟବହାର, କୃତ୍ରିମ ବୁଦ୍ଧିମତ୍ତା ସଚେତନତା, ସାଇବର ସୁରକ୍ଷା ଓ ଅଫିସ ପ୍ରବନ୍ଧନ ଉପକରଣ ବିଷୟରେ ସଚେତନ କରାଯିବ। ଶେଷରେ ସମବାୟ ସମିତି ନିବନ୍ଧକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ୩୧୪ଟି ବ୍ଲକ୍, ୨୭୧୧ଟି ପ୍ରାଥମିକ କୃଷି ସମବାୟ ସମିତିର ମୋଟ ୫,୪୨୨ ଅଧିକାରୀ ଓକେସିଏଲ୍‌ର ସ୍ୱୀକୃତିପ୍ରାପ୍ତ ଶିକ୍ଷା କେନ୍ଦ୍ରଗୁଡିକରେ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇଥିଲେ।

# ଓମ୍‌ଫେଡ୍ ମୁଖ୍ୟାଳୟ ପରିଦର୍ଶନକଲେ କେନ୍ଦ୍ର ସମବାୟ ସଚିବ

ଭୁବନେଶ୍ୱର,୧୨।୨ (ଅନୁରାଧା ମହାରଣା)



ଓମ୍‌ଫେଡ୍ ମୁଖ୍ୟାଳୟ ପରିଦର୍ଶନ ଅବସରରେ କେନ୍ଦ୍ର ସମବାୟ ସଚିବ ଡ. ଆଶିଷ କୁମାର ଏବଂ ଅନ୍ୟ ଅଧିକାରୀ।

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ନୂତନ ଉତ୍ପାଦ ପ୍ରସ୍ତୁତ କ୍ଷେତ୍ରରେ ଓମ୍‌ଫେଡ୍ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି କେନ୍ଦ୍ର ସମବାୟ ବିଭାଗ ଶାସନ ସଚିବ ଡ. ଆଶିଷ କୁମାର କହିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ଡ. କୁମାର ଗୁରୁବାର ଶହୀଦନଗରସ୍ଥିତ ଓମ୍‌ଫେଡ୍ ମୁଖ୍ୟାଳୟରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ କେନ୍ଦ୍ର ସମବାୟ ବିଭାଗ ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ, ରାଜ୍ୟ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶକ ମୁକେଶ କୁମାର, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ରାଜ୍ୟ ସମବାୟ ବିଭାଗର ରେଜିଷ୍ଟ୍ରାର ସିଦ୍ଧାର୍ଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକ କୁଲାଙ୍ଗେ କେନ୍ଦ୍ର ସମବାୟ ସଚିବଙ୍କୁ ଅବଗତ କରାଇଥିଲେ। ଓମ୍‌ଫେଡ୍ ଦୁଗ୍ଧ ସଂଗ୍ରହ, ପ୍ରକ୍ରିୟାକରଣ ଓ ଉତ୍ପାଦ ପ୍ରସ୍ତୁତି ଏବଂ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଯାଇଥିଲା। ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିବା ପରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି। ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଜାତୀୟ କାର୍ଯ୍ୟକ୍ରମ ଯୋଜନାରେ ନୂତନ ସମବାୟ ସମିତି ଗଠନ ସହ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ଡ. ଆଶିଷ କୁମାର ପ୍ରତିଶ୍ରୁତି ଦେଇଛନ୍ତି। ଦୁଗ୍ଧଚାଷୀମାନେ କିପରି ଅଧିକ ଲାଭବାନ୍ ହେବେ ଏବଂ ସରକାରଙ୍କ ବିଭିନ୍ନ ଯୋଜନା କିପରି ସେମାନଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

ବେଗୁନିଆ,୧୨।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ଥାନା ଅଞ୍ଚଳରେ ଗତ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଗଡ଼ମାଣତୀରସ୍ଥିତ କପିଳେଶ୍ୱରପୁର ଗ୍ରାମର ଚନ୍ଦ୍ରଶେଖର ବିଶ୍ୱାଳ(୩୦)ଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଗୁରୁବାର ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ସିକୋ-ଡାଳତୋଳା ରାସ୍ତାର ଗଡ଼ମାଣତୀର ବିଟ୍ ହାଉସ୍ ଫାଟକ ସମ୍ମୁଖରେ ମୃତଦେହ ରଖି ଧାରଣା ଦେବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଲୋକେ ହଟି ନ ଥିଲେ। ପରେ ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପ୍ରମାଣପତ୍ର ସହିତ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଥିଲେ। ସେହିପରି ଘଟଣାସ୍ଥଳରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଗଡ଼ମାଣତୀର ସରପଞ୍ଚ କରୁଣାକର ଦଳସିଂହରାୟ ଅନ୍ତିମ ସଂସ୍କାର ପାଇଁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ରାସ୍ତା ଅବରୋଧ ହଟିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## କଣ୍ଟେନର ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଆହତ

ଟାଙ୍ଗୀ,୧୨।୨(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଚମ୍ପାଗଡ଼ ନିକଟରେ ଏକ ବାଇକ୍ ପଛକୁ କଣ୍ଟେନର ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅରଖପଦା ଗ୍ରାମର ବଟକୃଷ୍ଣ ସାହୁ। ଗୁରୁତର ଜଣଙ୍କ ପରିଚୟ ମିଳି ପାରିନାହିଁ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍‌କୁ କଣ୍ଟେନର ଦୁଇ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ବାଇକ୍‌କୁ ଘୋଷାଡ଼ିନେବା ସମୟରେ ଅସୁକେଇଖୋଲ ବ୍ରିଜ୍ ଉପରେ କଣ୍ଟେନର ସହ ବାଇକ୍‌ରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଥିଲା। ତେବେ ଘଟଣାସ୍ଥଳରୁ କଣ୍ଟେନର ଚାଳକ ଫେରାର ହୋଇଯାଇଛନ୍ତି। ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପକ୍ଷରେ ଗ୍ରାମବାସୀ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଚାନ୍ଦପୁର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବ୍ରାଉନ୍‌ସୁଗାର ଡିଲ୍ ବେଳେ ୩ ଧରାପଡ଼ିଲେ




ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

### ବ୍ରାଉନ୍‌ସୁଗାର, କାର୍, ବାଇକ୍, ମୋବାଇଲ ଜବତ

ଆଦର୍ଶ ଥାନା ପୋଲିସ ଗୁରୁବାର ଗୁରୁଜଙ୍ଗ ଉତ୍ସବ ପଡ଼ିଆରେ ଚଢ଼ାଉ କରି ୧୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଜଙ୍ଗ ଦେଓ୍ୱାନ୍‌ସାହିର ମନୋଜ କୁମାର ପ୍ରଧାନ ଓରଫ୍ କୁନା (୪୨), ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧାର ହେମନ୍ତ କୁମାର ପରିଡ଼ା ଓରଫ୍ ବର୍ଷି (୩୬) ଏବଂ ମୁକୁନ୍ଦପ୍ରସାଦ ପିଏନ୍ କଲେଜ ନିକଟ ଅଞ୍ଚଳର ଫିରୋଜ ଖାନ୍(୩୪)। ଏମାନଙ୍କଠାରୁ ଗୋଟିଏ କାର୍, ବାଇକ୍, ୩ଟି ଫୋନ୍, ପ୍ଲାଷ୍ଟିକ୍ ଚାମଚ ଏବଂ ପୁଡ଼ିଆରେ ବ୍ୟବହୃତ କାଗଜ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୭୮/୨୬)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଗୁରୁଜଙ୍ଗ ଉତ୍ସବ ପଡ଼ିଆରେ ବ୍ରାଉନ୍‌ସୁଗାର ଡିଲ୍ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ସେମାନଙ୍କୁ ଧରିବାକୁ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଚଢ଼ାଉକରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ମାମଲାର ତଦନ୍ତଭାର ଅତିରିକ୍ତ ଥାନା ଅଧିକାରୀ ବିବି ମହାପାତ୍ରଙ୍କୁ ଦିଆଯାଇଛି।

## ଖୋର୍ଦ୍ଧା ବ୍ଲକ କଂଗ୍ରେସ ସଭାପତି ହେଲେ ତାପସ ରଞ୍ଜନ ମିଶ୍ର

ଜଟଣୀ,୧୨।୨(ରବୀନ୍ଦ୍ରନାଥ ମହାକୁଡ଼):



ଖୋର୍ଦ୍ଧା ବ୍ଲକ କଂଗ୍ରେସ ସଭାପତିଭାବେ ତାପସ ରଞ୍ଜନ ମିଶ୍ର ମନୋନୀତ ହୋଇଛନ୍ତି। ସେ ପୂର୍ବରୁ ଜିଲା ଏବଂ ପ୍ରଦେଶ ଯୁବ କଂଗ୍ରେସର ବହୁ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ପଦରେ ଥାଇ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ବ୍ଲକ ସଭାପତି ଭାବେ ମନୋନୀତ ହେବା ପରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ଖୋର୍ଦ୍ଧା ଜିଲା ସଭାପତି ରାଜୀବ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବେ ବୋଲି କହିଛନ୍ତି।

# 'କ୍ଲାସ୍‌ରୁମ୍‌ର ପାଠପଢ଼ା ଭବିଷ୍ୟତ ଗଢ଼େ'

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)




ବିଦ୍ୟାଳୟର ମୁଖପତ୍ର 'ଜ୍ଞାନଦା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରମୋଦ ଚନ୍ଦ୍ର ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ମଣିଷ ହୋଇ ସମାଜର କାମ କରିବା ପାଇଁ ପରାମର୍ଶ ଦେଇଥିଲେ। କ୍ଲାସ୍‌ରୁମ୍‌ର ୪୫ ମିନିଟ୍ ପାଠପଢ଼ା ଭବିଷ୍ୟତ ଗଢ଼େ। ଯେତିକି ସମୟ ପଢ଼ିବ ମନଦେଇ ପଢ଼, ବିଦ୍ୟାଳୟର ଗୌରବ ବଢ଼ାଇବା ସହ ଆଗକୁ ବଢ଼ିବାକୁ କହିଥିଲେ। ଜିଲା ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନ ଖୋର୍ଦ୍ଧାର ଅଧକ୍ଷ ତାପସ କୁମାର ନାୟକ ମୁଖ୍ୟବକ୍ତାଭାବେ ଅଭିଭାଷଣରେ ବିକଶିତ ଭାରତର ସ୍ୱପ୍ନ ପୂରଣ ପିଏମ୍‌ଶ୍ରୀ ସ୍କୁଲର ସଂକଳ୍ପନାର ପ୍ରୟାସ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟତମ ଅତିଥିଭାବେ ସଞ୍ଜୁକ୍ତା କର, ତିଳୋତ୍ତମା ପଟ୍ଟନାୟକ, ଅରୁଣ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଜ୍ଞାନଦା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ନବମ ଶ୍ରେଣୀ ଛାତ୍ରୀ ଟିଙ୍କିରାଣୀ ଦାସଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାକାର୍ଯ୍ୟକୁ ବିଭୂତି ଭୂଷଣ ଜେନା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

କଳାପଥର,୧୨।୨(ଗଙ୍ଗାଧର ସାହୁ)

ଧଳାପଥର ସରସ୍ୱତୀ ଶିଶୁମନ୍ଦିରର ଷୋଡ଼ଶ ବାର୍ଷିକ ଉତ୍ସବ ଏବଂ ବିଦ୍ୟାଳୟର ନୂତନ ଗୃହ ପ୍ରତିଷ୍ଠା ହୋଇଯାଉଛି। ପ୍ରଧାନ ଆଚାର୍ଯ୍ୟ ସସ୍ମିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ସଭାପତି ମାଧବ ଚନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ମିହିର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ଓଡ଼ିଶା ଶିକ୍ଷା ବିକାଶ ସମିତି ସଭାପତି କୁଳମଣି ମିଶ୍ର, ସମ୍ମାନିତ ଅତିଥିଭାବେ ଧଳାପଥର ସରପଞ୍ଚ ନାରାୟଣ ସାହୁ, ପାଟପୁର ଶାସନ ପଞ୍ଚାୟତ ପ୍ରତିନିଧି ଶରତ କୁମାର ହୋତା, ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା, ସୂରଜ ପ୍ରସାଦ ସୁବୁଦ୍ଧି, ରତ୍ନାକର ମହାପାତ୍ର, ମାୟାଧର କରଣ ପ୍ରମୁଖ ଯୋଗଦେଇଥିଲେ। ଶିଶୁମନ୍ଦିର ସମ୍ପାଦକ ମାୟାଧର ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ପ୍ରତିଷ୍ଠାତା ବିଭୂତି ଭୂଷଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୧୨।୨ (ରଘୁନାଥ ସାହୁ)

ରାମଚନ୍ଦ୍ର ବିଦ୍ୟାନିକେତନ ରମାବିଲିର ପ୍ରଧାନ ଶିକ୍ଷକଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ସଭାଗୃହରେ ପରିବେଶ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ସ୍ଥାନୀୟ ଅର୍ଜୁନ ପୋଖରୀର ପରିବେଶ ସୁରକ୍ଷା ସହିତ ପୋଖରୀ ପରିଷ୍କାର ପରିଚ୍ଛନ୍ନ, ଦଳ ନିଷ୍କାସନ ଓ ନଡ଼ିଆ ଗଛ ରୋପଣ କରାଯାଇ ଏକ ଜନସଚେତନତା କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ 'ମୋ ପୋଖରୀ ସୁରକ୍ଷା' ଚିତ୍ରାଙ୍କନ ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ବକ୍ତାଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଛଣଗିରି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ମହାପାତ୍ର, ଗୁଲୁ ମାଝୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରମାବିଲି, ରାମଚନ୍ଦ୍ର ବିଦ୍ୟାନିକେତନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରମାବିଲିର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ମୁରଲୀଧର ହରିଚନ୍ଦନ, ନରେନ୍ଦ୍ର ପାଇକରାୟ, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ, ମିନତୀ ଶ୍ରୀଚନ୍ଦନ, ନିରୂପମା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାମଲିମରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୬ରୁ

ବାଘମାରୀ,୧୨।୨(ମିହିର ରଞ୍ଜନ ମହାପାତ୍ର):

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଲିମ ଖେଳପଡ଼ିଆରେ ଜୟ ଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୩୧ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ୮ଟି ଟିମ୍ ବାପୁଜୀ ଫୁଟ୍‌ବଲ ଆସୋସିଏଶନ ଶଙ୍ଖାମାରୀ, ଗୋଲ୍ଡେନ କ୍ଲବ ଅରୁଗୁଳ, ବାଙ୍କୀ ଆଥଲେଟିକ ଆସୋସିଏଶନ ଟାଉନ କ୍ଲବ ଖଣ୍ଡପଡ଼ା, ଜୟଦୁର୍ଗା କ୍ଲବ ଖୋର୍ଦ୍ଧା, ଫୁଟ୍‌ବଲ କ୍ଲବ ଟାଙ୍ଗୀ, ଜୟ ଜରଙ୍ଗବାଳି ଫୁଟ୍‌ବଲ କ୍ଲବ ଘାଟିକିଆ, କୁସୁମାଟି ଫୁଟ୍‌ବଲ କ୍ଲବ ଜଟଣୀ ଭାଗନେବେ। ୨୦ତାରିଖରେ ପ୍ରଥମ ସେମିଫାଇନାଲ, ୨୧ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୨୨ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଗିରଫ ଅଭିଯୁକ୍ତଙ୍କ ବନ୍ଧୁକ ପାଉନି ପୋଲିସ

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

### ବାସୁଦେବ ପରିଡ଼ାଙ୍କୁ ଗୁଳି କରି ହତ୍ୟା ଘଟଣା

■ ରିମାଣ୍ଡରେ ଆସିବେ ଅଭିଯୁକ୍ତ

ବେଗୁନିଆ ଥାନା ଅଧୀନ ଜାମୁସାହି-ଦଳକ ରାସ୍ତାରେ ଗତ ଜାନୁଆରୀ ୧୯ରେ ବାସୁଦେବ ପରିଡ଼ା ଓରଫ୍ ଟୁଟୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଅଜୟ ଭୁଜବଳଙ୍କ ସମେତ ୪ଜଣଙ୍କୁ କରି କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କୁ ଗୟାବନ୍ଧ ଜଙ୍ଗଲରୁ ଧରାଯାଇଥିବା ନେଇ ଗତ ୨ତାରିଖରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଥିଲେ। ତେବେ ପୋଲିସ ବର୍ତ୍ତମାନ ସୁଦ୍ଧା ଗୁଳିମାଡ଼ରେ ବ୍ୟବହୃତ ବନ୍ଧୁକ ଜବତ କରିପାରି ନାହିଁ। ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଥିବା ବେଳେ ଅଭିଯୁକ୍ତମାନେ ଏତେଦିନ ଜଙ୍ଗଲ ଭିତରେ ରହିଥିଲେ କିପରି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନାରେ ଅଭିଯୁକ୍ତମାନେ ଆତ୍ମସମର୍ପଣ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ସଲିଳା ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ, ହତ୍ୟାକାଣ୍ଡ ଦିନ ସକାଳେ ପରିଛଳ ଗ୍ରାମର ଭାଗୀରଥି ବରାଳ ଏବଂ ତାଙ୍କ ତିନି ପୁଅ ଦେବଦତ୍ତ, ଅର୍ଜୁନ, ଶେଷଦେବଙ୍କ ସମେତ ଅନ୍ୟ ଏକ ବରାଳ ପରିବାର ପ୍ରମୋଦ ଏବଂ ଜୟଦେବ, ଭୁବନ ଜେନା ପ୍ରମୁଖ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘରକୁ ଆସି ଧମକ ଦେଇଥିଲେ। ରାତି ୮ଟାରେ ମୁଖ୍ୟ ଅଭିଯୁକ୍ତ ଅଜୟ ଭୁଜବଳ ଏବଂ ତାଙ୍କ ସହଯୋଗୀ ବାସୁଦେବଙ୍କୁ ଗୁଳିକରି ହତ୍ୟା କରିଥିଲେ। ସଲିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା(ନଂ.୩୪/୨୬) ରୁଜୁ କରିଥିଲା। ଏପରି କି ଗ୍ରାମର ବରାଳ ଏବଂ ପରିଡ଼ା ପରିବାର ମଧ୍ୟରେ ଦୀର୍ଘ ୧୦ବର୍ଷ ଧରି ଶତ୍ରୁତା ରହିଥିବା ଏସ୍‌ପି ଶର୍ମା ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ମାମଲାରେ ଉପରୋକ୍ତ ପରିବାରର ସମ୍ପୃକ୍ତି ରହିଥିବା ସତ୍ତ୍ୱେ କାହାରିକୁ ଗିରଫ କରାଯାଇ ନାହିଁ। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଘଟଣା ଦିନ ରାତିରେ ଦୁଇଟି ବାଇକ୍‌ରେ ୪ଜଣ ଯୁବକ ଆସିଥିଲେ। ବାସୁଦେବଙ୍କୁ ମୁଖ୍ୟ ଅଭିଯୁକ୍ତ ଅଜୟ ଗୁଳି କରିଥିଲେ। ତେବେ ଅଜୟଙ୍କୁ ସୁପାରି କିଏ ଦେଇଥିଲା, ତାହାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ଗୁଳିମାଡ଼ ପରେ ଘଟଣାସ୍ଥଳରେ ବୁଲେଟ ଛାଡ଼ି ଯାଇଥିବା ବେଳେ ଅନ୍ୟ ଏକ ବାଇକ୍‌ରେ କିପରି ୪ ଅଭିଯୁକ୍ତ ଫେରାର ହୋଇଗଲେ ନା ଏମାନଙ୍କୁ କିଏ ସହଯୋଗ କରିଛି ତାହା ଅସ୍ପଷ୍ଟ ରହିଛି। ତେବେ ଏହି ଗୁଳିମାଡ଼ ଘଟଣାର ମାଷ୍ଟର ମାଇଣ୍ଡ କିଏ, ପୋଲିସ ଏଯାବତ୍ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ଅଭିଯୁକ୍ତମାନେ ବନ୍ଧୁକ କେଉଁଠି ଲୁଚାଇ ରଖିଛନ୍ତି, ତାହାର ଖୋଳତାଡ଼ କରାଯାଉଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ। ଖୁବ୍‌ଶୀଘ୍ର କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରାଯିବ। ଏହି ମାମଲାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ ଜାରି ରହିଛି।

**DISTRICT PROJECT OFFICE, SAMAGRA SIKSHA, JHARSUGUDA**

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

No.343/TE/2026 Dated 12.02.2026

**TENDER CALL NOTICE FOR SUPPLY OF BRASS AND PIPE BAND EQUIPMENTS & UNIFORM (BOYS & GIRLS)**

No.27001/18/2526: Sealed tenders under four bid systems are invited from the reputed authorized agency/ supplier/ manufacturer having valid PAN, GST & IT for supply of Brass and pipe band instruments & Uniform (Boys & Girls) for Eight (08) nos. of PM SHRI Schools of Jharsuguda District in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Brass and pipe band instruments & Uniform (Boys & Girls) for Eight (08) nos of PM SHRI Schools | Rs.5000/- | Rs.60,000/- | 26.02.2026, 12 P.M. | 26.02.2026, 03 PM |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman,
OIPR-27001/27153/1/25-26/0004 Sd./- District Project Coordinator, SS, Jharsuguda

**CUTTACK MUNICIPAL CORPORATION**
**TENDER CALL NOTICE**
No. 485/H.O Dt.09.02.26

No.13001/215/2526 : Cuttack Municipal Corporation invites sealed tenders from interested Manufactures/ Authorized Dealers/Suppliers for Supply of Allopathic Medicine and surgical items for Animal Birth Control Programme for the year 2026-27.
The details can be downloaded from the official website www.cmccuttack.odisha.gov.in The last date of submission of Tender documents is up to 4.00 P.M dt. 06.03.2026

Sd./- Commissioner
OIPR-13001/13031/1/25-26/0025 Cuttack Municipal Corporation

**Bhubaneswar Municipal Corporation**
Phone No.0674-2431253, e-mail: info@bmc.gov.in

Letter No.8588 Date-12.2.26

**ସର୍ବସାଧାରଣ ବିଜ୍ଞପ୍ତି**

**ପରିମଳ ସେବା ଦେୟ (ୟୁଜର ଫି) ସଂଗ୍ରହ ସମ୍ପର୍କେ**

**13001/220/2526:** ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି) ଆଦାୟ କରାଯାଉଅଛି । ଏହି ୟୁଜର ଫି ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋଡ୍ ଏବଂ ୟୁପିଆଇ ID- commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଛନ୍ତି ।

ସୂଚନାଯୋଗ୍ୟ କି, ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଞ୍ଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରାମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଞ୍ଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବାରେ ସହଯୋଗର ହାତ ବଢ଼ାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ଓ୍ୱେବ୍‌ସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।

**ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର**

| ହାତକୁ ହାତ ମିଳାଇ | ଆସ କରିବା ସଫେଇ । |
|---|---|

ନିବେଦନ
OIPR-13001/13002/1/25-26/0024 ଭୁବନେଶ୍ୱର ମହାନଗର ନିଗମ

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨
Tel:0674-2562368/2561909, EPABX:2653800
E-mail:paribesh1@ospcboard.org, Website: www.ospcboard.org

ପତ୍ର ସଂଖ୍ୟା-୧୯୮୬/IND-I-SWM-MISC-138/2025-26 ତା.୧୧.୦୨.୨୦୨୬

No. 8001/67/2526

**ସାର୍ବଜନୀନ ସୂଚନା**

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରାଯାଇଛି । ଏଣୁ ସର୍ବସାଧାରଣଙ୍କୁ ମନ୍ଦିର ପରିସରରେ ପୂଜା ସାମଗ୍ରୀ ନେବା, ପ୍ରସାଦ ସେବନ କରିବା ତଥା ଖାଦ୍ୟ ସାମଗ୍ରୀ ନେବା ନିମନ୍ତେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପ୍ଲାଷ୍ଟିକ ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ସୂଚନାର ମୂଳ ଉଦ୍ଦେଶ୍ୟ । ତେଣୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

**ଭକ୍ତ ଏବଂ ବିକ୍ରେତାଙ୍କ ପାଇଁ**

୧) ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବଦଳରେ ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରନ୍ତୁ ।
୨) ମନ୍ଦିର ପରିସରରେ ଏବଂ ଆଖପାଖ ଅଞ୍ଚଳରେ କେବଳ ଉପରୋକ୍ତ ଅନୁମୋଦିତ ଜିନିଷଗୁଡିକରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରନ୍ତୁ ।

**ମନ୍ଦିର ପ୍ରଶାସକଙ୍କ ପାଇଁ–**

୧) ପୂଜା ସାମଗ୍ରୀ ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାନ୍ତୁ ।
୨) ଶୁଖିଲା ଅଳିଆ ଏବଂ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ ବ୍ୟବସ୍ଥା କରାନ୍ତୁ ।
୩) ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ଅଳିଆ ହସ୍ତାନ୍ତର କରାନ୍ତୁ ।
୪) ପ୍ରସାଦ/ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ ଥର୍ମକୋଲ୍ କଟଲେରୀ (ଯେପରିକି କପ୍ ଏବଂ ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ) ଏବଂ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ ବ୍ୟବହାର ନକରିବା ପାଇଁ ମନ୍ଦିର ଓ ଏହାର ନିକଟବର୍ତ୍ତୀ ହୋଟେଲ/ ରେଷ୍ଟୁରାଣ୍ଟ/ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।
୫) ଜୈବ ବିଘଟନ ଯୋଗ୍ୟ କଟଲେରୀ (ଯଥା- ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ ଇତ୍ୟାଦି) କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟଲେରୀ ଉପଲବ୍ଧ କରାନ୍ତୁ ।
୬) ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରନ୍ତୁ, ଯଦ୍ୱାରା ଏହି ବିସର୍ଜନ ସାମଗ୍ରୀଗୁଡିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ ।
୭) ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡିକୁ ଉପଯୁକ୍ତ ଡବା ଏବଂ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ ।

**ଆସନ୍ତୁ ମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।**

OSPCB-MSW-MISC-0014-2025/4/2026 OIPR-8001/8012/1/25-26/0012 ସ୍ୱା./- ସଦସ୍ୟ ସଚିବ

**ଖେଳଣା ବନ୍ଧୁକ ମୁଣ୍ଡରେ ଲଗାଇ ଲୁଟ୍ ଘଟଣା, ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି): ମୁଣ୍ଡରେ ଖେଳଣା ବନ୍ଧୁକ ଲଗାଇ କାନଫୁଲ ଏବଂ ଚୁଡ଼ି ଲୁଟ୍ କରିବା ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏନ୍-୩ ବେହେରା ବସ୍ତିର ଅଶୋକ କୁମାର ବେହେରା। ତାଙ୍କ ନିକଟରୁ ଖେଳଣା ବନ୍ଧୁକ, ଲୁଟ ହୋଇଥିବା ସୁନା କାନଫୁଲ ଏବଂ ନକଲି ଚୁଡ଼ିକୁ ଜବତ କରିଛି। ମନୋରଞ୍ଜନ ବଳବନ୍ତରାୟ୍ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ସାମାଜିକ କର୍ମୀ ସନାତନ ପାଇକରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ

ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ମେଡ଼ିକାଲ ଛକରେ ସାମାଜିକ କର୍ମୀ ତଥା ଦାରୁଠେଙ୍ଗ ଗ୍ରାମର ସ୍ୱର୍ଗତ ସନାତନ ପାଇକରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ ଓ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅବିନାଶ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକ ସଭାରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଆଇନଜୀବୀ ମନ୍ମଥ ଛୋଟରାୟ, ମୁରବୀ ପୀତବାସ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ପାଇକରାୟ ଜଣେ ସାମାଜିକ କର୍ମୀ ଭାବରେ ବାରଙ୍ଗ ଅଞ୍ଚଳରେ ବେଶ୍ ପରିଚିତ ଥିଲେ ଓ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବରେ ବେଶ ଜଣାଶୁଣା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଞ୍ଚଳର କେତେଜଣ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

### ବାରଙ୍ଗରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ୨୧୬ ପଞ୍ଜୀକୃତ

ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବାରଙ୍ଗ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୧୬ ଜଣ ଭିନ୍ନକ୍ଷମ ମହିଳା ଓ ପୁରୁଷ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ। ୧୮୨ ଜଣ ଡାକ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୨ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ୫୦ ଜଣଙ୍କୁ ରେଫରାଲ, ୧୫ ଜଣଙ୍କୁ ବସ୍‌ପାସ୍ ପ୍ରଦାନ, ୫୨ ଜଣଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ୧୮ ଜଣଙ୍କୁ ଏସ୍‌ଆଇଇପି କାଉନ୍‌ସେଲିଂ କରାଯାଇଥିଲା। ଅନ୍ୟ ଭିନ୍ନକ୍ଷମମାନଙ୍କୁ ତୁରନ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ବିଭାଗରୁ ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ଚିକିତ୍ସା ସହ ସେବା ଯୋଗାଇ ଦେଇଥିଲେ। ଏହି ଶିବିରରେ ବାରଙ୍ଗ ବ୍ଲକ ବିଡିଓ ସ୍ୱାଗତ ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା।

# ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା: ଜଗିବେ ୪୦ ପ୍ଲାଟୁନ ଫୋର୍ସ




ପ୍ରସ୍ତୁତି ବୈଠକରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ବିଧାୟକ ବାବୁ ସିଂ, ଏଡିଏମ୍ ତଥା ମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ଜେନା ଏବଂ ଅନ୍ୟ ଅତିଥି।

ପୁରୁଣା ଭୁବନେଶ୍ୱର,୧୨।୨(ସୁବାସ ଚନ୍ଦ୍ର ପ୍ରଧାନ)

**ମନ୍ଦିର ଭିତରକୁ କେବଳ ଦୂରଦର୍ଶନକୁ ଅନୁମତି**

ଆସନ୍ତା ୧୫ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ତଥା ମହାଶିବରାତ୍ରି। ମହାଶିବରାତ୍ରିକୁ ସୁରକ୍ଷିତ ତଥା ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଗୁରୁବାର ଅପରାହ୍ନରେ କମିଶନରେଟ ପୋଲିସ ପକ୍ଷରୁ କେଦାରଗୌରୀ ମନ୍ଦିର ନିକଟ ଏକ କଲ୍ୟାଣମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନକଲି ପାସ୍ ଯାଞ୍ଚ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗତବର୍ଷ ଭିଆଇପି ପାସ୍ ୧୭୫୦ ହୋଇଥିବା ବେଳେ ଚଳିତ ବର୍ଷ ମୋଟ୍ ୧୫୦୦ ପାସ୍ କରାଯିବା ପାଇଁ ସ୍ଥିର ହୋଇଛି। ଦକ୍ଷିଣ ଦ୍ୱାର ଦେଇ ଚଳିତ ବର୍ଷ କୌଣସି ଭିଆଇପି, ସେବାୟତ, ପାସ୍‌ଧାରୀଙ୍କୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଏହି ଦକ୍ଷିଣ ଦ୍ୱାର ପ୍ରସ୍ଥାନ ପଥ ହେବ ବୋଲି ଆଲୋଚନା କରାଯାଇଛି। ପାସ୍‌ରେ ବାରକୋଡ୍ ଦିଆଯିବ, ଯାହାକୁ ପ୍ରବେଶ ଫାଟକଠାରେ ସ୍କାନିଂ କରାଯିବ, ଯାହା ଅଟୋମେଟିକ ନିଷ୍କ୍ରିୟ ହୋଇଯିବ ଏବଂ ପରେ ପୁନଃବ୍ୟବହାର ହୋଇପାରିବ ନାହିଁ। ସମସ୍ତ ପାସ୍‌ଧାରୀ ମନ୍ଦିର ପରିସରରେ ଥିବା ମା' ଭୁବନେଶ୍ୱରୀ ମନ୍ଦିର ଜାଲି କବାଟ ଦେଇ ପ୍ରବେଶ କରିବେ। ମହାଶିବରାତ୍ରିରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ତିନି ସିଫ୍ଟରେ ୨୦୦ ଅଫିସର ଏବଂ ୨୦୦ କର୍ମଚାରୀ ମୋଟ୍ ୪୦ ପ୍ଲାଟୁନ ଫୋର୍ସ ପୋଲିସ ନିୟୋଜିତ ହେବେ। ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପାଇଁ ପୂର୍ବଦିନ ରାତି ୩ଟାରୁ ପରଦିନ ଭୋର ୬ଟା ପର୍ଯ୍ୟନ୍ତ ୨୭ ଘଣ୍ଟାର ନୀତିକାନ୍ତି କିଭଳି ସୁପରିଚାଳିତ ହେବ ସେନେଇ ବିଧାୟକ ବାବୁ ସିଂ ସେବାୟତମାନଙ୍କ ସହଯୋଗ ଲୋଡ଼ିଥିଲେ। ଚଳିତ ବର୍ଷ ମନ୍ଦିର ଭିତରକୁ କେବଳ ଦୂରଦର୍ଶନକୁ ଅନୁମତି ଦିଆଯିବ ବୋଲି ଏଡିଏମ୍ ତଥା ମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ଜେନା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ତପନ ମହାନ୍ତି, ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଏମ୍‌ସି ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ସିଦ୍ଧାର୍ଥ ରାୟ, ସାମନ୍ତରାପୁର ୱାର୍କୋର ଅଧିକାରୀ ଗିରିଜା ନନ୍ଦନ ଶତପଥୀ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପାର ବରିଷ୍ଠ ନେତା ସମୀର ମହାନ୍ତି, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ସେବାୟତ ପ୍ରସନ୍ନ କୁମାର ପୂଜାପଣ୍ଡା, ବିରଞ୍ଚି ନାରାୟଣ ପତିଙ୍କ ସମେତ ପ୍ରମୁଖ ନିଯୋଗ ସେବାୟତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କିଟ୍‌ରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଠ୍ୟକ୍ରମ

ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)




ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ କିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟସ୍ଥଳ ଅସୁରକ୍ଷିତ ରହିଥିବାବେଳେ ଏନେଇ ଭାରତ, ଚାଇନା, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କିଟ୍ ଓ କିସ୍ ଏହି ସବୁ ଐତିହ୍ୟସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେନେଇ ପଦକ୍ଷେପ ଗ୍ରହଣ କରିବ। ଇଣ୍ଡିଆନ ଟ୍ରଷ୍ଟ ଫର୍ ରୁରାଲ ହେରିଟେଜ ଆଣ୍ଡ୍ ଡେଭେଲପମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ। ପ୍ରଫେସର ଗାଲା କିଟ୍ ଲ' ସ୍କୁଲ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। କିଟ ଲ' ସ୍କୁଲରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଛି। ପ୍ରଫେସର ଗାଲା ଗତବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ତାହାକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଗ୍ରାମୀଣ ପ୍ରେକ୍ଷାପଟ୍ଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡ଼ିକର ସୁରକ୍ଷା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ଓଡ଼ିଶାର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୁଜ – ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଏବଂ ଅନ୍ତର୍ଜାତୀୟ ଏକାଡେମୀର ଏହି ଐତିହାସିକ ସ୍ଥଳ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି।

# ପରମ୍ପରାକୁ ସମ୍ମାନ ଦେବା ସାହିତ୍ୟିକଙ୍କ ଧର୍ମ



ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

ଭୁବନେଶ୍ୱର,୧୨।୨(ସୌମ୍ୟରଞ୍ଜନ ରାଉତ)

**'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ**

'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଗୁରୁବାର ସୂଚନା ଭବନରେ ପତ୍ରିକାର ସମ୍ପାଦିକା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ପରମ୍ପରାକୁ ସମ୍ମାନ ଦେବା ସାହିତ୍ୟିକଙ୍କ ଧର୍ମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏବଂ ସ୍ତମ୍ଭକାର ଦାଶ ବେନହୁର୍ ଯୋଗଦେଇଥିଲେ। ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ'ର ୨୦୨୬ ଫେବୃଆରୀ- ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ ସାହିତ୍ୟିକା ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ, ସମାଜିକକର୍ମୀ ଡ. ଦୀପା ପାଢ଼ୀଙ୍କୁ ଯୁଗଶ୍ରୀ ଯୁଗନାରୀ ସମାଜସେବା ସମ୍ମାନ, ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ରନାଥ ଗିରିଙ୍କୁ ଯୁଗଶ୍ରୀ ଯୁଗନାରୀ ଶିଳ୍ପୀ ସମ୍ମାନ ଏବଂ ମାଧବ ବୁକ ଷ୍ଟୋରର ଅମ୍ବରୀଶ ସ୍ୱାଇଁଙ୍କୁ ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠ ବିତରକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ପ୍ରଭାତୀ ମିଶ୍ରଙ୍କ ସମ୍ପାଦିତ ପୁସ୍ତକ 'ଆଡୋରେବଲ୍ ମଦର୍ସ', ଡା. ଅନୀତା ପଣ୍ଡାଙ୍କ ଉପନ୍ୟାସ 'ଆହୁତି', ମେଜର ଡ. ସୁମିତ୍ରା ମିଶ୍ରଙ୍କ ନାଟକ ପୁସ୍ତକ 'ମଣ୍ଡି' ଏବଂ ଡ. ସୁଷମା ମିଶ୍ରଙ୍କ ଶିଶୁ କବିତା ପୁସ୍ତକ 'ଆସ ଦେଖିବା ଇନ୍ଦ୍ରଧନୁ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସହସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଦୀପ୍ତି ଦାସ ସଂଯୋଜନା କରିଥିଲା ବେଳେ ଗାଳ୍ପିକ ଚିତ୍ତରଞ୍ଜନ ବର୍ମା ଧନ୍ୟବାଦ ଦେଇଥିଲେ।

# 'ଓଡ଼ିଆ ଅସ୍ମିତା ଶିବିର' ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୨
(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଓଡ଼ିଆ ଅସ୍ମିତା ଶିବିର' ଗୁରୁବାର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଆ ଅସ୍ମିତାକୁ ଆମ ସାଂସ୍କୃତିକ ପରିଚୟ ଓ ଗୌରବ ଭାବେ ସମସାମୟିକ ଯୁବପିଢ଼ି ଗ୍ରହଣ କରିବା ଉଚିତ୍। ଆମର ସାଂସ୍କୃତିକ ବିଭବର ସଂରକ୍ଷଣ ଓ ପ୍ରସାର ନିମନ୍ତେ ଯୁବପିଢ଼ି ସଂକଳ୍ପବଦ୍ଧ ଭାବେ ଉଦ୍ୟମ କରିବାକୁ ଆଗଭର ହେବାକୁ ସେ ଆହ୍ୱାନ ଦେଇଥିଲେ। ବିଶେଷକରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିଜ ସାମାଜିକ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ ଯୋଗଦେଇ ଏଭଳି ରାଜ୍ୟସ୍ତରୀୟ ଉତ୍ସବ ଜରିଆରେ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଉଭୟ ସାଂସ୍କୃତିକ ଓ ସାମାଜିକ ଭାବ ବିନିମୟର ସୁଯୋଗ ସୃଷ୍ଟି ହୋଇପାରିଛି। ସାମ୍ପ୍ରତିକ ସମୟରେ ଯୁବ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସେବା ଯୋଜନାର ରାଜ୍ୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା 'ଓଡ଼ିଆ ଅସ୍ମିତା ଶିବିର' ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।


ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE, SAMAGRA SIKSHA, JHARSUGUDA**

No.343/TE/2026 Dated 12.02.2026

**TENDER CALL NOTICE FOR SUPPLY OF BRASS AND PIPE BAND EQUIPMENTS & UNIFORM (BOYS & GIRLS)**

No.27001/18/2526: Sealed tenders under four bid systems are invited from the reputed authorized agency/ supplier/ manufacturer having valid PAN, GST & IT for supply of Brass and pipe band instruments & Uniform (Boys & Girls) for Eight (08) nos. of PM SHRI Schools of Jharsuguda District in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Brass and pipe band instruments & Uniform (Boys & Girls) for Eight (08) nos of PM SHRI Schools | Rs.5000/- | Rs.60,000/- | 26.02.2026, 12 P.M. | 26.02.2026, 03 PM |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman,
OIPR-27001/27153/1/25-26/0004 Sd./- District Project Coordinator, SS, Jharsuguda


# ସୁସ୍ଥ ହେଲେ ଜଟିଳ ମେରୁଦଣ୍ଡ ରୋଗରେ ପୀଡ଼ିତ ଶିଶୁ

**ମଣିପାଲ ହସ୍ପିଟାଲର ସଫଳତା**

ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)



ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜଣେ ୩ ବର୍ଷୀୟ ଶିଶୁଙ୍କ ଜଟିଳ ଜନ୍ମଜାତ ମେରୁଦଣ୍ଡ ରୋଗର ସଫଳ ଚିକିତ୍ସା ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ କରାଯାଇଛି। ମଣିପାଲ ହସ୍ପିଟାଲର ନ୍ୟୁରୋସର୍ଜନ ଡାକ୍ତର ରିତେଶ ଭୂତ୍‌ଙ୍କ ମତରେ ଶିଶୁ ଜଣକ 'ସ୍ପାଇନାଲ ଲିପୋମାଇଲୋମେନିଙ୍ଗୋସିଲ' ରୋଗରେ ପୀଡ଼ିତ ଥିଲେ। ଜନ୍ମରୁ ସେ ଠିଆ ଓ ପରିସ୍ରା କରିବାରେ ସମସ୍ୟା ଭୋଗୁଥିଲେ। ଧୀରେ ଧୀରେ ତାଙ୍କ ବାମ ପାଦ ପତଳା ଓ ଜଟିଳ ହେବାକୁ ଲାଗିଲା। ଏହା ସ୍ନାୟୁ ଖରାପ ହେବାର ସ୍ପଷ୍ଟ ଲକ୍ଷଣ ଥିଲା। ଏଥିପାଇଁ ତାଙ୍କ ମାଆ ବାପା ଅନେକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଡାକ୍ତର ତାଙ୍କୁ ୩ ବର୍ଷ ପରେ ଅପରେଶନ କରିବାକୁ ପରାମର୍ଶ ଦେଇଥିଲେ, ଫଳରେ ସେମାନେ ଚିକିତ୍ସାରେ ବିଳମ୍ବ କରିଥିଲେ। ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ମତରେ ଏଭଳି ରୋଗରେ ୩ ମାସ ମଧ୍ୟରେ ଅପରେଶନ କରିବା ଉଚିତ୍। ବିଳମ୍ବ ଯୋଗୁ ଅପରେଶନ ଅଧିକ ଜଟିଳ ହୋଇଯାଇଥିଲା ଓ ସାରା ଜୀବନ ପାଇଁ ପକ୍ଷାଘାତ (ପାରାଲିସିସ) ହେବାର ଆଶଙ୍କା ବଢ଼ିଯାଇଥିଲା। ମଣିପାଲ ହସ୍‌ପିଟାଲରେ ଅପରେଶନ ସମୟରେ ସମ୍ପୃକ୍ତ ଶିଶୁଙ୍କ ପିଠିରେ ସମସ୍ୟା ଥିବା ସ୍ଥାନରେ ସାବଧାନତାର ସହ ଅତ୍ୟାଧୁନିକ ମେଶିନ ସାହାଯ୍ୟରେ କାଟି ଜମିଥିବା ଚର୍ବି ଭାଗକୁ ନର୍ଭରୁ ଅଲଗା କରାଯାଇଥିଲା। ନର୍ଭ ସହିତ ଲାଗିଥିବା ଚର୍ବିକୁ କାଟି ବାହାର କରି ମେରୁଦଣ୍ଡକୁ ମୁକ୍ତ କରାଗଲା। ଅପରେଶନ ପରେ ବର୍ତ୍ତମାନ ଶିଶୁଜଣକ ସୁସ୍ଥ ହେଉଛନ୍ତି ଏବଂ ପୁନର୍ବାସରେ ତାଙ୍କର ଚିକିତ୍ସା ଚାଲିଛି।

# ମାର୍ଚ୍ଚ ୨୭ରୁ ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୧୨।୨
(ସୌମ୍ୟରଞ୍ଜନ ରାଉତ/ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ମାର୍ଚ୍ଚ ୨୭ରୁ ଐତିହାସିକ ଧଉଳି ପାଦଦେଶରେ ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଭାରତ ସମେତ ଲଣ୍ଡନ, ଆମେରିକା, ନେପାଳ, ବାଂଲାଦେଶ, ଭିଏତ୍‌ନାମ, କୋରିଆ ଓ ଇରାକ ଆଦି ବିଭିନ୍ନ ଦେଶରୁ ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବେ। ମହୋତ୍ସବରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା, ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା, ପାରମ୍ପରିକ କଳା ଓ ଇନ୍‌ଷ୍ଟାଲେଶନ୍ ଆର୍ଟର ଏକ ନିଆରା ପ୍ରଦର୍ଶନୀ ଆୟୋଜନ କରାଯିବ। ଏହି ଅବସରରେ ଶିଳ୍ପୀମାନଙ୍କୁ ସମ୍ମାନିତ କରାଯିବା ସହ କୃତୀ ଯୁବଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ ଓ ପ୍ରତିଦିନ ସନ୍ଧ୍ୟାରେ କଳାତ୍ମକ ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ଏଥିସହ କୋମଳମତି ଶିଶୁମାନଙ୍କ ଚିତ୍ର ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଶିଶୁ ଚିତ୍ରକଳା ପ୍ରଦର୍ଶନୀ କରାଯିବ। ଏଥିରେ ପ୍ରାୟ ୧୫୦୦ ଶିଶୁ ଚିତ୍ରଶିଳ୍ପୀ ଭାଗନେବେ। ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଶିଳ୍ପୀମାନେ ଚଳିତ ମାସ ୨୮ ତାରିଖ ସୁଦ୍ଧା ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଚିତ୍ର ଦାଖଲ କରିବାପାଇଁ ଆବେଦନ କରିପାରିବେ ବୋଲି ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।


**CUTTACK MUNICIPAL CORPORATION**

**TENDER CALL NOTICE**

No. 485/H.O Dt.09.02.26

No.13001/215/2526 : Cuttack Municipal Corporation invites sealed tenders from interested Manufactures/ Authorized Dealers/Suppliers for Supply of Allopathic Medicine and surgical items for Animal Birth Control Programme for the year 2026-27.

The details can be downloaded from the official website www.cmccuttack.odisha.gov.in The last date of submission of Tender documents is up to 4.00 P.M dt. 06.03.2026

Sd./- Commissioner
OIPR-13001/13031/1/25-26/0025 Cuttack Municipal Corporation



**Bhubaneswar Municipal Corporation**

Phone No.0674-2431253, e-mail: info@bmc.gov.in

Letter No.8588 Date-12.2.26

**ସର୍ବସାଧାରଣ ବିଜ୍ଞପ୍ତି**

**ପରିମଳ ସେବା ଦେୟ (ୟୁଜର ଫି) ସଂଗ୍ରହ ସମ୍ପର୍କେ**

**13001/220/2526:** ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି) ଆଦାୟ କରାଯାଉଅଛି । ଏହି ୟୁଜର ଫି ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋଡ୍ ଏବଂ ୟୁପିଆଇ ID- commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଛନ୍ତି ।

ସୂଚନାଯୋଗ୍ୟ କି, ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଞ୍ଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରାମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଞ୍ଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ କରିବାରେ ସହଯୋଗର ହାତ ବଢ଼ାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ୱେବ୍‌ସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।

ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର

| ହାତକୁ ହାତ ମିଳାଇ | ଆସ କରିବା ସଫେଇ । |
|---|---|

ନିବେଦନ
OIPR-13001/13002/1/25-26/0024 ଭୁବନେଶ୍ୱର ମହାନଗର ନିଗମ



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨

Tel:0674-2562368/2561909, EPABX:2653800

E-mail:paribesh1@ospcboard.org, Website: www.ospcboard.org

ପତ୍ର ସଂଖ୍ୟା-୧୯୮୬/IND-I-SWM-MISC-138/2025-26 ତା.୧୧.୦୨.୨୦୨୬

No. 8001/67/2526

**ସାର୍ବଜନୀନ ସୂଚନା**

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରାଯାଇଛି । ଏଣୁ ସର୍ବସାଧାରଣଙ୍କୁ ମନ୍ଦିର ପରିସରରେ ପୂଜା ସାମଗ୍ରୀ ନେବା, ପ୍ରସାଦ ସେବନ କରିବା ତଥା ଖାଦ୍ୟ ସାମଗ୍ରୀ ନେବା ନିମନ୍ତେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପ୍ଲାଷ୍ଟିକ ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ସୂଚନାର ମୂଳ ଉଦ୍ଦେଶ୍ୟ । ତେଣୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

**ଭକ୍ତ ଏବଂ ବିକ୍ରେତାଙ୍କ ପାଇଁ**

୧) ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବଦଳରେ ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରନ୍ତୁ ।
୨) ମନ୍ଦିର ପରିସରରେ ଏବଂ ଆଖପାଖ ଅଞ୍ଚଳରେ କେବଳ ଉପରୋକ୍ତ ଅନୁମୋଦିତ ଜିନିଷଗୁଡିକରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରନ୍ତୁ ।

**ମନ୍ଦିର ପ୍ରଶାସକଙ୍କ ପାଇଁ-**

୧) ପୂଜା ସାମଗ୍ରୀ ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାନ୍ତୁ ।
୨) ଶୁଖିଲା ଅଳିଆ ଏବଂ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ ବ୍ୟବସ୍ଥା କରାନ୍ତୁ ।
୩) ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ଅଳିଆ ହସ୍ତାନ୍ତର କରାନ୍ତୁ ।
୪) ପ୍ରସାଦ/ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ ଥର୍ମକୋଲ୍ କଟଲେରୀ (ଯେପରିକି କପ୍ ଏବଂ ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ) ଏବଂ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ ବ୍ୟବହାର ନକରିବା ପାଇଁ ମନ୍ଦିର ଓ ଏହାର ନିକଟବର୍ତ୍ତୀ ହୋଟେଲ/ ରେଷ୍ଟୁରାଣ୍ଟ/ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।
୫) ଜୈବ ବିଘଟନ ଯୋଗ୍ୟ କଟଲେରୀ (ଯଥା- ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ ଇତ୍ୟାଦି) କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟଲେରୀ ଉପଲବ୍ଧ କରାନ୍ତୁ ।
୬) ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରନ୍ତୁ, ଯଦ୍ଦ୍ୱାରା ଏହି ବିସର୍ଜନ ସାମଗ୍ରୀଗୁଡିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ ।
୭) ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡିକୁ ଉପଯୁକ୍ତ ଡବା ଏବଂ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ ।

**ଆସନ୍ତୁ ମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।**

ସ୍ୱା./- ସଦସ୍ୟ ସଚିବ
OSPCB-MSW-MISC-0014-2025/4/2026 OIPR-8001/8012/1/25-26/0012

## ସନାତନ ପାଇକରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ମେଡ଼ିକାଲ ଛକରେ ସମାଜସେବୀ ତଥା ଦାରୁଠେଙ୍ଗ ଗ୍ରାମର ସ୍ୱର୍ଗତ ସନାତନ ପାଇକରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅବିନାଶ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକ ସଭାରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଆଇନିଜିବି ମନ୍ମଥ ଛୋଟରାୟ, ମୁରବୀ ପିତବାସ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ସର୍ଗତ ପାଇକରାୟ ଜଣେ ସାମାଜିକ କର୍ମୀ ଭାବରେ ବାରଙ୍ଗ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ଏହି ଅବସରରେ ଅଞ୍ଚଳର କେତେଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

**ସଂକ୍ଷେପରେ**

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୨୧୬ ପଞ୍ଜୀକୃତ

ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବାରଙ୍ଗ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୧୬ ଜଣ ଭିନ୍ନକ୍ଷମ ମହିଳା ଓ ପୁରୁଷ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ। ୧୮୨ ଜଣ ଡାକ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୨ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ଭିନ୍ନକ୍ଷମମାନଙ୍କୁ ତୁରନ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ବିଭାଗରୁ ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ଚିକିତ୍ସା ସହ ସେବା ଯୋଗାଇ ଦେଇଥିଲେ। ଏହି ଶିବିରରେ ବାରଙ୍ଗ ବ୍ଲକ ବିଡିଓ ସ୍ୱାଗତ ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଡ଼ମ୍ବା ବନ୍ଦ କଲା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ

ବଡମ୍ବା,୧୨।୨(ମାୟାଧର ମଲ୍ଲିକ) ବଡ଼ମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ ତରଫରୁ ବିଭିନ୍ନ ଦାବି ନେଇ ଗୁରୁବାର ବଡ଼ମ୍ବା ବନ୍ଦ ଡାକରା ଦିଆଯାଇଥିଲା। ଜୋର ଜବରଦସ୍ତ ସ୍ମାର୍ଟ ମିଟର ନ ଲଗାଇବା, ଅତିରିକ୍ତ ସୁରକ୍ଷା ଜମା ରାଶିକୁ ବାତିଲ କରିବା , ମନମୁଖି ଜରିମାନା ଆଦାୟ ବନ୍ଦ କରିବା, ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରାଯିବା ସହ ବିଦ୍ୟୁତ୍ ବିଲ ୨୦୨୫ ବାତିଲ କରିବା ଆଦି ଦାବି ନେଇ ଶୁକ୍ରବାର ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ବଡ଼ମ୍ବା ବନ୍ଦ କରାଯାଇଥିଲା। ମହାସଂଘ ସଭାପତି ଖବରଦାତା ଚିନ୍ମୟ ମହାନ୍ତିଙ୍କ ନେତୃତ୍ୱରେ ଗାନ୍ଧିଛକଠାରେ ବଡମ୍ବା-ନରସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରାଯାଇ ଧାରଣା ଦିଆଯାଇଥିଲା। ଫଳରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଏହାକୁ ସମର୍ଥନ କରି ମହାବୀରଠାରୁ ସୁନାପାଳ ବଜାର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା। ସମସ୍ତ ସ୍କୁଲ, କଲେଜ, ବ୍ୟାଙ୍କ, ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଅପରାହ୍ନରେ ଧାରଣା ସ୍ଥାନରୁ ବଡ଼ମ୍ବା ବିଦ୍ୟୁତ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଶତାଧିକ ଜନସାଧାରଣ ଏକ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବିଦ୍ୟୁତ୍ କାର୍ଯ୍ୟାଳୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୂର୍ଯ୍ୟ କିଶୋର ମହାନ୍ତି, ସରୋଜ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ବିବେକାନନ୍ଦ ମଲ୍ଲିକ,ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନା,ବଡମ୍ବା ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କରଣ, ହାଟ ବଣିକ ସଂଘ ସଭାପତି ଶିବ ନାରାୟଣ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଉଠାଜଳସେଚନ, ପାନୀୟ ଜଳଯୋଗାଣକୁ ଗୁରୁତ୍ୱ

### ବାଙ୍କୀ ଡମପଡ଼ା ପଞ୍ଚାୟତ ସମିତିର ସପ୍ତମ ବୈଠକ


ବୈଠକରେ ଯୋଗଦେଇଥିବା ବିଧାୟକ, ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ବାଙ୍କୀ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଡମପଡ଼ା ବ୍ଲକର ସପ୍ତମ ସାଧାରଣ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପ କିପରି ଚାଲୁ ରହିଛି, ତାହା ଉପରେ ସମୀକ୍ଷା କରିଥିଲେ। ବୈଠକରେ ଯେଉଁ ପଞ୍ଚାୟତଗୁଡ଼ିକ ବୃହତ୍ ଉଠାଜଳସେଚନ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ହୋଇନାହିଁ ସେ ପଞ୍ଚାୟତର ଚାଷ ଜମିଗୁଡିକ ଏହି ଯୋଜନାରେ ସାମିଲ କରିବା ସହ ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କିପରି ସମସ୍ତ ଜନସାଧାରଣ ପାନୀୟ ଜଳ ପାଇପାରିବେ, ତାହା ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ବିଭାଗ ତରଫରୁ ରବି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ସୋରିଷ, ମୁଗ, ବିରି ବଣ୍ଟନ ହୋଇଛି, ତାହାର ତଦନ୍ତ କରିବା ପାଇଁ ଏକ ଗୃହ କମିଟି ଗଠନ କରାଯାଇ ତାହାର ରିପୋର୍ଟ ପ୍ରଦାନ କରାଯିବ। ବିଭିନ୍ନ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ବିଧାୟକ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ବ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ, କୃଷି ଉଦ୍ୟାନ, ପଶୁପାଳନ, ମିଶନ ଶକ୍ତି, ଉଠାଜଳସେଚନ, ସାମାଜିକ ସୁରକ୍ଷା ଓ ଗ୍ରାମ୍ୟ ଉନ୍ନୟନ ଉପରେ ବିଶଦ ଆଲୋଚନା ହୋଇଥିଲା। ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଂଶୁମାନ୍ ଦାସ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟମଣି ବାରିକ, ମୁଖ୍ୟକିରାଣି ବିଭୂତି ମିଶ୍ର, ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, କେନ୍ଦ୍ରୀୟ ଜୋନ ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର, ୩୮ନମ୍ବର ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ଏମ୍ପି ପ୍ରତିନିଧି ସରୋଜ କୁମାର ମତଗଜ ସିଂହ, ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ବ୍ଲକର ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କହଁରଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ତ୍ରିପାଠୀ ବ୍ଲକ ପରିସର ମଧ୍ୟରେ ନବନିର୍ମିତ ଗୋଷ୍ଠୀ ଶୌଚାଳୟ ଏବଂ ଯାନବାହନ ରଖିବା ପାଇଁ ଘରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଫଳ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଜବତ



ସାଲେପୁର,୧୨।୨(ଅରବିନ୍ଦ ଭୂୟାଁ): ସାଲେପୁର ବଜାରର ଜଣେ ଫଳ ବ୍ୟବସାୟୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଗୁରୁବାର ଜବତ ହୋଇଛି। ସେ ହେଲେ ଲୁଣାହାର ଗ୍ରାମର ସନାତନ ଭୂୟାଁ (୫୭)। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ସନାତନଙ୍କୁ ଏକ ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ସୁନ୍ଦର ଖାଁ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ପୁଅ ଆଶୁତୋଷ ଭୂୟାଁ ମୁଖାଗ୍ନି ଦେଇଛନ୍ତି।

ବଜାରରେ ସନାତନ ଦୋକାନ ଗୃହ ମଧ୍ୟରେ ବୁଧବାର ବିଳମ୍ବିତ ରାତିରେ ବେକରେ ଏକ ଦୌଡ଼ି ସହାୟତାରେ ଫ୍ୟାନରେ ଝୁଲି ପଡ଼ିଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ସମେତ ବଜାର ବ୍ୟବସାୟୀଙ୍କ ଋଣ୍ଡ ଜମିଥିଲା। ଅପରପକ୍ଷେ ସ୍ୱର୍ଗତ ସନାତନ ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ ମେଳାପି ଓ ବିଶିଷ୍ଟ ଫଳ ବ୍ୟବସାୟୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସାଲେପୁର ବଜାରର ସେଣ୍ଟ୍ରାଲ ମାର୍କେଟ ଓ ଲୁଣାହାର ମାର୍କେଟ ବନ୍ଦ ରଖାଯାଇଥିଲା। ଖବର ପାଇଁ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା,ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ସାଲେପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ବିବେକାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର କର, ଭାଜପା ନେତା ବେଣୁଧର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ବେଆଇନ ଖଣି କ୍ରଶର ଉପରେ ଚଢ଼ାଉ

ଟିଗିରିଆ,୧୨।୨(ଜାଫର ଖାଁ):


ବିଭାଗୀୟ ଅଧିକାରୀମାନେ କ୍ରଶରଗୁଡ଼ିକର ଯାଞ୍ଚ କରୁଛନ୍ତି।

ଟିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତସ୍ଥିତ ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଚାଲିଥିବା ଏକାଧିକ ବେଆଇନ ଖଣି ଓ କ୍ରଶର ଉପରେ ଗୁରୁବାର ରାଜସ୍ୱ, ପ୍ରଦୂଷଣ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଖଣି ବିଭାଗ ପକ୍ଷରୁ ସ୍ଥାନୀୟ ପୋଲିସ ସହାୟତାରେ ମିଳିତ ଚଢ଼ାଉ କରାଯାଇଛି। ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡ଼ା, ପୋଲିସ ଅଧିକାରୀ ପ୍ରିୟଦର୍ଶିନୀ ଈପ୍ସିତାଙ୍କ ଉପସ୍ଥିତିରେ ଏହି ଚଢ଼ାଉ ସମୟରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବେଆଇନ କ୍ରଶରଗୁଡ଼ିକୁ ତଦାରଖ କରିବା ସହ ଏହାର ସ୍ଥିତି ଯାଞ୍ଚ କରିଥିଲେ। ପ୍ରଦୂଷଣ ବିଭାଗ ପକ୍ଷରୁ ଏହି କ୍ରଶର ଓ ଖଣି ଦ୍ୱାରା ନିର୍ଗତ ଧୂଳି ଧୂଆଁ ଯୋଗୁ ସ୍ଥାନୀୟ ଜନସାଧାରଣ, ଜଳଉସ୍, କୃଷି କ୍ଷେତ୍ର କିଭଳି ପ୍ରଭାବିତ ହେଉଛି ସେ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। କିନ୍ତୁ ବିଭିନ୍ନ ବିଭାଗ ପକ୍ଷରୁ ମିଳିତ ଭାବେ ପୂର୍ବରୁ ଏକାଧିକ ଥର ଏହି କ୍ରଶର ଓ ଖଣି ଉପରେ ଚଢ଼ାଉ କରାଯାଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଖଣି ମାଫିଆଙ୍କ ଉପରେ ପଡ଼ିନାହିଁ। ବିଭାଗ ପକ୍ଷରୁ ଯେଉଁ ବେଆଇନ ଖଣି କିମ୍ବା କ୍ରଶରକୁ ଚଢ଼ାଉ କରି ସିଲ୍ କରାଯାଇଛି, ଦିନ କେଇଟା ମଧ୍ୟରେ ସ୍ଥାନୀୟ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଖଣି ମାଫିଆମାନେ ଏହି ଖଣି କିମ୍ବା କ୍ରଶରକୁ ବେଧଡ଼କ ଚଳାଉଥିବା ଜଣାପଡ଼ିଛି। ଏଥିସହିତ ଗୁରୁବାର ଚଢ଼ାଉ ସମ୍ପର୍କରେ ଖଣି ମାଫିଆଙ୍କ ନିକଟରେ ପୂର୍ବରୁ ସୂଚନା ଥିବାରୁ ସେମାନେ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ସତର୍କ ହୋଇଥିବା ଦେଖିବାକୁ ମିଳିଥିଲା। ଚଢ଼ାଉ ପରେ ବେଆଇନ ଖଣି ଓ କ୍ରଶର ଉପରେ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ସ୍ଥାନୀୟ ଜନସାଧାରଣଙ୍କ ନଜର ରହିଥିବା ସୂଚନା ମିଳିଛି।

ବେଆଇନ ଖଣି ଓ କ୍ରଶର ଯୋଗୁ ଏକାଧିକ ଗ୍ରାମର ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ୨ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏକାଧିକ ଅଭିଯୋଗ ହୋଇଥିଲା। ଏହାପରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ଖଣି ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟ, ଶାନ୍ତନୁ ସାହୁ, କାଞ୍ଚନମାଳା ବିହାରୀ, ବିଭୂତି ଭୂଷଣ ମହାନ୍ତି, ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଲିପ୍ସା ବିଶୋଇ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ମହମ୍ମଦ ଖାଲିଦ ପ୍ରମୁଖ ସାମିଲ ଥିଲେ।

## ଶିକ୍ଷକଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବେ ୧୯୯୯ ବ୍ୟାଚ୍ ଛାତ୍ରୀଛାତ୍ର

ତାଳବସ୍ତ,୧୨।୨(ସୁବ୍ରତ ନାୟକ):

ତାଳବସ୍ତ ଉଚ୍ଚ ବିଦ୍ୟାଳୟ ୧୯୯୯ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏହି ଉତ୍ସବରେ ସାଙ୍ଗସାଥୀ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଏକାଠି ଗୋଟେ ମଞ୍ଚରେ ଏକତ୍ର କରି ବିତିଯାଇଥିବା ସ୍ମୃତି ଅନୁଭୂତିକୁ ସାଉଁଟିଥାନ୍ତି। ଏହି ଅବସରରେ ତାଳବସ୍ତ ଅଞ୍ଚଳର ଦିବଂଗତ ଶିକ୍ଷକ ଗୋକୁଳି ପ୍ରଧାନ, ବିଶ୍ୱନାଥ ଦାସ, ଚକ୍ରଧର ପ୍ରଧାନ, ରାମ ସାହୁ ପ୍ରମୁଖଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଛାତ୍ରୀଛାତ୍ରମାନେ ପ୍ରସ୍ତାବ ଦେବା ସହିତ ଏହାକୁ କିପରି ଶୀଘ୍ର କାର୍ଯ୍ୟକାରୀ କରି ସମାପ୍ତ କରିହେବ ତାହା ଉପରେ ଆଲୋଚନା କରିଥିଲେ। ପ୍ରଶାନ୍ତ ମହାରଣା, ଶ୍ରଦ୍ଧାଞ୍ଜଳି ନାୟକ, ରମେଶ ଚନ୍ଦ୍ର ବସ୍ତି, ପାର୍ଥସାରଥି ପରିଡ଼ା, ଶିବ ପ୍ରସାଦ ମହାରଣା, ପୂଜା ସ୍ୱାଇଁ, ବିକାଶ କୁମାର ସ୍ୱାଇଁଙ୍କ ସହଯୋଗରେ ଗୁରୁପୂଜନ ସହିତ ବନ୍ଧୁମିଳନ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା।

# ରାଣୀ ଶୁକଦେଈ ଛାତ୍ରୀ ନିବାସର ବାର୍ଷିକୋତ୍ସବ

ବାଙ୍କୀ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବୁଧବାର ସନ୍ଧ୍ୟାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବପୁରାତନ ରାଣୀ ଶୁକଦେଈ ଛାତ୍ରୀ ନିବାସର ବାର୍ଷିକୋତ୍ସବ ଗୁରୁବାର ଛାତ୍ରୀ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରି କଲେଜ ଓ ଛାତ୍ରୀ ନିବାସର ଉନ୍ନତି ପାଇଁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଛାତ୍ରୀ ନିବାସର ସମସ୍ତ ସୁବିଧା ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଅଧ୍ୟକ୍ଷ ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍କିଆ ଥାନା ସହକାରୀ ଆଇଆଇସି ମମତା ବିଶ୍ୱାଳ ଯୋଗଦେଇ ବୀରା ରାଣୀ ଶୁକଦେଈଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସାହସୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଗାଇଡ୍ ସଂସ୍ଥାର ଅଧିକାରୀ ଅନାମିକା ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ପ୍ରାଧ୍ୟାପିକା ସୁଶୀଳା ରଥ ଯୋଗଦେଇ ଛାତ୍ରୀମାନେ ନିଜ ଜୀବନକୁ ଭଲ ଭାବରେ ଗଢ଼ି ତୋଳିବା ପାଇଁ କହିଥିଲେ। ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ଅଧ୍ୟାପିକା ସଚଳା ଦେଈ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହତତ୍ତ୍ୱାବଧାରିକା ଅଧ୍ୟାପିକା ଦେବସ୍ମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ନିବାସର ସାଧାରଣ ସମ୍ପାଦିକା ରାଜଲକ୍ଷ୍ମୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଡ. ଅବନ୍ତିକା କର, ଉପାଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ଶଶିଭୂଷଣ ମହାପାତ୍ର, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଶ୍ରେଷ୍ଠ ଅନ୍ତେବାସିନୀ ଭାବେ କ୍ଷୀରାବ୍ଧିତନୟା ସିଂହଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସହତତ୍ତ୍ୱାବଧାରକ ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଠାକୁର ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ, ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକୋତ୍ସବ

ଆଠଗଡ଼, ୧୨।୨(ସତ୍ୟ ପ୍ରସାଦ ରଥ)

ଠାକୁର ଶ୍ରୀଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଜୟନ୍ତୀ ଓ ଆଠଗଡ଼ ସତ୍‌ସଙ୍ଗ କେନ୍ଦ୍ରର ୧୬ଶ ବାର୍ଷିକୋତ୍ସବ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଋତ୍ୱିକ ପାରେଶ୍ୱର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟୁଷରୁ ଉଷା କୀର୍ତ୍ତନ ସହର ପରିକ୍ରମା କରାଯାଇଥିଲା। ପରେ ସକାଳ ପ୍ରାର୍ଥନା, ନାମ ଓ ଅମୀୟବାଣୀ ପାଠ କରାଯାଇଥିଲା। ଅପରାହ୍ନରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷର କରାଯାଇଥିଲା। ସନ୍ଧ୍ୟାରେ ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଜ୍ଞାନ ରଞ୍ଜନ ସାହୁ, ବ୍ରଜସୁନ୍ଦର ଦାସ ଦ୍ୱାରା ଭଜନ ବୁଦ୍ଧେଶ୍ୱର ପ୍ରଧାନ, ମନୋଜ ପାତ୍ର ଦ୍ୱାରା ସମବେତ ସଙ୍ଗୀତ, ନିରଞ୍ଜନ ଦାସ ଓ ଯତି ସୁନ୍ଦର ମହାପାତ୍ରଙ୍କ ଦ୍ୱାରା ସାମୂହିକ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲା ଜଳେଶ୍ୱରରୁ ନିମନ୍ତ୍ରିତ ଅତିଥି ପ୍ରଫେସର କେଦାର ନାଥ ମହାନ୍ତି ଶ୍ରୀଠାକୁରଙ୍କ ଜୀବନୀ ଓ ଭାବାଦର୍ଶ ବିଷୟରେ ଆଲୋଚନା କରିଥିଲେ। ଏହାକୁ ଲକ୍ଷ୍ମୀଧର ନାୟକ, ଭାସ୍କର ମିଶ୍ର, ସୁବାସ ଚନ୍ଦ୍ର ବେହେରା, ତ୍ରିଲୋଚନ ବେହେରା, ବିଚିତ୍ର ସାହୁ, ଅଜୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଭାରତ ବନ୍ଦ ଆଂଶିକ ସଫଳ



ବାଙ୍କୀରେ ଏଆଇୟୁଟିୟୁସି ପକ୍ଷରୁ ହରତାଳ କରାଯାଉଛି।

ବାଙ୍କୀ/ବାରଙ୍ଗ ,୧୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର/ଲିଙ୍ଗରାଜ ରାଉତ):

ଭାରତ ବନ୍ଦର ଆଂଶିକ ପ୍ରଭାବ ବାଙ୍କୀ ଉପଖଣ୍ଡରେ ଦେଖିବାକୁ ମିଳିଛି। ଦୋକାନ ବଜାର ଖୋଲା ରହିବା ସହ ଗାଡି ଚଳାଚଳ ସ୍ୱାଭାବିକ ରହିଥିଲା। ଏହି ବନ୍ଦ ଡାକରାକୁ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ସଂଘ ସମର୍ଥନ ଜଣାଇବା ସହ ସାଧାରଣ ଧର୍ମଘଟରେ ସାମିଲ ମଧ୍ୟ ହୋଇଛନ୍ତି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ଼ ପ୍ରତ୍ୟାହାର, ଆକାଶ ଛୁଆ ଦରଦାମ ବୃଦ୍ଧି ବନ୍ଦ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି, ସରକାରୀ ଉଦ୍ୟୋଗର ଘରୋଇ କରଣକୁ କରାଯାଉ, ବିଦ୍ୟୁତ୍ ସଂଶୋଧନ ବିଲର ୨୦୨୫ ପ୍ରତ୍ୟାହାର ଓ ସ୍ମାଟ ମିଟର ବନ୍ଦ, ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକଙ୍କୁ ସହାୟତା ପ୍ରଦାନ, ଆଶା, ଅଙ୍ଗନବାଡ଼ି, ପାଚିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରମୁଖ ରହିଛି। ଏହି ଅବସରରେ ଏଆଇୟୁଟିୟୁସି ପକ୍ଷରୁ ଏକ ଶୋଭାଯାତ୍ରା ଗୁଡ଼ିକା ମାର୍କେଟରୁ ବାହାରି ବଜାର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲା। ଶ୍ରମିକ କର୍ମଚାରୀଙ୍କ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି କେନ୍ଦ୍ର ଭାଜପା ସରକାର ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମକୋଡ୍ ପ୍ରଣୟନ କରିବା ବିରୋଧରେ ଏହି ରାଲି ହୋଇଥିଲା। ଏହାକୁ ବ୍ଲକ ସମ୍ପାଦକ ଦିଲୀପ କୁମାର ବାରିକ, କଟକ ଜିଲା ସହ ସମ୍ପାଦକ ପ୍ରିୟଦର୍ଶନ ପାଢେ, ଛାତ୍ର ନେତା ବିନୋଦ ସେଠୀ, କଳ୍ପନା ନାୟକ, ଶାନ୍ତିଲତା ରାଉତ ପ୍ରଭୃତିଙ୍କ ନେତୃତ୍ୱରେ ଏ ରାଲି ଅନୁଷ୍ଠିତ ହୋଇଥିଲା।

ସେହିପରି ସାଧାରଣ ଧର୍ମଘଟର ପ୍ରଭାବ ଗୁରୁବାର ବାରଙ୍ଗରେ ଦେଖିବାକୁ ମିଳିନଥିଲା। ପ୍ରାୟ ସବୁଆଡ଼େ ଦୋକାନ ବଜାର ଖୋଲା ରହିଥିଲା। ଏହି ଉପଲକ୍ଷେ ଏଆଇୟୁଟିୟୁସି ପକ୍ଷରୁ ବାରଙ୍ଗ ବ୍ଲକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ଶ୍ରମିକ- କର୍ମଚାରୀ ବିରୋଧୀ ଶ୍ରମଶକ୍ତି ନୀତି-୨୦୨୫କୁ ବାତିଲ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫କୁ ପ୍ରତ୍ୟାହାର କରିବା, ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ବନ୍ଦ କରିବା, ଘରୋଇ ଆଣବିକ ଶକ୍ତି ଆଇନ ଶାନ୍ତିକୁ ରଦ୍ଦ କରିବା, ଭିବି ଜି-ରାମ-ଜି ଆଇନକୁ ଏମ୍‌ଜିଏନ୍‌ଆରଇଜିଏକୁ ପୁନଃ ପ୍ରଚଳନ କରି ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ମଜୁରି ୬୦୦ ଟଙ୍କା ପ୍ରଦାନ କରିବା, ସର୍ବନିମ୍ନ ମଜୁରି ମାସିକ ୨୬,୦୦୦ ଟଙ୍କା ଓ ସର୍ବନିମ୍ନ ମାସିକ ପେନ୍‌ସନ ୯,୦୦୦ ଟଙ୍କା କରିବା, ଜଙ୍ଗଲ ଅଧିକାର ଆଇନ-୨୦୦୬କୁ କଡ଼ାକଡ଼ି ଲାଗୁ କରିବା ଆଦି ଦାବିରେ ଆହୂତ ସାଧାରଣ ଧର୍ମଘଟ ଉପଲକ୍ଷେ ବାରଙ୍ଗ ବ୍ଲକ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ନାରୀନେତ୍ରୀ ମାଳବିକା ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସ୍ଥଳରେ ବହୁ ଛାତ୍ରନେତା ଯୋଗଦେଇ ଉପରୋକ୍ତ ଦାବିକୁ ନେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

**CUTTACK MUNICIPAL CORPORATION**
**TENDER CALL NOTICE**
No. 485/H.O Dt.09.02.26
**No.13001/215/2526** : Cuttack Municipal Corporation invites sealed tenders from interested Manufactures/ Authorized Dealers/Suppliers for Supply of Allopathic Medicine and surgical items for Animal Birth Control Programme for the year 2026-27.
The details can be downloaded from the official website www.cmccuttack.odisha.gov.in The last date of submission of Tender documents is up to 4.00 P.M dt. 06.03.2026
Sd./- Commissioner
OIPR-13001/13031/1/25-26/0025 Cuttack Municipal Corporation

**Bhubaneswar Municipal Corporation**
Phone No.0674-2431253, e-mail: info@bmc.gov.in
Letter No.8588 Date-12.2.26
**ସର୍ବସାଧାରଣ ବିଜ୍ଞପ୍ତି**
**ପରିମଳ ସେବା ଦେୟ (ୟୁଜର ଫି) ସଂଗ୍ରହ ସମ୍ପର୍କେ**
**13001/220/2526:** ଏତଦ୍ଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି) ଆଦାୟ କରାଯାଉଅଛି । ଏହି ୟୁଜର ଫି ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରି ଇନ୍‌ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋଡ୍ ଏବଂ ୟୁପିଆଇ ID- commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଛନ୍ତି ।
ସୂଚନାଯୋଗ୍ୟ କି, ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଞ୍ଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରା ମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଞ୍ଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବାରେ ସହଯୋଗର ହାତ ବଢାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ୱେବ୍‌ସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।
ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର
ହାତକୁ ହାତ ମିଳାଇ | ଆସ କରିବା ସଫେଇ ।
ନିବେଦନ
OIPR-13001/13002/1/25-26/0024 ଭୁବନେଶ୍ୱର ମହାନଗର ନିଗମ

ସମଗ୍ର ଶିକ୍ଷା
Samagra Shiksha
**DISTRICT PROJECT OFFICE, SAMAGRA SIKSHA, JHARSUGUDA**
No.343/TE/2026 Dated 12.02.2026
**TENDER CALL NOTICE FOR SUPPLY OF BRASS AND PIPE BAND EQUIPMENTS & UNIFORM (BOYS & GIRLS)**
No.27001/18/2526: Sealed tenders under four bid systems are invited from the reputed authorized agency/ supplier/ manufacturer having valid PAN, GST & IT for supply of Brass and pipe band instruments & Uniform (Boys & Girls) for Eight (08) nos. of PM SHRI Schools of Jharsuguda District in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Brass and pipe band instruments & Uniform (Boys & Girls) for Eight (08) nos of PM SHRI Schools | Rs.5000/- | Rs.60,000/- | 26.02.2026, 12 P.M. | 26.02.2026, 03 PM |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.
By the order of Collector-cum-Chairman,
OIPR-27001/27153/1/25-26/0004 Sd./- District Project Coordinator, SS, Jharsuguda

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨
Tel:0674-2562368/2561909, EPABX:2653800
E-mail:paribesh1@ospcboard.org, Website: www.ospcboard.org
ପତ୍ର ସଂଖ୍ୟା-୧୯୮୬/IND-I-SWM-MISC-138/2025-26 ତା.୧୧.୦୨.୨୦୨୬
No. 8001/67/2526
**ସାର୍ବଜନୀନ ସୂଚନା**
ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରାଯାଇଛି । ଏଣୁ ସର୍ବସାଧାରଣଙ୍କୁ ମନ୍ଦିର ପରିସରରେ ପୂଜା ସାମଗ୍ରୀ ନେବା, ପ୍ରସାଦ ସେବନ କରିବା ତଥା ଖାଦ୍ୟ ସାମଗ୍ରୀ ନେବା ନିମନ୍ତେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପ୍ଲାଷ୍ଟିକ ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ସୂଚନାର ମୂଳ ଉଦ୍ଦେଶ୍ୟ । ତେଣୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।
**ଭକ୍ତ ଏବଂ ବିକ୍ରେତାଙ୍କ ପାଇଁ**
୧) ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବଦଳରେ ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରନ୍ତୁ ।
୨) ମନ୍ଦିର ପରିସରରେ ଏବଂ ଆଖପାଖ ଅଞ୍ଚଳରେ କେବଳ ଉପରୋକ୍ତ ଅନୁମୋଦିତ ଜିନିଷଗୁଡିକରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରନ୍ତୁ ।
**ମନ୍ଦିର ପ୍ରଶାସକଙ୍କ ପାଇଁ-**
୧) ପୂଜା ସାମଗ୍ରୀ ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାନ୍ତୁ ।
୨) ଶୁଖିଲା ଅଳିଆ ଏବଂ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ ବ୍ୟବସ୍ଥା କରାନ୍ତୁ ।
୩) ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ଅଳିଆ ହସ୍ତାନ୍ତର କରାନ୍ତୁ ।
୪) ପ୍ରସାଦ/ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ ଥର୍ମକୋଲ୍ କଟଲେରୀ (ଯେପରିକି କପ୍ ଏବଂ ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ) ଏବଂ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ ବ୍ୟବହାର ନକରିବା ପାଇଁ ମନ୍ଦିର ଓ ଏହାର ନିକଟବର୍ତ୍ତୀ ହୋଟେଲ/ ରେଷ୍ଟୁରାଣ୍ଟ/ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।
୫) ଜୈବ ବିଘଟନ ଯୋଗ୍ୟ କଟଲେରୀ (ଯଥା- ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ ଇତ୍ୟାଦି) କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟଲେରୀ ଉପଲବ୍ଧ କରାନ୍ତୁ ।
୬) ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରନ୍ତୁ, ଯଦ୍ଦ୍ୱାରା ଏହି ବିସର୍ଜନ ସାମଗ୍ରୀଗୁଡିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ ।
୭) ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡିକୁ ଉପଯୁକ୍ତ ଡବା ଏବଂ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ ।
**ଆସନ୍ତୁ ମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।**
OSPCB-MSW-MISC-0014-2025/4/2026 OIPR-8001/8012/1/25-26/0012 ସ୍ୱା./- ସଦସ୍ୟ ସଚିବ

# ଏକାରାତିକେ ୩ ଘରୁ ସୁନାଅଳଙ୍କାର ଚୋରି

କଣାସ,୧୨।୨
(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ତ୍ରିଲୋଚନପୁର ପଞ୍ଚାୟତ କାତପଡ଼ା ଗ୍ରାମରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ ପରିବାରର କବାଟ ଓ ତାଲା ଭାଙ୍ଗି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରିକରି ନେଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, କାତପଡ଼ା ଗ୍ରାମର ଜଗବନ୍ଧୁ ମହାପାତ୍ରଙ୍କ ଘରେ ପଶି ଆଲମିରାରୁ ସୁନାହାର ୨ଟି, ଚେନ୍ ୨ଟି, ୪ଟି ସୁନାମୁଦି, ୨ହଳ କାନଫୁଲ, ୨ହଳ ନାକ ଫୁଲ, ୬ହଳ ରୁପା ପାଉଁଜି, ୬ଟି ଲକେଟ୍, ୪ଟି ରୁପା ଖୁଣ୍ଟିଆ ସହ ୧୨ ହଜାର ଟଙ୍କା ନେଇଯାଇଥିବା ଜଗବନ୍ଧୁ କଣାସ ଥାନାରେ ଅଭିଯୋଗ କରିଛନ୍ତି। କଣାସ ଥାନାରେ ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିବା ମଞ୍ଜୁଲତା ସାହୁଙ୍କ ଘରର କବାଟ ଭାଙ୍ଗି ଘରେ ପଶି ଗୋଟିଏ ବାକ୍ସ ନେଇଯାଇଥିବା ଜଣାପଡ଼ିଛି। ସେହିପରି ଅର୍ଜୁନ ସାହୁଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶିବାକୁ ଚେଷ୍ଟାକରି ଚୋରମାନେ ବିଫଳ ହୋଇଛନ୍ତି। ଅଭିଯୋଗ ପରେ ଥାନାଧିକାରୀ ଓ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ।

# ମହିଳା ଖୁବଶୀଘ୍ର ବିକାଶର ଇନିଂସ ଖେଳିବାକୁ ସମର୍ଥ ହେବେ

ନିମାପଡ଼ା,୧୨।୨(ବିଚିତ୍ରାନନ୍ଦ ସାହୁ)



ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଓଡ଼ିଶାରେ ମହିଳାମାନେ ଖୁବ୍‌ଶୀଘ୍ର ବିକାଶର ଏକ ଧୂଆଁଧାର ଇନିଂସ ଖେଳିବାକୁ ସମର୍ଥ ହେବେ। ମହିଳାଙ୍କର ବିକାଶ ହେଲେ ଦେଶ ଓ ରାଜ୍ୟ ବିକଶିତ ହେବ। ମୁଖ୍ୟତଃ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି। ମହିଳାଙ୍କ ବିକାଶ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମହିଳା ବୈଠକ ଗୃହର ବ୍ୟବସ୍ଥା କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ବ୍ଲକର ନଡ଼ନା ମୌଜାରେ ଆୟୋଜିତ ଏକ ଭିତ୍ତିପ୍ରସ୍ତର ସମାରୋହରେ ଯୋଗଦେଇ କହିଛନ୍ତି।

ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ସିରିବିଲା ପଞ୍ଚାୟତର ତୋରବାଙ୍ଗ ଗ୍ରାମଠାରେ ୧କୋଟି ୬୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ କଲ୍ୟାଣମଣ୍ଡପ ଓ ବହୁମୁଖୀ କକ୍ଷଗୃହ ଓ ଭୋଗସାଳଦା ପଞ୍ଚାୟତର ନଡ଼ନା ମୌଜାରେ ୧କୋଟି ୬୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ କଲ୍ୟାଣମଣ୍ଡପ ଓ ୪୫୦ ସିଟ ବିଶିଷ୍ଟ ବହୁମୁଖୀ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ଓ ୧୪ଲକ୍ଷ ଟଙ୍କା ବ୍ୟୟରେ ତମ୍ପାଲୋ ପଞ୍ଚାୟତର ପାଳଶ୍ରୀ ପ୍ରାଥମିକ କୃଷି ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଜି ଉପମୁଖ୍ୟମନ୍ତ୍ରୀ ପରିଡ଼ା ୩କୋଟି ୪୪ଲକ୍ଷ ଟଙ୍କା ବ୍ୟୟରେ ୩ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମାରୋହରେ ସାମ୍ମାନିତ ଅତିଥି ଭାବେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ସହକାରୀ ଯନ୍ତ୍ରୀ ଶୁଭଶ୍ରୀ ବିଶ୍ୱାଳ, ସମବାୟ ବିଭାଗ ଆର୍‌ଏମସିର ସମ୍ପାଦକ ସୁଶାନ୍ତ ରାଉତ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ବରିଷ୍ଠ ଭାଜପା ନେତା ଗଙ୍ଗାଧର ଲେଙ୍କା, ସତ୍ୟଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କୋଣାର୍କ କପ୍ କ୍ରିକେଟ୍, ଫାଇନାଲ୍‌ରେ ଆଦର୍ଶ ବାଲେଶ୍ୱର

କୋଣାର୍କ,୧୨।୨
(ଜ୍ୟୋତିରାଜ ମହାନ୍ତି)



ଅତିଥିମାନେ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରୁଛନ୍ତି।

କୋଣାର୍କ ସ୍ପୋର୍ଟସ ଏକାଡେମୀ ଦ୍ୱାରା କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ କୋଣାର୍କ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ରାମେଶ୍ୱରକୁ ହରାଇ ଆଦର୍ଶ ବାଲେଶ୍ୱର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି।

ସେମିଫାଇନାଲ ମ୍ୟାଚରେ ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ବିନିମୟରେ ୧୭୯ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ସାରସ୍ୱ କୁମାର ୩୩ ବଲ୍‌ରେ ୩୯ ରନ୍, ସିଦ୍ଧାର୍ଥ ବେହେରା ୨୫ ବଲ୍‌ରେ ୩୫ ରନ ଏବଂ ସୁଭାଶିଷ ମଲ୍ଲିକ ୩୨ ବଲ୍‌ରେ ୩୫ ରନ୍ କରିଥିଲେ। ଏହାର ଜବାବରେ ଆଦର୍ଶ ବାଲେଶ୍ୱର ୨୩.୪ ଓଭରରେ ୫ ଉଇକେଟ ବିନିମୟରେ ୧୮୩ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ମୁକେଶ କୁମାର ଅପରାଜିତ ୫୨ ବଲରେ ୬୫ ରନ୍, ପ୍ରବୀଣ କୁମାର ୩୭ ବଲ୍‌ରେ ୩୭ ରନ ସଂଗ୍ରହ କରି ବିଜୟର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଜିର ମ୍ୟାଚ୍‌ରେ ଅପରାଜିତ ୬୫ ରନ୍ ଓ ୪ ଉଇକେଟ ନେଇଥିବା ମୁକେଶ କୁମାରଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଓସିଏ ପ୍ୟାନେଲ୍ ଅମ୍ପାୟାର ଦେବେନ୍ଦ୍ର ମିଶ୍ର ଓ ପ୍ରମୋଦ ସିହ୍ନା ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚ୍‌ରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଓ ପ୍ରାକ୍ତନ ଖେଳାଳି ମନୋଜ କୁମାର ଦାସ ଅତିଥି ରୂପେ ଯୋଗଦେଇ ମ୍ୟାନ୍ ଅଫ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ।

# ପ୍ରାଚୀ ଗୁରୁଙ୍କ ଦର୍ଶନ କଲେ ପ୍ରାଚୀ ପରିକ୍ରମା ଦଳ



ନୃତ୍ୟଶିଳ୍ପୀଙ୍କ ସହ ପ୍ରାଚୀ ପରିକ୍ରମା ଦଳ।

ଯୋଗେଶ୍ୱରପୁର,୧୨।୨
(ରଶ୍ମିରଞ୍ଜନ ସାହୁ)

ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ପ୍ରତିଷ୍ଠାତା ସଦ୍‌ଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଦର୍ଶନ ଲାଭ କରିଛନ୍ତି ପ୍ରାଚୀ ପରିକ୍ରମା ଦଳ। ବୁଧବାର ପ୍ରତ୍ୟୁଷରୁ ଏହି ପରିକ୍ରମା ଦଳ କେଲୁଣି ମୁହାଣ, ତେନ୍ତୁଲିଆ ମଠ, ଉଚ୍ଛବ ନିବାସ ଓ ରାମେଶ୍ୱର ପ୍ରାଚୀ ଘାଟରେ ଆଳତି ଦର୍ଶନ ପରେ, ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ପହଞ୍ଚିଥିଲେ ବୋଲି ଆଶ୍ରମର ପ୍ରଚାର ଓ ପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ବାବାଜୀ ଅକ୍ଷୟ କୁମାର ଦାସ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ପ୍ରେମାଚାର୍ଯ୍ୟଙ୍କ ରଚିତ ଭଜନ ପ୍ରାଚୀ ନଦୀ ଓ ପ୍ରାଚୀ ସରସ୍ୱତୀ ମାତାଙ୍କ ମହତ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଗାନ କରିଥିଲେ। ପରେ ପ୍ରାଚୀ ପରିକ୍ରମା ଦଳର ମାର୍ଗଦର୍ଶକ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଏହି ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମା' ପ୍ରାଚୀ ସରସ୍ୱତୀଙ୍କ ଅସ୍ତିତ୍ୱ ବର୍ତ୍ତମାନ ଲୁପ୍ତ ହୋଇଯାଇଛି, ଏଣୁ ଏହାର କୀର୍ତ୍ତି, ଲୁପ୍ତସତ୍ତା, କଳା, ଧାର୍ମିକ, ତଥା ସାଂସ୍କୃତିକ ପରମ୍ପରାର ସ୍ମୃତିଚାରଣ ସହ ଧର୍ମକୁ ଜାଗ୍ରତ କରିବା, ଅପସଂସ୍କୃତି ବିରୋଧରେ ଜନସଚେତନତା ସୃଷ୍ଟି କରିବା, ପ୍ରାଚୀ ମାତାଙ୍କ ପବିତ୍ରତା ରକ୍ଷା କରିବା ଇତ୍ୟାଦି ଲକ୍ଷ୍ୟ ନେଇ ଏହି ପଦଯାତ୍ରାର ପଞ୍ଚଦଶ ବାର୍ଷିକ ପାଳିତ ହେଉଛି ବୋଲି ପୂଜ୍ୟ ପରମହଂସ ମହାରାଜ ପ୍ରକାଶ କରିଥିଲେ। ଏହି ଦଳରେ ଶୁଦ୍ଧାନନ୍ଦ ଗିରି, ମହନ୍ତ ଚିନ୍ତାମଣି ପର୍ବତ, ବାବାଜୀ ଦାମୋଦର ଦାସ, ମହନ୍ତ ରାମକୃଷ୍ଣ ଦାସ, ବାବାଜୀ ରାମଦାସ, ମହନ୍ତ ଦିବ୍ୟକୃଷ୍ଣ ଦାସ, ବାବା ସତ୍ୟାନନ୍ଦ ଦାସ, ନିତ୍ୟ ପୁରୋଧା ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ସାଧୁ ସନ୍ଥ, ଶ୍ରଦ୍ଧାଳୁମାନେ ସାମିଲ ଥିଲେ। ସବିତା ଦାସ, ଶକୁନ୍ତଳା ଦାଶ, ଛବିନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ଓଝା ପ୍ରମୁଖ ଆଶ୍ରମର ଅନ୍ତେବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷଜମିରେ ଟଳିପଡ଼ିଲେ ଚାଷୀ

ଗୋପ,୧୨।୨
(ଭାରତୀ ଭୂଷଣ ଉପାଧ୍ୟାୟ)

ଚାଷଜମିରେ କାମ କରୁଥିବା ବେଳେ କୌଣସି କାରଣରୁ ଜଣେ ଚାଷୀ ଟଳି ପଡ଼ିଥିବା ଜଣାପଡ଼ିଛି। ମୃତ ଚାଷୀ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ପଞ୍ଚାୟତର ସାଗର ବେହେରା(୫୨)। ଏନେଇ ଥାନାରେ ଅପମୃତ୍ୟୁ ମାମଲା ୩/୨୬ ରୁଜୁ କରାଯାଇଛି।

ପ୍ରକାଶ ଯେ, ସାଗର ପରିବାରରେ ଏକମାତ୍ର ରୋଜଗାରିଆ ବ୍ୟକ୍ତି। ପ୍ରତିଦିନ ପରି ଗୁରୁବାର ସେ ଜମିକୁ ଯାଇଥିଲେ। ହେଲେ ଚାଷୀ ଜଣଙ୍କ ଜମିରେ ଟଳିପଡ଼ିଥିଲେ। କିଛି ସମୟ ପରେ ସେହି ଜମି ଦେଇ କେତେଜଣ ଚାଷୀ ଆସୁଥିବା ବେଳେ ସାଗର ଚାଷଜମିରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଚାଷୀମାନେ ପରିବାର ଲୋକଙ୍କୁ ଖବର ଦେବା ପରେ ଘଟଣାସ୍ଥଳରେ ଗ୍ରାମର କେତେଜଣ ଯୁବକ ପହଞ୍ଚି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାଷୀ ଜଣଙ୍କ କିପରି ମୃତ୍ୟୁବରଣ କଲେ ସେ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ମହନ୍ତ ବିଭୁପ୍ରସାଦ ଦାସ କହିଛନ୍ତି।

# ଆଚାର୍ଯ୍ୟ ଥିଲେ ନିଃସ୍ୱାର୍ଥପର ବ୍ୟକ୍ତିତ୍ୱ

ସାକ୍ଷୀଗୋପାଳ,୧୨।୨ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

## ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦର ମିଳିତ ସହଯୋଗରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଗୁରୁବାର ସାକ୍ଷୀଗୋପାଳର ଶ୍ରୀରାମଚନ୍ଦ୍ରପୁର ଶାସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସାରସ୍ୱତ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସୁସାହିତ୍ୟିକ ସନାତନ ଆଚାର୍ଯ୍ୟ, ଡ. ହିରଣ୍ମୟୀ ମିଶ୍ର, ମୌସୁମୀ ଦାସ, ରବିନାରାୟଣ ଷଡ଼ଙ୍ଗୀ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ଯୋଗଦେଇଥିଲେ। ଆଚାର୍ଯ୍ୟ ହରିହର ଦାସ ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଶେଷ ଦୀପଶିଖା। ସେ ଏକାଧାରରେ ଥିଲେ ବିପ୍ଳବୀ, ଜନସେବୀ ଓ ସାହିତ୍ୟସେବୀ। ତାଙ୍କର କର୍ମ ହିଁ ଥିଲା କାବ୍ୟ, ମାନବସେବା ହିଁ ଥିଲା ଭଗବତ ସେବା। ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜନସେବାରେ ନିୟୋଜିତ କରିଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ସେ ଥିଲେ ନିଷ୍ଠାପର, ନିଃସ୍ୱାର୍ଥପର ଓ ନିଷ୍କଳଙ୍କ ବ୍ୟକ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଚାର୍ଯ୍ୟ ଯୁବ ପରିଷଦ ସଭାପତି ଅଜିତ୍ ନନ୍ଦ, ସମ୍ପାଦକ ସୁବ୍ରତ ନନ୍ଦ, ଆଶୁତୋଷ ତ୍ରିପାଠୀ, ଶ୍ରୀରାମ ନନ୍ଦ, ମାନସ ତ୍ରିପାଠୀ, ଜ୍ୟୋତିପ୍ରକାଶ ତ୍ରିପାଠୀ ଓ ପ୍ରମୋଦ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଚାର୍ଯ୍ୟ ହରିହର ଯୁବ ପରିଷଦ ତରଫରୁ ଆଚାର୍ଯ୍ୟଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

# ମଦ ଜବତ, ଜଣେ ଗିରଫ

କାକଟପୁର/ଅସ୍ତରଙ୍ଗ,୧୨।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ଅଞ୍ଚଳର ଏକ ପାନ ଦୋକାନରେ ମଦ ବିକ୍ରି ଅଭିଯୋଗରେ ପୋଲିସ ବ୍ୟବସାୟୀଙ୍କୁ ଗିରଫ କରିଛି। ବ୍ୟବସାୟୀ ହେଲେ ବାପି ବେହେରା(୩୫)। ପୋଲିସ ତାଙ୍କଠାରୁ ୫.୨୨୦ ମିଲିଲିଟର ବିଦେଶୀ ମଦ ଜବତ କରିଥିଲା।

ସୂଚନା ମୁତାବକ, ଅସ୍ତରଙ୍ଗ ପୋଲିସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ପାଟ୍ରୋଲିଂ କରାଯାଉଥିବା ବେଳେ ଖବରପାଇ ଏଏସ୍‌ଆଇ ପି.କେ. ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ ପାନ ଦୋକାନରେ ଚଢ଼ାଉ କରୁଥିଲା। ପାନ ଦୋକାନରୁ ୫.୨୨୦ ମିଲିଲିଟର ବିଦେଶୀ ମଦ ଜବତ କରିବା ସହ ଚୋରାମଦ ବ୍ୟବସାୟୀ ବାପି ବେହେରା (୩୫)ଙ୍କୁ ଧରି ଅସ୍ତରଙ୍ଗ ଥାନାରେ ପଚରାଉଚରା କରିଥିଲା। ଅସ୍ତରଙ୍ଗ ଥାନା କେସ୍ ନଂ. ୨୫/୨୬ରେ ମାମଲା ରୁଜୁ କରିବା ସହ ଗୁରୁବାର ବାପିଙ୍କୁ କୋର୍ଟଚାଲାଣ କରାଯାଇଥିବା ଅସ୍ତରଙ୍ଗ ଥାନା ଅଧିକାରିଣୀ ବିଦିତା ନାୟକ ସୂଚନା ଦେଇଛନ୍ତି।

# ଗୋଟିଏ ରାତିରେ ୫ ମନ୍ଦିରରୁ ଚୋରି

ଗୋପ,୧୨।୨
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳର ୫ ମନ୍ଦିରରୁ ଚୋରି, ୩ ଦିନ ପୂର୍ବରୁ ଅଡ଼ଙ୍ଗେଇ ମନ୍ଦିରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ମନ୍ଦିର ଲୁଟ୍ ଘଟଣାରେ ଅଭିଯୁକ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଥିବା ଜଣାପଡ଼ିଛି। ମାତ୍ର ନୂତନ ଥାନାଧିକାରୀ ମନ୍ଦିର ଚୋରି ଘଟଣାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ବେଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ଗୋପ ଥାନା ଅନ୍ତର୍ଗତ ଶୋଳପୁରସ୍ଥିତ କୁଶଭଦ୍ରା ନଦୀକୂଳରେ ଅବସ୍ଥିତ ମା' ଅଡ଼ଙ୍ଗେଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନାରୁପା ସହ ୨ଟି ହୁଣ୍ଡିବାକ୍ସ ଲୁଟ୍ ହୋଇଥିଲା। ପୋଲିସ ଏହି ଲୁଟ୍ ଘଟଣାରେ ସିସିଟିଭି ଫୁଟେଜ୍‌କୁ ନେଇ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ବୁଧବାର ରାତିରେ ଏକକାଳୀନ ୫ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ନାଗପୁର ପଞ୍ଚାୟତର ସାତପାଟେଣା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ନାରାୟଣୀ ମନ୍ଦିରରୁ ଦୁର୍ବୃତ୍ତମାନେ ମା'ଙ୍କ ରୁପା ମୁକୁଟ ସହ ଆଉ କେତେକ ସରଞ୍ଜାମ ନେଇଯାଇଛନ୍ତି। ନାଗପୁର ନିକଟ ମହାବୀର ମନ୍ଦିର, ନେତପୁର ନିକଟସ୍ଥ ଗେଲବାଇ ମନ୍ଦିର, ପଦ୍ମପଡ଼ା ନିକଟ ହରି ସହଦେବ ମନ୍ଦିର ସହିତ ବିମଳା ମନ୍ଦିରରୁ ଦୁର୍ବୃତ୍ତମାନେ ଚୋରି କରିଥିବା ଜଣାପଡ଼ିଛି। ଏହି ଚୋରିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ସହିତ କେତେକ ଦାନବାକ୍ସରେ ଥିବା ଟଙ୍କା ଲୁଟି ନେଇଛନ୍ତି। ପୂଜକଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଏହି ଚୋରି ଘଟଣାରେ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ନୂଆ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

# ନୂତନ ସଖୀ ନିବାସକୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୧୨।୨
(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗ ସହାୟତାରେ ନିମାପଡ଼ା ସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲ ଫେୟାର ଅର୍ଗାନାଇଜେଶନ (ପି.ପି.ଡବ୍ଲୁ.ଓ.) ପକ୍ଷରୁ ନିର୍ମିତ ଏକ ନୂତନ ଅନୁଷ୍ଠାନ ସଖୀ ନିବାସକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ନବନିର୍ମିତ ସଖୀ ନିବାସଟି କେବଳ କର୍ମଜୀବୀ ମହିଳାଙ୍କ ରହିବା ନିମନ୍ତେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଏହି ଅବସରରେ ପିପିଡବ୍ଲୁଓ ଦ୍ୱାରା ପରିଚାଳିତ ଏକଲବ୍ୟ ଶିକ୍ଷାକେନ୍ଦ୍ରର ଅଷ୍ଟମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଶିକ୍ଷାର ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। ଶିକ୍ଷା ହିଁ ଜୀବନର ମାନଦଣ୍ଡ ଓ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତପ୍ରକାଶ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ପିପିଡବ୍ଲୁଓର ସଭାପତି ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ସମ୍ପାଦକ ଶିକ୍ଷାବିତ୍ ଗଗନବିହାରୀ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଜିଲା ସମାଜମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ଶିକ୍ଷାବିତ୍ ଡ. ପ୍ରଭାତ ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଶିକ୍ଷାକେନ୍ଦ୍ରର କୋମଳମତି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଶତାଧିକ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକଙ୍କୁ ବିମୋହିତ କରିଥିଲା।


CUTTACK MUNICIPAL CORPORATION
TENDER CALL NOTICE
No. 485/H.O Dt.09.02.26

No.13001/215/2526 : Cuttack Municipal Corporation invites sealed tenders from interested Manufactures/ Authorized Dealers/Suppliers for Supply of Allopathic Medicine and surgical items for Animal Birth Control Programme for the year 2026-27.

The details can be downloaded from the official website www.cmccuttack.odisha.gov.in The last date of submission of Tender documents is up to 4.00 P.M dt. 06.03.2026

Sd./- Commissioner
Cuttack Municipal Corporation
OIPR-13001/13031/1/25-26/0025

Bhubaneswar Municipal Corporation
Phone No.0674-2431253, e-mail: info@bmc.gov.in

Letter No.8588 Date-12.2.26

ସର୍ବସାଧାରଣ ବିଜ୍ଞପ୍ତି

ପରିମଳ ସେବା ଦେୟ (ୟୁଜର ଫି) ସଂଗ୍ରହ ସମ୍ପର୍କେ

13001/220/2526: ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି) ଆଦାୟ କରାଯାଉଅଛି । ଏହି ୟୁଜର ଫି ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋଡ୍ ଏବଂ ୟୁପିଆଇ ID- commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଛନ୍ତି ।

ସୂଚନାଯୋଗ୍ୟ କି, ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଞ୍ଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରାମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଞ୍ଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବାରେ ସହଯୋଗର ହାତ ବଢ଼ାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ୱେବ୍‌ସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।

ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର

| ହାତକୁ ହାତ ମିଳାଇ | ଆସ କରିବା ସଫେଇ । |
|---|---|

ନିବେଦକ
ଭୁବନେଶ୍ୱର ମହାନଗର ନିଗମ
OIPR-13001/13002/1/25-26/0024

ସମଗ୍ର ଶିକ୍ଷା Samagra Shiksha

DISTRICT PROJECT OFFICE, SAMAGRA SIKSHA, JHARSUGUDA

No.343/TE/2026 Dated 12.02.2026

TENDER CALL NOTICE FOR SUPPLY OF BRASS AND PIPE BAND EQUIPMENTS & UNIFORM (BOYS & GIRLS)

No.27001/18/2526: Sealed tenders under four bid systems are invited from the reputed authorized agency/ supplier/ manufacturer having valid PAN, GST & IT for supply of Brass and pipe band instruments & Uniform (Boys & Girls) for Eight (08) nos. of PM SHRI Schools of Jharsuguda District in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Brass and pipe band instruments & Uniform (Boys & Girls) for Eight (08) nos of PM SHRI Schools | Rs.5000/- | Rs.60,000/- | 26.02.2026, 12 P.M. | 26.02.2026, 03 PM |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman,
Sd./- District Project Coordinator, SS, Jharsuguda
OIPR-27001/27153/1/25-26/0004

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨
Tel:0674-2562368/2561909, EPABX:2653800
E-mail:paribesh1@ospcboard.org, Website: www.ospcboard.org

ପତ୍ର ସଂଖ୍ୟା-୧୯୮୬/IND-I-SWM-MISC-138/2025-26 ତା.୧୧.୦୨.୨୦୨୬

No. 8001/67/2526

ସାର୍ବଜନୀନ ସୂଚନା

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରାଯାଇଛି । ଏଣୁ ସର୍ବସାଧାରଣଙ୍କୁ ମନ୍ଦିର ପରିସରରେ ପୂଜା ସାମଗ୍ରୀ ନେବା, ପ୍ରସାଦ ସେବନ କରିବା ତଥା ଖାଦ୍ୟ ସାମଗ୍ରୀ ନେବା ନିମନ୍ତେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପ୍ଲାଷ୍ଟିକ ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ସୂଚନାର ମୂଳ ଉଦ୍ଦେଶ୍ୟ । ତେଣୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

ଭକ୍ତ ଏବଂ ବିକ୍ରେତାଙ୍କ ପାଇଁ
୧) ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବଦଳରେ ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରନ୍ତୁ ।
୨) ମନ୍ଦିର ପରିସରରେ ଏବଂ ଆଖପାଖ ଅଞ୍ଚଳରେ କେବଳ ଉପରୋକ୍ତ ଅନୁମୋଦିତ ଜିନିଷଗୁଡିକରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରନ୍ତୁ ।

ମନ୍ଦିର ପ୍ରଶାସକଙ୍କ ପାଇଁ-
୧) ପୂଜା ସାମଗ୍ରୀ ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାନ୍ତୁ ।
୨) ଶୁଖିଲା ଅଳିଆ ଏବଂ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ ବ୍ୟବସ୍ଥା କରାନ୍ତୁ ।
୩) ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ଅଳିଆ ହସ୍ତାନ୍ତର କରାନ୍ତୁ ।
୪) ପ୍ରସାଦ/ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ ଥର୍ମକୋଲ୍ କଟଲେରୀ (ଯେପରିକି କପ୍ ଏବଂ ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ) ଏବଂ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ ବ୍ୟବହାର ନକରିବା ପାଇଁ ମନ୍ଦିର ଓ ଏହାର ନିକଟବର୍ତ୍ତୀ ହୋଟେଲ/ ରେଷ୍ଟୁରାଣ୍ଟ/ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।
୫) ଜୈବ ବିଘଟନ ଯୋଗ୍ୟ କଟଲେରୀ (ଯଥା- ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ ଇତ୍ୟାଦି) କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟଲେରୀ ଉପଲବ୍ଧ କରାନ୍ତୁ ।
୬) ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରନ୍ତୁ, ଯଦ୍ୱାରା ଏହି ବିସର୍ଜନ ସାମଗ୍ରୀଗୁଡିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ ।
୭) ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡିକୁ ଉପଯୁକ୍ତ ଡବା ଏବଂ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ ।

ଆସନ୍ତୁ ମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।

ସ୍ୱା./- ସଦସ୍ୟ ସଚିବ
OSPCB-MSW-MISC-0014-2025/4/2026 OIPR-8001/8012/1/25-26/0012

# ରାଜଧାନୀରେ ବନ୍ଦ ପ୍ରଭାବ



୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ଗୁରୁବାର ଦିଆଯାଇଥିବା ଭାରତ ବନ୍ଦ ଡାକରାରେ ସାମିଲ ହୋଇ ଆନ୍ଦୋଳନକାରୀମାନେ ଭୁବନେଶ୍ୱର ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।


ବନ୍ଦ ଡାକରା ଯୋଗୁ ବରମୁଣ୍ଡାରେ ଅଟକି ରହିଥିବା ଘରୋଇ ବସ୍।



ମାଷ୍ଟର କ୍ୟାଣ୍ଟିନଠାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ରାସ୍ତାରୋକୋ କରିଛନ୍ତି।



ଦୁଇ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଉଛି।


ବନ୍ଦ ପ୍ରଭାବରେ ଫସି ରହିଥିବା ଲୋକେ।


ଜାତୀୟ ରାଜପଥରେ ଆନ୍ଦୋଳନଯୋଗୁ ଅଟକି ରହିଥିବା ଟ୍ରକ୍।


ୟୁନିଟ୍-୨ସ୍ଥିତ ମାର୍କେଟ ବିଲ୍ଡିଂରେ ଦୋକାନ ବନ୍ଦ ରହିଛି।

(ଫଟୋ-ବିକାଶ ନାୟକ, ମନୋରଞ୍ଜନ ମିଶ୍ର)

# ସ୍ଥାୟୀ, ସବୁଜ କାଷ୍ଠ ଅର୍ଥନୀତି ଗଠନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ)**

## ବନ ପ୍ରକଳ୍ପର ୧୪ତମ ଜାତୀୟ କର୍ମଶାଳା ଉଦ୍‌ଯାପିତ

ଭାରତରେ ଜାଇକା ସହାୟତାପ୍ରାପ୍ତ ବନ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ଓଡ଼ିଶା ବନ ସଂରକ୍ଷଣ ପ୍ରକଳ୍ପ (ଓଏଫ୍‌ଏସ୍‌ଡିପି-୨) ଏବଂ ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଶନ ଏଜେନ୍ସି (ଜାଇକା)ର ମିଳିତ ଆନୁକୂଲ୍ୟରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ସ୍ଥାୟୀ କାଠ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଜଙ୍ଗଲ ପ୍ରମାଣୀକରଣକୁ ପ୍ରୋତ୍ସାହନ ଦେବା ଏବଂ କୃଷି-ବନୀକରଣ ମାଧ୍ୟମରେ ଦେଶ ବିଦେଶର ଚାହିଦା ପୂରଣ କରିବା ପାଇଁ ବିଶେଷଜ୍ଞମାନେ ମତ ରଖିଥିଲେ। ଆଲୋଚନାରେ ଏକ ସ୍ଥାୟୀ ଓ ସବୁଜ କାଷ୍ଠ ଅର୍ଥନୀତି ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଭିନ୍ନ ରାଜ୍ୟ ଏବଂ ଜାଇକାର ସହଯୋଗ ଭାରତର ଜଙ୍ଗଲ କ୍ଷେତ୍ରକୁ ଜଳବାୟୁ ପରିବର୍ତ୍ତନର ସାମ୍ନାକରିବା ପାଇଁ ଅଧିକ ଶକ୍ତିଶାଳୀ କରିବ। ଏନେଇ ସେ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଏବଂ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାର ଜଙ୍ଗଲ ସୁରକ୍ଷା ସହ ଜନସାଧାରଣଙ୍କ ଜୀବିକା ଉନ୍ନତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ସେ ସୂଚନା ଦେଇଥିଲେ। ଜଳବାୟୁ ଅନୁକୂଳ ପରିବେଶ, କାଠର ରୂପାନ୍ତରଣ ଏବଂ ଡିଜିଟାଲ ଜ୍ଞାନକୌଶଳର ବ୍ୟବହାର ଆଗାମୀ ଦିନରେ ସହଯୋଗର ମୁଖ୍ୟ ଆଧାର ହେବ। ଜାପାନ ବିଶେଷଜ୍ଞ ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ସହ ମିଶି ନୂତନ ଜ୍ଞାନକୌଶଳର ପ୍ରୟୋଗ କରାଯିବ, ଯାହା ଉଭୟ ଦେଶ ପାଇଁ ଲାଭଦାୟକ ହେବ ବୋଲି ବିଶେଷଜ୍ଞ ସିଦ୍ଧାର୍ଥ ପରମେଶ୍ୱରନ୍ ମତ ରଖିଥିଲେ। 'ଉଡ୍ ଟ୍ରାନ୍ସଫର୍ମେଶନ' ଏବଂ 'ଫରେଷ୍ଟ ସାର୍ଟିଫିକେଶନ' ଉପରେ ଏକ ବିଷୟଭିତ୍ତିକ ଆଲୋଚନାରେ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ବନବାହିନୀ ମୁଖ୍ୟ ଡ. କେ. ମୁରୁଗେସନ, ଜାଇକା ଇଣ୍ଡିଆର ବରିଷ୍ଠ ପ୍ରତିନିଧି ୱାକାମାଟସୁ ଏଇଜି ପ୍ରମୁଖ ଉପସ୍ଥିତ ଥିଲେ। ଓଏଫ୍‌ଏସ୍‌ଡିପିର ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ ଏବଂ ଯୁଗ୍ମ ନିର୍ଦ୍ଦେଶକ ସ୍ୱୟମ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।




# ଓଡ଼ିଶାରେ ଧର୍ମଘଟ ସଫଳ ହୋଇଛି : ସିପିଆଇ(ଏମ୍)

ଭୁବନେଶ୍ୱର,୧୨।୨(ବନ୍ଦନା ସେଠୀ): ଓଡ଼ିଶାରେ ଗୁରୁବାର ସାଧାରଣ ଧର୍ମଘଟ ସଫଳ ହୋଇଛି ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ରାଜ୍ୟର ଶ୍ରମିକ, କୃଷକ, କ୍ଷେତମଜଦୁର, ଯୁବତୀ, ଯୁବକ, ମହିଳା ଓ ସାଧାରଣ ଜନତାଙ୍କ ଶାନ୍ତିପୂର୍ଣ୍ଣ ଭାଗୀଦାରି ଧର୍ମଘଟକୁ ସଫଳତା ଦେଇଥିବାରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଭାରତ ବନ୍ଦ ପାଇଁ ଖଣି, ବନ୍ଦର, ଇସ୍ପାତ କାରଖାନା, ନାଲ୍‌କୋ, ଡାକ ବିଭାଗ, ଦୂରସଞ୍ଚାର, ପରିବହନ, ବ୍ୟାଙ୍କ, ବୀମା, ସ୍କିମ୍ ଶ୍ରମିକ, ଠିକା, ଅସ୍ଥାୟୀ ଶ୍ରମିକ ଓ ଅନ୍ୟାନ୍ୟ ସରକାରୀ ବେସରକାରୀ କ୍ଷେତ୍ରଗୁଡ଼ିକ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ସହର, ଶିଳ୍ପାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଖିବାକୁ ମିଳିଥିଲା। ଲୋକେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମକୋଡ, କୃଷକ ବିରୋଧୀ ନୀତି, ବେକାରି, ଅତ୍ୟଧିକ ମୂଲ୍ୟବୃଦ୍ଧି ଓ ସରକାରୀ ସଂସ୍ଥାଗୁଡ଼ିକର ଘରୋଇକରଣ ବିରୋଧରେ ଏକତ୍ର ଭାବେ ସ୍ୱର ଉଠାଇଛନ୍ତି।

# ଶ୍ରମଜୀବୀ, ସାଧାରଣ ଲୋକଙ୍କ ବିଜୟ: ସିପିଆଇ

**ଭୁବନେଶ୍ୱର,୧୨।୨(ବନ୍ଦନା ସେଠୀ)**

ଦେଶର ୧୦ଟି ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ବିଭିନ୍ନ ବାମପନ୍ଥୀ ଦଳ ତରଫରୁ ଗୁରୁବାର ସାଧାରଣ ଧର୍ମଘଟ ସଫଳ ହୋଇଛି। ଏହା ଶ୍ରମଜୀବୀ ଏବଂ ସାଧାରଣ ଲୋକଙ୍କ ବିଜୟ ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। ବନ୍ଦକୁ ସଫଳ କରାଇଥିବାରୁ ଜନସାଧାରଣଙ୍କୁ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ସିପିଆଇ ନେତା ସୁର ଜେନା, ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଜୟ ଜେନା, ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ)**

ସାଧାରଣ ଧର୍ମଘଟର ପ୍ରଭାବ ଗୁରୁବାର ବାରଙ୍ଗରେ ଦେଖିବାକୁ ମିଳିନଥିଲା। ପ୍ରାୟ ସବୁଆଡ଼େ ଦୋକାନ ବଜାର ଖୋଲା ରହିଥିଲା। ଏହି ଉପଲକ୍ଷେ ଏଆଇୟୁଟିୟୁସି ପକ୍ଷରୁ ବାରଙ୍ଗ ବ୍ଲକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ଶ୍ରମିକ-କର୍ମଚାରୀ ବିରୋଧୀ ଶ୍ରମଶକ୍ତି ନୀତି-୨୦୨୫କୁ ବାତିଲ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫କୁ ପ୍ରତ୍ୟାହାର କରିବା, ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ବନ୍ଦ କରିବା, ଘରୋଇ ଆଣବିକ ଶକ୍ତି ଆଇନ ଶାନ୍ତିକୁ ରଦ୍ଦ କରିବା, ଭିବି ଜି-ରାମ-ଜି ଆଇନକୁ ଏମ୍‌ଜିଏନ୍‌ଆରଇଜିଏକୁ ପୁନଃ ପ୍ରଚଳନ କରି ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ମଜୁରି ୬୦୦ ଟଙ୍କା ପ୍ରଦାନ କରିବା, ସର୍ବନିମ୍ନ ମଜୁରି ମାସିକ ୨୬,୦୦୦ ଟଙ୍କା ଓ ସର୍ବନିମ୍ନ ମାସିକ ପେନ୍‌ସନ ୯,୦୦୦ ଟଙ୍କା କରିବା, ଜଙ୍ଗଲ ଅଧିକାର ଆଇନ-୨୦୦୬କୁ କଡ଼ାକଡ଼ି ଲାଗୁ କରିବା ଆଦି ଦାବିରେ ଆହୂତ ସାଧାରଣ ଧର୍ମଘଟ ଉପଲକ୍ଷେ ବାରଙ୍ଗ ବ୍ଲକ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ନାରୀନେତ୍ରୀ ମାଳବିକା ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସ୍ଥଳରେ ବହୁ ଛାତ୍ରନେତା ଯୋଗଦେଇ ଉପରୋକ୍ତ ଦାବିକୁ ନେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# କାର୍ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଭୁବନେଶ୍ୱର,୧୨।୨(ତ୍ରିନାଥ ମହାନ୍ତି)**

ଖାରବେଳନଗର ଥାନା ରାମ ମନ୍ଦିର ଛକରେ ଏକ କାର ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ମିତେଶ କୁମାର ଖଟୁଆ। ତାଙ୍କ ଘର ସମ୍ବଲପୁର ହୀରାକୁଦରେ ହୋଇଥିବାବେଳେ ଭୁବନେଶ୍ୱରର କନକ ବିହାରରେ ଭଉଣୀ ସହ ରହୁଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ଭୋର ୫ଟା ସମୟରେ ମିତେଶ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ ଯାଉଥିଲେ। ଏହି ସମୟରେ ରାମମନ୍ଦିର ଛକରୁ ସତ୍ୟନଗର ଓଭରବ୍ରିଜ୍ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା କାର ତାଙ୍କୁ ଧକ୍କା ଦେଇଥିଲା। ମିତେଶଙ୍କ ଉପରେ କାର ଚଢ଼ି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ତୈଳ, ଗ୍ୟାସ୍ ସଂରକ୍ଷଣ ପାଇଁ ସଚେତନତା

**ଭୁବନେଶ୍ୱର,୧୨।୨**
**(ଅନୁରାଧା ମହାରଣା)**

ପାରମ୍ପରିକ ଶକ୍ତି ଉତ୍ସର ସୁରକ୍ଷା ତଥା ସବୁଜ ଶକ୍ତିର ବିକାଶ ଲକ୍ଷ୍ୟ ନେଇ ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମ୍‌ଟି), ଭୁବନେଶ୍ୱର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲ୍ (ଇଣ୍ଡିଆ) ଲିମିଟେଡ୍ ସହଯୋଗରେ ଆୟୋଜିତ ଏହି ସମାରୋହରେ ଶିଳ୍ପ ଓ ଘରୋଇ ବ୍ୟବସ୍ଥା ପାଇଁ ନବୀକରଣୀୟ ଶକ୍ତି ସଂରକ୍ଷଣ ରଣନୀତି ଶୀର୍ଷକ ଆଲୋଚନାଚକ୍ର ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ତେଲ ଏବଂ ଗ୍ୟାସ୍ ସଂରକ୍ଷଣ କରନ୍ତୁ - ସବୁଜ ହୁଅନ୍ତୁ'ର ବାର୍ତ୍ତାକୁ ଜନସାଧାରଣ ତଥା ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ଏହାର ଲକ୍ଷ୍ୟ ଥିଲା।



ଆଇଆଇଏମ୍‌ଟି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଇଆଇଏମ୍‌ଟିର ଆସୋସିଏଟ୍ ଡିନ୍ ପ୍ରଫେସର ସ୍ମୃତିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଆଇଏମ୍‌ଟି ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ପଟ୍ଟନାୟକ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜୟଦେବ କର ପ୍ରାରମ୍ଭିକ ସୂଚନା ପ୍ରଦାନକରି ଛାତ୍ରୀଛାତ୍ରଙ୍କୁ ଶକ୍ତି ସଞ୍ଚୟକାରୀ ଅଭ୍ୟାସ ଆପଣାଇବା ସହ ଦେଶର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲରେ ସହଯୋଗୀ ହେବାକୁ ଆହ୍ୱାନ ଦେଇଥିଲେ। ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ଉପମହାପ୍ରବନ୍ଧକ ଇଂ. ନିଗମାନନ୍ଦ ମିଶ୍ର ମୁଖ୍ୟ ଅତିଥି ଏବଂ ଭାରତୀୟ ସେନା (ଆର୍ମି ହେଡ୍‌କ୍ୱାର୍ଟର୍ସ ଇଞ୍ଜିନିୟର୍ସ ବ୍ରାଞ୍ଚ)ର ନିର୍ଦ୍ଦେଶକ (ୟୁଟିଲିଟିଜ) ଇଂ. ରାଧାମୋହନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଶକ୍ତି ସଂରକ୍ଷଣ ପାଇଁ ନୂତନ ଚିନ୍ତାଧାରା ଉପସ୍ଥାପନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କିରାଣି ଗିରଫ

**ଭୁବନେଶ୍ୱର,୧୨।୨(ତ୍ରିନାଥ ମହାନ୍ତି)**

- **ଆଇଏଏସ୍ ଅଧିକାରୀଙ୍କଠାରୁ ଅଧିକ ଦରମା ଉଠାଉଥିଲେ**
- **ଆୟ ଠାରୁ ୨୦୫ ପ୍ରତିଶତ କଳାଧନ ଅର୍ଜନ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୋଳ ହସ୍ପିଟାଲ କିରାଣି ସୁବ୍ରତ ବେହେରା ଗିରଫ ହୋଇଛନ୍ତି। ସେ ଆୟଠାରୁ ୨୦୫ ପ୍ରତିଶତ କଳାଧନ ଠୁଳ କରିଥିଲେ। ଏହି ସମ୍ପତ୍ତିର ହିସାବ ଭିଜିଲାନ୍ସ ମାଗିଥିଲେ ମଧ୍ୟ ସେ ଦେଇପାରି ନ ଥିଲେ। ଯେଉଁଥିପାଇଁ ଭିଜିଲାନ୍ସ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ଅନୁଗୋଳ ଟାଉନ୍‌ରେ ତାଙ୍କର ଗୋଟିଏ ୩ ମହଲା କୋଠା ଠାବ କରାଯାଇଥିବା ବେଳେ ୪୫୦ଗ୍ରାମ ସୁନା, ବ୍ୟାଙ୍କ ଏବଂ ପୋଷ୍ଟାଲରେ ୩୫.୯୬ଲକ୍ଷ ଟଙ୍କା ଜମା ରହିଛି। ତାଙ୍କର ୨ଟି ଚାରି ଚକିଆ ଗାଡ଼ି ଥିବାବେଳେ ଘରର ଆସବାବପତ୍ର ୧୭ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ବଡ଼ କଥା ହେଲା ସେ ଜଣେ ଆଇଏଏସ୍ ଅଧିକାରୀଙ୍କ ଠାରୁ ଅଧିକ ଦରମା ଉଠାଉଥିଲେ। କିରାଣି ସୁବ୍ରତ ବେହେରା ମୂଳ ଦରମା ୩ଲକ୍ଷ ୩୬ ହଜାର ୧୦୦ରୁ ୭ଲକ୍ଷ ୩୬ ହଜାର ୧୦୦ ଟଙ୍କା ଉଠାଉଥିଲେ। ୨୦୨୨ରୁ ୨୦୨୫ ମଧ୍ୟରେ ଏଭଳି ମୂଳ ଦରମା ନେଉଥିବା ତଦନ୍ତରୁ ଜଣାପଡ଼ିଛି। ମହଙ୍ଗା ଭତ୍ତା(ଡିଏ) ବାବଦରେ ୧୪ ଲକ୍ଷ ୬ହଜାର ୩୦୦ ଟଙ୍କା ପର୍ଯ୍ୟନ୍ତ ନେଇଥିଲେ। ୯ଲକ୍ଷ ୫ ହଜାର ୮୨୭ ଟଙ୍କାରୁ ୧୪ ଲକ୍ଷ ୬ ହଜାର ୩୦୦ ପର୍ଯ୍ୟନ୍ତ ଡିଏ ନେଇଛନ୍ତି। ୨୦୨୧ରେ ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ୪ ମାସ ଚଞ୍ଚକତା କରି ଏଭଳି ଡିଏ ନେଇଥିଲେ। ସେ ୮ବର୍ଷରେ ୨.୩୮ କୋଟି ଟଙ୍କା ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଗୁରୁବାର ବିଭିନ୍ନ ବାମପନ୍ଥୀ ଦଳର କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି।


ବନ୍ଦ ଯୋଗୁ ଭୁବନେଶ୍ୱର ମାର୍କେଟ ବିଲ୍ଡିଂ ଖାଁ ଖାଁ।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲେ


ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଚାଲିଚାଲି ଯାଉଛନ୍ତି।

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

ଶ୍ରମିକ ସ୍ୱାର୍ଥବିରୋଧୀ ୪ ଶ୍ରମ କୋଡ୍ ଓ ଶ୍ରମନୀତି-୨୦୨୫ ବାତିଲ, ସ୍ମାର୍ଟ ମିଟର ବସେଇବା ବନ୍ଦ କରିବା, ପୁରୁଣା ପେନ୍‌ସନ ସ୍କିମ୍ ଲାଗୁ, କୃଷିଜାତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପ୍ରଦାନ, ଭି.ବି. ଜି ରାମ୍-ଜି ଆଇନ ରଦ୍ଦ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଚଳନ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଗୁରୁବାର ଖୋର୍ଦ୍ଧାରେ ଧର୍ମଘଟ କରାଯାଇଛି। ଫଳରେ ଘରୋଇ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୋକାନବଜାର ଖୋଲା ରହିଥିବା ବେଳେ ଜାତୀୟ କାର୍ଯ୍ୟାଳୟ, ଜିଲା କାର୍ଯ୍ୟାଳୟ ଆଗରେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ପୂର୍ବାହ୍ନରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଏକାଠି ହୋଇ ନୂଆ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ ନିକଟରେ ବିକ୍ଷୋଭ




କରିଥିଲେ। ଫଳରେ ଖୋର୍ଦ୍ଧା-ନୟାଗଡ଼ ବାଇପାସ୍ ଟିଏଲ୍‌ସି ରାସ୍ତାରେ ଯାନବାହନ ଦୀର୍ଘସମୟ ଧରି ଅଟକି ରହିଥିଲା। ଏହି ସମୟରେ ବାହାରୁ ଆସିଥିବା ଟୁରିଷ୍ଟ ବସ୍ ଟ୍ରାଫିକ୍ ଛକରେ ଅଟକି ରହିଥିଲା। ଆମ୍ବୁଲାନ୍ସ, ରୋଗୀ ଏବଂ ଅତ୍ୟାଧୁନିକ ସେବାରେ ଯାଉଥିବା ଲୋକଙ୍କୁ ବାଦ୍ ଦେଲେ ଅନ୍ୟ ଯାନବାହନକୁ ବିକ୍ଷୋଭକାରୀ ଅଟକାଇଥିଲେ। ପରେ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ବନ୍ଦ ଧର୍ମଘଟକୁ ସଫଳ କରିବା ପାଇଁ ସହରବାସୀଙ୍କୁ ନିବେଦନ କରିଥିଲେ।

## ଖୋର୍ଦ୍ଧାରେ ଶ୍ରମିକ ସଙ୍ଗଠନର ଧର୍ମଘଟ

ଡାକ କାର୍ଯ୍ୟାଳୟ ଏବଂ ଭାରତୀୟ ଜୀବନବୀମା ନିଗମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା।

ଶ୍ରମିକ ନେତା ଅନନ୍ତ ମଙ୍ଗରାଜ, ଏଆଇସିୟୁଟିୟୁସିର ଜିଲା ସଭାପତି ଅଶୋକ ସାହୁ, ଶିକ୍ଷକ ନେତା ସୁରେଶ ବିଶ୍ୱାଳ, କିଶୋର ଚନ୍ଦ୍ର ପରମଗୁରୁ, ଶ୍ରମିକ ନେତା ଶୈଳେଶ ବଳିଆରସିଂହ, ଯୁବନେତା ଜୟନ୍ତ ମହାନ୍ତି, ଖୋର୍ଦ୍ଧା ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର ପ୍ରମୁଖ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀକାନ୍ତ ନାୟକ, ଅଭିନାଶ ପ୍ରଧାନ, କାର୍ତ୍ତିକ ଘଡ଼େଇଙ୍କ ସମେତ ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ।



ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ବେଗୁନିଆ ଅଞ୍ଚଳରେ ବିକ୍ଷୋଭ।


ନିଖିଳ ଉତ୍କଳ ଆଶାକର୍ମୀ ସଂଘର ବୋଲଗଡ଼ ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।



ସିଆଇଟିୟୁ ଟାଙ୍ଗୀ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

# ଇଜ୍‌ତେମା ଅନୁମତି ବାତିଲ

ଖୋର୍ଦ୍ଧା,୧୨।୨
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ତରତୁଆ ମୌଜାରେ ଇଜ୍‌ତେମା (ଧାର୍ମିକ ସମାବେଶ) ଆୟୋଜନ ପାଇଁ ଦିଆଯାଇଥିବା ଅନୁମତିକୁ ବାତିଲ କରାଯାଉଛି। ପର୍ଯ୍ୟାପ୍ତ ପୋଲିସ ବାହିନୀର ଅଭାବ ଏବଂ କାର୍ଯ୍ୟକ୍ରମରେ ବିଶାଳ ସମାବେଶ ହେବାର ଆଶଙ୍କା ରହିଛି। ଭିଡ଼ ପରିଚାଳନା ଏବଂ ସାଧାରଣ ସୁରକ୍ଷାକୁ ପ୍ରତିକୂଳ ଭାବେ ପ୍ରଭାବିତ କରିପାରେ। ଏଥିପାଇଁ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଇଜ୍‌ତେମା ଅନୁମତି ବାତିଲ କରାଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ନମ୍ବର ୮୪୧, ତା୧୦।୨।୨୬ରିଖ ଅନୁଯାୟୀ ଉପରୋକ୍ତ କାରଣରୁ ଅନୁମତି ବାତିଲ କରାଯାଇଥିବା ଉପଜିଲାପାଳ ସଂକଳ୍ପ ସତ୍ପିକ୍ ସାହୁ ସୂଚନା ଦେଇଛନ୍ତି। ଗତ ୬ ତାରିଖରେ ସାହା ରହେମତ ଅଲ୍ଲୀ ତରତୁଆଠାରେ ଇଜ୍‌ତେମା ଆୟୋଜନ ପାଇ ପ୍ରଶାସନ ନିକଟରେ ଆବେଦନ କରିଥିଲେ।

# ମନ୍ଦିରରେ ସଂଖ୍ୟାଲଘୁ କାରିଗର କାମ କରିବାକୁ ବିରୋଧ

ନିରାକାରପୁର,୧୨।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ଫାଣ୍ଡି ଅଞ୍ଚଳରେ ଥିବା ଏକ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ କାର୍ଯ୍ୟ କରୁଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ପହଞ୍ଚି ବିରୋଧ କରିଥିଲେ। କାମ କରାଉଥିବା ବ୍ୟକ୍ତିଙ୍କୁ ଉକ୍ତ ସମ୍ପ୍ରଦାୟ ଲୋକଙ୍କୁ ମନ୍ଦିର କାର୍ଯ୍ୟରେ ନ ଲଗାଇବା ପାଇଁ କହିଥିଲେ। ପରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ଟାଙ୍ଗୀ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଅତିରିକ୍ତ ତହସିଲଦାର ଶାନ୍ତନୁ କୁମାର ମଲ୍ଲିକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କିଛି ଜାଣିନି, ବୁଝୁଛି ବୋଲି କହିଥିଲେ।

## ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

# ଆର୍‌ସି ବ୍ରହ୍ମପୁର ବିଜୟୀ

ଯାଁଳା,୧୨।୨(ବୁଲା ବାରିକ)

ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ବିଜେତା ୱାରିଅର୍ସ ଏବଂ ଆର୍‌ସି ବ୍ରହ୍ମପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ୱାରିଅର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲକି କୁମାର ୫୬ ରନ୍ କରିଥିଲେ। ଆର୍‌ସି ବ୍ରହ୍ମପୁରର ତାରିଫ ଖାନ୍ ୩ଟି ଉଇକେଟ ନେଇଥିଲେ। ଆର୍‌ସି ବ୍ରହ୍ମପୁର ୧୫.୨ ଓଭରରେ ୫ ଉଇକେଟ ବିନିମୟରେ ୧୭୫ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡ଼ା ଅତିଥିଭାବେ ଯୋଗଦେଇ ତାରିଫ୍ ଖାନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ସେଭେନ୍ ଟୁ କ୍ଲବ୍ ଖୋର୍ଦ୍ଧା ଫାଇନାଲରେ

ବେଗୁନିଆ,୧୨।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆପଡ଼ା-ଇନ୍ଦିପୁର ଖେଳପଡ଼ିଆରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସେଭେନ୍ ଟୁ କ୍ଲବ୍ ଖୋର୍ଦ୍ଧା ଏବଂ ଫ୍ରେଣ୍ଡ୍‌ସ କ୍ଲବ୍ ବୋଲଗଡ଼ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୩ ଗୋଲରେ ସେଭେନ୍ ଟୁ କ୍ଲବ୍ ଖୋର୍ଦ୍ଧା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡ଼ା, ମନୋଜ ସାମନ୍ତସିଂହାର, ଶରତ ଛୋଟରାୟ ଏବଂ ସନ୍ତୋଷ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବୋତଳମା ସରପଞ୍ଚ ପ୍ରମୋଦ ଦଳେଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ରଞ୍ଜନ ଜଗଦ୍ଦେବ, ବଳଭଦ୍ର ପାଟ୍ଟଶାଣୀ, ଅର୍ଜୁନ ବଳିୟାରସିଂହ, ସୁରେଶ ବାଘସିଂହ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ସଞ୍ଚାଳନ କରିଥିଲେ। ବିଜୟୀ ଟିମ୍‌ର ଏମ୍.ଡି ଜୟନୁଲ୍ଲାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଖୋର୍ଦ୍ଧାର ଫ୍ରେଣ୍ଡ୍‌ସ କ୍ଲବ୍ ଏବଂ ଜୁନିୟର ଏଫ୍‌ସି ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକ କ୍ଲବ୍ ପକ୍ଷରୁ କୁହାଯାଇଛି।

# ନବନିର୍ମାଣ କୃଷକ ସଙ୍ଗଠନର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଚାଷୀଙ୍କୁ ମିଳିଥିବା ଟୋକେନ ଅବଧି ସରିଆସୁଥିବା ବେଳେ ଧାନ କିଣାଯାଉ ନାହିଁ। ଏହାର ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ବାଟମଙ୍ଗଳ ଛକରୁ ବାଇକ୍ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଚାଷୀଙ୍କ ଧାନକିଣା ସ୍ୱାଭାବିକ ନ ହେଲେ ପ୍ରଶାସନିକ ଅଧିକାରୀଙ୍କୁ ରାଜରାସ୍ତାରେ ଚଲାଇ ଦେବୁ ନାହିଁ, ଜିଲା ଯୋଗାଣ ବିଭାଗ ଏବଂ ଜିଲାପାଳ, ସମବାୟ ବିଭାଗ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଧାନର ମାନ ଠିକ୍ ଥିବା ସତ୍ତ୍ୱେ ଏଫ୍‌ଏକ୍ୟୁ ମାନ ନ ଥିବା ଦର୍ଶାଇ ମନଇଚ୍ଛା କଟନିଛଟନି କରାଯାଉଛି। କୁଇଣ୍ଟାଲ



ପିଛା ୫କେଜି ଧାନ କଟାଯାଉଛି। ଏହାର ପ୍ରତିବାଦ କଲେ ଧାନ ନ କିଣିବା ପାଇଁ ମିଲର୍ସ ପରୋକ୍ଷରେ ଧମକ ଦେଉଛନ୍ତି। ଧାନମଣ୍ଡି ମିଲର୍ସ, ଦଲାଲ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ବୋଲି ଅଭିଯୋଗ ଆଣିଛି ନବ ନିର୍ମାଣ କୃଷକ ସଙ୍ଗଠନ। ଜିଲାରେ ଚଳିତବର୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ଲାଗି ପଞ୍ଜୀକରଣ କରିଥିବା ବେଳେ କଟନିଛଟନି ବାବଦକୁ ପ୍ରାୟ ୪ରୁ ୫କୋଟି ଟଙ୍କା ମିଲର୍ସ, ଅସାଧୁ କର୍ମଚାରୀ ମିଳିମିଶି ଖାଇବାର ଚକ୍ରାନ୍ତ କରିଛନ୍ତି। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ ଯେ, ଚଳିତ ବର୍ଷ ଫସଲ ଭଲ ଅମଳ ହୋଇଛି। ଧାନରେ ଆଦୌ ଆଦତ୍ରା ନ ଥିବାରୁ ସବୁ ଧାନ ଏଫ୍‌ଏକ୍ୟୁ ମାନର। ରାଜ୍ୟ କୃଷି ଓ ସମବାୟ ମନ୍ତ୍ରୀ ଧାନର ମାନ ଖରାପ ଥିଲେ ୨କେଜି ପର୍ଯ୍ୟନ୍ତ କଟାଯିବା ନେଇ କହୁଥିବା ବେଳେ ଖୋର୍ଦ୍ଧା ଜିଲାରେ ୫କେଜି କାହିଁକି କଟାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ଜିଲା ସଂଯୋଜକ ସୁରେଶ ମାନସିଂହ କହିଥିଲେ ଯେ, ଚାଷୀଙ୍କଠାରୁ ଲୁଣ୍ଠନ ପ୍ରତିବାଦରେ ଏହି ପ୍ରତିବାଦ କରାଯାଇଛି। ଆଗକୁ ଆନ୍ଦୋଳନକୁ ତୀବ୍ରତର କରାଯିବ। ରାଜ୍ୟ ଯୁବ ସଂଯୋଜକ ମନୱର ଅଲ୍ଲୀ କହିଥିଲେ ଯେ, ପ୍ରତିବର୍ଷ ଧାନକିଣାରେ ଚାଷୀଙ୍କୁ ହଇରାଣ କରାଯାଉଛି। ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକ ସଂଯୋଜକ ମଦନ ସାହୁ, ବୋଲଗଡ଼ ସଂଯୋଜକ କାହ୍ନୁ ଚରଣ ବେହେରା, ଅକ୍ଷୟ ରାଉତରାୟ, ନୟାଗଡ଼ ସଂଯୋଜକ ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂହ, ନିରଞ୍ଜନ ପ୍ରଧାନ, ଆଶିଷ ବେହେରା, କୈଳାସ ଚନ୍ଦ୍ର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଦଣ୍ଡପାଣି ସାହୁଙ୍କ ସମେତ ଏକାଧିକ ଚାଷୀ ସରକାରଙ୍କ ବିରୋଧରେ ବର୍ଷିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୨।୨୦୨୬

| ୩,୮୩,୮୩୫ ଟଙ୍କା | |
|---|---|
| ସୁନା | ୨.୫୦୦ ଗ୍ରାମ୍ |
| ରୁପା | ୫୬.୫୦୦ ଗ୍ରାମ୍ |

# ଆଚାର୍ଯ୍ୟଙ୍କ ଆଦର୍ଶ ସର୍ବଦା ପ୍ରେରଣାଦାୟୀ

## ହରିହର ଜୟନ୍ତୀ ପାଳିତ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ। ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ ବୋଲି ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମତବ୍ୟକ୍ତ କରିଛନ୍ତି। ସଦଭାବନା ସଭାଗୃହରେ ଜିଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ, ସର୍ବୋଦୟ ମେଳା ସମିତି ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଆଚାର୍ଯ୍ୟ ହରିହରଙ୍କ ୧୪୭ ତମ ଜୟନ୍ତୀ ପାଳିତ ହୋଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରନିର୍ବାହୀ ଅଧିକାରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ବାଗ୍ମୀତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ କୈଳାସ ଚନ୍ଦ୍ର ଟିକାୟତରାୟ ଆଚାର୍ଯ୍ୟ ହରିହରଙ୍କ ଜୀବନ ଓ ଜୀବନଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧର ପ୍ରତୀକ ଥିଲା ବୋଲି କହିଥିଲେ। ସର୍ବୋଦୟ ମେଳା ସମିତିର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ସମାରୋହରେ ଅତିଥିମାନେ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଭାପୂର୍ବରୁ ଅତିଥିମାନେ ଗାନ୍ଧୀଘାଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଆଚାର୍ଯ୍ୟ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି, ବାର୍ ଆସୋସିଏଶନ ନିକଟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସଦ୍‌ଭାବନା ସଭାଗୃହରେ ଆଚାର୍ଯ୍ୟ ହରିହର, ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ, ସର୍ବୋଦୟ ମେଳା ସମିତିର ସଦସ୍ୟ, ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ଯୁବକଙ୍କୁ ଖଣ୍ଡାରେ ହାଣି ଆତଙ୍କ, ୨ ଗୁରୁତର

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ସାମାନ୍ୟ କଥାକୁ କେନ୍ଦ୍ରକରି ୨ ଯୁବକଙ୍କୁ ଖଣ୍ଡାରେ ହାଣି ଦୁର୍ବୃତ୍ତମାନେ ଆତଙ୍କ ସୃଷ୍ଟି କରିଛନ୍ତି। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମାଟିଆପଡ଼ା ଛକରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଦୁଇ ଯୁବକ ହେଲେ, ରାକେଶ କୁମାର ବାରିକ ଏବଂ ରଣଜିତ ଗୋଚ୍ଛାୟତ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ରାକେଶର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ରାକେଶର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ରଣଜିତ୍‌ର ପିଠି ଓ କାନ୍ଧରେ ଆଘାତ ଲାଗିଥିବା ବେଳେ ତାଙ୍କୁ ପୁରୀ ହସ୍ପିଟାଲରେ ଚିକିତ୍ସିତ କରାଯାଇଛି। ଖବରପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣାସ୍ଥଳ ଓ ହସ୍ପିଟାଲ୍‌ରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ରାକେଶ ଓ ରଣଜିତ ସନ୍ଧ୍ୟାରେ ମାଟିଆପଡ଼ା ଛକ ନିକଟ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଠାରେ ବସିଥିଲେ। ଷ୍ଟେଶନ ବଜାର ନିକଟ ବାଲି ଉପର ବସ୍ତିର ଯୁବକଙ୍କ ସହ ଉଭୟଙ୍କ ମଧ୍ୟରେ ସେଠାରେ କୌଣସି କାରଣକୁ ନେଇ ପ୍ରଥମେ କଥା କଟାକଟି ହୋଇଥିଲା। ପରେ ରାକେଶ ଓ ରଣଜିତଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି।

ସେହିପରି ସମୁଦ୍ରକୂଳ ଥାନା ଅନ୍ତର୍ଗତ ସ୍ୱର୍ଗଦ୍ୱାର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଘଣାମଲ ସାହିର କୃଷ୍ଣଚନ୍ଦ୍ର ବେହେରା। ତାଙ୍କୁ ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୃଷ୍ଣ ଜଣେ ଅଟୋଚାଳକ। ଅଟୋ ସାଇଡ୍ କରିବାକୁ କେନ୍ଦ୍ର କରି ତାଙ୍କୁ ଆକ୍ରମଣ କରାଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

# ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ, ଯୁବକ ଗିରଫ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

କିଛିଦିନର ବ୍ୟବଧାନ ପରେ ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ତ୍ରୁଟି ଦେଖାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଖରେ ଡ୍ରୋନ୍ ଉଡାଣ ଉପରେ କଟକଣା ଜାରି ରହିଥିବା ସତ୍ତ୍ୱେ ଗୁରୁବାର ଅପରାହ୍ନରେ ଜଣେ ଯୁବକ ଡ୍ରୋନ୍ ଉଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ପୁରୀ ପୋଲିସ ତାଙ୍କୁ ଗିରଫ କରିଛି। ଯୁବକ ହେଲେ କର୍ନାଟକର ଅଭ୍ୟୁଦୟ ସିହ୍ନା (୨୫)।

ଯୁବକ ଜଣକ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଉଥିବା ଖବର ଏସ୍‌ପି ପ୍ରତୀକ ସିଂଙ୍କ ନିକଟରେ ପହଞ୍ଚିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଓ ସିଂହଦ୍ୱାର ଥାନାର ଏକ ଟିମ୍ ଡ୍ରୋନ ଏବଂ ଯୁବକଙ୍କୁ ଧରିବା ପାଇଁ ଡ୍ରୋନ୍ ଗତିବିଧିକୁ ଟ୍ରାକ୍ କରି ପିଛା କରିଥିଲେ। ଡ୍ରୋନ୍‌ଟି ଉତ୍ତର ଦ୍ୱାର ସମ୍ମୁଖରେ ପଣ୍ଡା ଗଳି ଅଞ୍ଚଳରେ ଥିବା ଚିହ୍ନଟ ହୋଇଥିଲା। ସେଠାରେ ଚଢ଼ାଉ କରି ପୋଲିସ ଡ୍ରୋନ୍ ଚାଳକ ଅଭ୍ୟୁଦୟ ସିହ୍ନାଙ୍କୁ ଧରିଥିଲେ ଏବଂ ତାଙ୍କ ନିକଟରୁ ଡ୍ରୋନ୍ ଜବତ କରାଯାଇଛି। ଶ୍ରୀମନ୍ଦିର ଅଞ୍ଚଳକୁ 'ନୋ ଫ୍ଲାଇଂ ଜୋନ' ଘୋଷଣା କରାଯାଇଥିବାରୁ ଏଠାରେ ଡ୍ରୋନ ଉଡ଼ାଣ ସଂପୂର୍ଣ୍ଣ ନିଷିଦ୍ଧ। ସୁରକ୍ଷା ଦୃଷ୍ଟିକୋଣରୁ ଏହିପ୍ରକାର ଅବୈଧ କାର୍ଯ୍ୟକଳାପ ଉପରେ ପୁରୀ ପୋଲିସ ନଜର ରଖିଛି। ଘଟଣା ସମ୍ପର୍କରେ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଘରୋଇ ବସ୍ ମାଲିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ

## ପୁନର୍ବାର ଲୋକନାଥ ପାଣି ସଭାପତି, ଦେବେନ୍ଦ୍ର ସାହୁ ସମ୍ପାଦକ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ଟାଉନ୍ ହଲ୍ ପରିସରରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ୨ଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୈଠକରେ ଯାତ୍ରୀ ସୁରକ୍ଷା, ଭଡ଼ା ନିର୍ଦ୍ଧାରଣ, ଦୁର୍ଘଟଣା ନିୟନ୍ତ୍ରଣ ଏବଂ ଘରୋଇ ବସ୍ ମାଲିକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନେକ ଗ୍ରାମାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଗାଡ଼ି ଚଳାଚଳରେ ବହୁ ସମସ୍ୟା ସୃଷ୍ଟି ହେଉଥିବା ନେଇ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ନିକଟରେ ଏବଂ ବିଭିନ୍ନ ଢାବାରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ଘରୋଇ ବସ୍ ମାଲିକ ସଂଘ ଦାବି କରିଛି। ଏହାଦ୍ୱାରା ମଦ୍ୟପାନ ଜନିତ ଦୁର୍ଘଟଣା ହ୍ରାସ ପାଇବ।

ରାଜ୍ୟରେ ବସ୍‌ଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ଫିଟ୍‌ନେସ ବିଭିନ୍ନ ଜିଲାରେ କରିବାର ବ୍ୟବସ୍ଥା ନ ଥିବାରୁ ବସ୍ ମାଲିକମାନେ ବହୁ ହଇରାଣ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। ଏହି ସମସ୍ୟାର ସମାଧାନ ଶୀଘ୍ର କରିବାକୁ ବସ୍ ମାଲିକ ସଂଘ ଦାବି କରିଛି। ସେହିପରି ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ବାଲି ପକାଉଥିବା ବ୍ୟକ୍ତି ଏବଂ ରାସ୍ତା ମଝିରେ ବେଆଇନ କଟ୍ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଏହି ୨ଦିନିଆ ସମ୍ମିଳନୀର ଗୁରୁବାର ଉଦ୍‌ଯାପନୀ ଦିବସରେ ନୂତନ କର୍ମକର୍ତ୍ତା ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ସଂଘର ନେତୃତ୍ୱ ମନୋନୟନ କରାଯାଇଛି। ସଭାପତି ଭାବେ ପୁନର୍ବାର ଲୋକନାଥ ପାଣି, ସମ୍ପାଦକ ଭାବେ ଦେବେନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ଭାବେ ବରଦା ପ୍ରସନ୍ନ ଆଚାର୍ଯ୍ୟ ନେତୃତ୍ୱ ନେଇଛନ୍ତି।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା।

# ପୋଲିସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଜିଲା କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସ୍‌ପି ପ୍ରତୀକ ସିଂ ନ୍ୟାୟାଳୟରେ ସଫଳ ଅଭିଯୋଗ ପରିଚାଳନା ଓ ପୀଡ଼ିତଙ୍କ ପକ୍ଷରେ ଦୃଢ଼ ଭାବେ ମାମଲା ପ୍ରସ୍ତୁତ କରି ଦୋଷୀଙ୍କୁ ଦଣ୍ଡିତ କରାଇବାରେ ଯେଉଁ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେମାନଙ୍କୁ ସମ୍ମାନିତ କରିଥିଲେ। ଏହି ମାମଲାରେ ୫ ଜଣ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଡିଏସ୍‌ପି ତିଳୋତ୍ତମା ରାଉତଙ୍କ ସମନ୍ୱିତ ପ୍ରୟାସ ଫଳରେ ନ୍ୟାୟାଳୟରେ ଦୃଢ଼ ପ୍ରମାଣ, ଆବଶ୍ୟକ ଦଲିଲପତ୍ର ଓ ସାକ୍ଷ୍ୟ ଠିକ୍ ଭାବରେ ଉପସ୍ଥାପନ କରାଯାଇଥିଲା। ଏହାର ଫଳସ୍ୱରୂପ ପୀଡ଼ିତଙ୍କୁ ନ୍ୟାୟ ମିଳିବା ସହ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏସ୍‌ପି ସିଂ କହିଛନ୍ତି, ଗୁଣାତ୍ମକ ତଦନ୍ତ, ସଠିକ୍ ଡକ୍ୟୁମେଣ୍ଟେଶନ ଓ ପ୍ରୋସିକ୍ୟୁସନ୍ ସହ ସମନ୍ୱୟ ହେଉଛି ଦଣ୍ଡନୀତିର ସଫଳତାର ମୂଳ ଚାବି। ପୁରୀ ପୋଲିସ ସଦା ପୀଡ଼ିତଙ୍କୁ ନ୍ୟାୟ ଦେବା ଓ ଦୋଷୀଙ୍କୁ ଆଇନ ଅନୁସାରେ କଠୋର ଶାସ୍ତି ଦେବାରେ ପ୍ରତିବଦ୍ଧ।

# ଜାତୀୟ କୃମିନାଶକ ଦିବସ ଉଦ୍‌ଘାଟିତ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଦୋଳବେଦିକୋଣ ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୧ରୁ ୧୯ ବର୍ଷର ସମସ୍ତ ପିଲା ଓ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନର କାର୍ଯ୍ୟକ୍ରମ ରହିଛି। ବିଶେଷକରି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୨୦୫ଟି ଶିକ୍ଷାନୁଷ୍ଠାନର ୨,୦୧,୩୪୮ ଛାତ୍ରୀଛାତ୍ର ଏବଂ ୨୫୪ଟି ବେସରକାରୀ ଶିକ୍ଷାନୁଷ୍ଠାନର ୫୬,୫୬୩ ଛାତ୍ରୀଛାତ୍ର ଓ ୨୫୬୬ଟି ଅଙ୍ଗନୱାଡି କେନ୍ଦ୍ରର ୮୮,୬୬୮ ପିଲା ଓ ଜିଲାର ୬୨,୨୬୦ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନ କରାଯିବ। ଜିଲାର ସବୁ ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି।

ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଆଲବେଣ୍ଡାଜୋଲ(କୃମିନାଶ) ବଟିକା ତଥା ସିରପ୍ ପ୍ରଦାନ କରାଯାଇଛି। ଯେଉଁମାନେ ଫେବୃଆରୀ ୧୦ରେ କୃମିନାଶକ ବଟିକା ବା ସିରପ୍ ସେବନ କରି ନ ଥିବେ ଅଥବା ଅସୁସ୍ଥ ଥିବେ ସେମାନେ ଆସନ୍ତା ୧୭ରେ କୃମିନାଶକ ଔଷଧ ସେବନ କରିପାରିବେ। ପିଲାମାନଙ୍କଠାରେ ପ୍ରାୟତଃ କୃମି ଦେଖାଯାଏ ଓ ଏହାଦ୍ୱାରା ସେମାନେ ରୁଗ୍‌ଣ ଓ ଦୁର୍ବଳ ହୋଇଥାନ୍ତି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କୃମିନାଶକ ଜରୁରୀ ହୋଇଥାଏ। ତେଣୁ ବର୍ଷକୁ ଦୁଇଥର ଯଥା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ଓ ଅଗଷ୍ଟ ମାସରେ ଏହି କୃମିନାଶକ ଦିବସ ପାଳନ କରାଯାଇଥାଏ। କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ପ୍ରଧାନ, ବେଣୁଧର ନାୟକ, ମନୋଜ କୁମାର ପଣ୍ଡା, ଡାକ୍ତର ପ୍ରତ୍ୟୁଷ ନାୟକ, ଡା. ମୋନିକା ଗୁପ୍ତା, ପ୍ରତୀକ ଶ୍ରୀଚନ୍ଦନ, ପ୍ରଦୀପ କୁମାର ବରାଳ, ଦୀପକ କୁମାର ମୁଦୁଲି, ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନରେ ସାହାଯ୍ୟ କରିଥିଲେ। କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମସୁନ୍ଦର ତ୍ରିପାଠୀ ନିଜର ଅଭିଭାଷଣ ରଖିବା ସହ ଧନ୍ୟବାଦ ଦେଇଥିଲେ।




ଅସ୍ତରଙ୍ଗରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ବନ୍ଦ ଯୋଗୁ ପୁରୀ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଛି।



କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ସାକ୍ଷୀଗୋପାଳରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଗୋପ ବଜାରରେ ଶ୍ରମିକ ସଂଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

# ଭାରତ ବନ୍ଦ ଡାକରା ପୁରୀରେ ସଫଳ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ଫେବୃଆରୀ ୧୨ତାରିଖ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା। ବନ୍ଦ ଡାକରାକୁ ଶ୍ରମିକ ସଂଗଠନ ପକ୍ଷରୁ ପୁରୀ ସହରରେ ଧର୍ମଘଟ ଆଂଶିକ ସଫଳ ହୋଇଛି। ସକାଳ ୬ଟାରେ ମୋଟର କର୍ମଚାରୀ ସଂଘ ସମ୍ପାଦକ ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ବସ୍‌ଷ୍ଟାଣ୍ଡ ପରିସରରେ ପିକେଟିଂ ଫଳରେ ପୁରୀରୁ ସମସ୍ତ ବସ୍ ଚଳାଚଳ ବନ୍ଦ ହୋଇଥିଲା।

ଏଆଇଟିୟୁସି, ସିଆଇଟିୟୁ, କଂଗ୍ରେସ, ସିପିଆଇ, ସିପିଏମ୍‌ର ଶତାଧିକ ସମର୍ଥକ ପୁରୀ ବସ୍‌ଷ୍ଟାଣ୍ଡରୁ ଏକ ବିଶାଳ ପଟୁଆରରେ ବାହାରି ବଡ଼ଦାଣ୍ଡ ଦେଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବ୍ୟାଙ୍କ, ବୀମା, ସରକାରୀ କାର୍ଯ୍ୟାଳୟ, କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଯୋଗୁ କାର୍ଯ୍ୟାଳୟ ସବୁ ବନ୍ଦ ହୋଇଥିଲା। ବନ୍ଦକୁ ବ୍ୟବସାୟୀ ଓ ଜନସାଧାରଣ ସମର୍ଥନ ଜଣାଇଥିଲେ। ଧର୍ମଘଟରେ ଏଆଇଟିୟୁସିର ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ହରିହର ସେନାପତି, ନୀଳଗିରି ମୋଟର କର୍ମଚାରୀ ସଂଘ ସମ୍ପାଦକ ଅଜୟ କୁମାର ମିଶ୍ର, ବିପିନ କୁମାର ସାହୁ, ବିଦ୍ୟୁଲତା ପୃଷ୍ଟି, ଗୋବିନ୍ଦ ମାଝୀ ଓ ସିପିଆଇ ନେତା ପ୍ରଦୀପ୍ତ କୁମାର ମହାନ୍ତି, ପ୍ରଫୁଲ୍ଲ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଧର୍ମଘଟକୁ ସମର୍ଥନ କରି ଭାରତ ଛାତ୍ର ଫେଡରେଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୂରଜମଲ୍ଲ ଶାହା ମହାବିଦ୍ୟାଳୟର ସଂଗ୍ରାମୀ ଛାତ୍ରୀଛାତ୍ର ଏକଜୁଟ ହୋଇ କଲେଜର ମୁଖ୍ୟ ଫାଟକରେ ତାଲା ପକାଇବା ସହ କଲେଜ ନିକଟସ୍ଥ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାଜ୍ୟ ସମ୍ପାଦକ ଚନ୍ଦନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପ୍ରସ୍ତାବିତ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍-୨୦୨୫' କୁ ବାତିଲ କରିବା, ଶିକ୍ଷାନୁଷ୍ଠାନରେ ଜାତିଭିତ୍ତିକ ଭେଦଭାବ ବନ୍ଦ କରି 'ରୋହିତ ଭେମୁଲା ଆକ୍ଟ' ପ୍ରଣୟନ କରିବା ଏବଂ ସମାନତା ପ୍ରୋତ୍ସାହନ ନିୟମାବଳୀ ଲାଗୁ କରିବା ପାଇଁ ଦୃଢ଼ ଦାବି କରାଯାଇଛି। ସେହିପରି ସିଆଇଟିୟୁ ସହବନ୍ଧିତ ଇଷ୍ଟ କୋଷ୍ଟ ରେଲ୍‌ୱେ କଂଟ୍ରାକ୍ଟର ଶ୍ରମିକ ୟୁନିୟନ, ନୀଳକଣ୍ଠେଶ୍ୱର ଅଟୋଚାଳକ ସଙ୍ଘ, ପୁରୀ ରେଲ୍‌ୱେ ଷ୍ଟେସନ ରିକ୍ସା ଚାଳକ ସଙ୍ଘ ତରଫରୁ ମିଳିତ ଭାବେ ଶତାଧିକ ଶ୍ରମିକ ଜିଲା ସଭାପତି ଆଡ୍‌ଭୋକେଟ୍ ଶ୍ରୀକାନ୍ତ ପରିଡାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ବିକ୍ଷୋଭ।







କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଧର୍ମଘଟ ଡାକରାରେ କଟକ ଜିଲାପାଳଙ୍କ ଅଫିସ ସମ୍ମୁଖ ଓ ମଧୁପାଟଣା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ସମାରୋହ

ମଙ୍ଗୁଳି–ଜଗତପୁର,୧୨।୨(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ମଣିଆସ୍ଥିତ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଅଧ୍ୟକ୍ଷା ବିନୋଦିନୀ ଦାଶଙ୍କ ପୌରୋହିତ୍ୟରେ ଶ୍ରୁତି ପାଠିକା, ବେଦଧାମ ଉସୁମା, କଟକର ବିଶିଷ୍ଟ ବାନପ୍ରସ୍ଥି ଶ୍ରୀବତ୍ସ ପାଣିଗ୍ରାହୀ ଯୋଗଦେଇ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ସଫଳ କାମନା ଉଦ୍ଦେଶ୍ୟରେ ଆଧାତ୍ମିକ ପରିବେଶ ମଧ୍ୟରେ ଏକ ପବିତ୍ର ଅଗ୍ନିହୋତ୍ର ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିବା ସହ ଆଶୀର୍ବଚନ ପ୍ରଦାନ କରିଥିଲେ। ସେ ଅଗ୍ନିହୋତ୍ର ଯଜ୍ଞ, ଜୀବନର ପ୍ରକୃତ ଅର୍ଥ ଇତ୍ୟାଦି ଗୁଢ଼ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାର୍ଥୀମାନେ ପରୀକ୍ଷା ନିମନ୍ତେ ମନୋବଳ ଦୃଢ଼ କରିବା ସହ ଏକାଗ୍ରତା ରକ୍ଷା କରିବାକୁ ଅଧ୍ୟକ୍ଷା ସମସ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ସର୍ବଭାରତୀୟ ଧର୍ମଘଟରେ ପିକେଟିଂ, ଶୋଭାଯାତ୍ରା

କଟକ,୧୨।୨(କାର୍ତ୍ତିକ ସାହୁ)

ସମଗ୍ର ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, କର୍ମଚାରୀମାନଙ୍କ ଫେଡେରେଶନ ସମୂହର ଆହ୍ୱାନରେ ଅନୁଷ୍ଠିତ ଧର୍ମଘଟକୁ କଟକରେ ଜନସାଧାରଣ ସ୍ୱତଃ ସମର୍ଥନ କରିଥିବା ଦେଖାଯାଇଛି। ଫଳରେ ବାମପନ୍ଥୀ ସଙ୍ଗଠନଗୁଡ଼ିକ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି ବୋଲି ଦାବି କରିଛନ୍ତି। କଟକରେ ଷ୍ଟେଟବ୍ୟାଙ୍କ, ପୋଷ୍ଟ ଅଫିସ, ସମସ୍ତ ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ବନ୍ଦ ରହିଥିଲା। ମୋ ବସ ସେବା ଓ ନେତାଜୀ ସୁଭାଷ ବସ ଟର୍ମିନାଲରୁ ଯାତ୍ରୀ ସେବା ବ୍ୟାହତ ହୋଇଥିଲା। କୋର୍ଟ କାର୍ଯ୍ୟ ଓ ସରକାରୀ କାର୍ଯ୍ୟାଳୟରେ ଉପସ୍ଥାନ କମ ଥିଲା। ଏଆଇଟିୟୁସି, ସିପିଆଇ, ଅଙ୍ଗନୱାଡ଼ି, ଆଶା, ପାଚିକା, ନିର୍ମାଣ ଶ୍ରମିକ, ବ୍ୟାଙ୍କ ବୀମା କର୍ମଚାରୀ ସଂଘ କର୍ମୀମାନେ ଧରି ଷ୍ଟେଟବ୍ୟାଙ୍କ ସମ୍ମୁଖରେ ପିକେଟିଂ କରିଥିଲେ। ଶ୍ରମିକ ନେତା କିଶୋର ଚନ୍ଦ୍ର ଜେନା, ବିନୋଦ ବେହେରା, ଅମରେନ୍ଦୁ ମହାନ୍ତି, ବାପିନ ବିହାରୀ ପାଢ଼ୀ, ପ୍ରସନ୍ନ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।



ବନ୍ଦ ପାଳନ ଯୋଗୁ ବାଦାମବାଡ଼ି ରାସ୍ତା ଖାଁ ଖାଁ ପଡ଼ିଛି।

ସକାଳୁ ଶ୍ରମିକ ସଙ୍ଗଠନ କର୍ମୀମାନେ ଶୋଭାଯାତ୍ରାରେ ଯାଇ କଟକ ଜିଲାପାଳ ଅଫିସ ସମ୍ମୁଖରେ ପିକେଟିଂ କରି କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରିଦେଇଥିଲେ। ଜିଲାପାଳଙ୍କ ଅଫିସ ନିକଟସ୍ଥ ୟୁକୋ ବ୍ୟାଙ୍କ ସମ୍ମୁଖରେ ମଧ୍ୟ ପିକେଟିଂ କରାଯାଇ ବ୍ୟାଙ୍କକୁ ବନ୍ଦ କରାଯାଇଥିଲା। ଏଆଇୟୁଟିୟୁସି ଜିଲା ସଭାପତି ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ସଦସ୍ୟା ବବି ବଳବନ୍ତରାୟ, ଏଆଇକେକେଏମ୍‌ଏସ୍ ପକ୍ଷରୁ ବସନ୍ତ ନାୟକ, ଇଶା ଧର, ସ୍ୱାଧୀନ ବେହେରା ପ୍ରମୁଖ ପିକେଟିଂରେ ସାମିଲ ହୋଇଥିଲେ। କଟକ ସହର ସମେତ ବିଭିନ୍ନ ବ୍ଲକରେ ସିଆଇଟିୟୁର ଶ୍ରମିକ ଯୋଗଦେଇଥିବା ବେଳେ ଜଗତପୁରଠାରେ ଶତାଧିକ କର୍ମୀ ଗିରଫ ହୋଇଥିଲେ। ଧର୍ମଘଟରେ ଜିଲା ସଭାପତି ରବିନାରାୟଣ ମଲ୍ଲିକ ଓ ସମ୍ପାଦକ ଅଭୟ ସ୍ୱାଇଁ, କୃଷକ ସଭା ଜିଲା ସମ୍ପାଦକ ଡମ୍ବରୁଧର ସାହୁଙ୍କ ସମେତ ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ପୀତାମ୍ବର ଲେଙ୍କା ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା):** ସେହିପରି ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସମର୍ଥକ ଖୁଣ୍ଟୁଣୀ ଅଞ୍ଚଳର ବିଭିନ୍ନ କଳ କାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ଏଚଏମଏସ କର୍ମୀ ବାଇକ୍ ଶୋଭାଯାତ୍ରାରେ ଆସି ଖୁଣ୍ଟୁଣୀସ୍ଥିତ ବିଭିନ୍ନ କମ୍ପାନୀ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ବିରଜା କିଙ୍କର ନାୟକ, ବିକେ ଷ୍ଟିଲ୍ସ ଶ୍ରମିକ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଗଗନ ବିହାରୀ ପରିଡା, ଅନ୍ତର୍ଯ୍ୟାମୀ ସାହୁ, କାର୍ଯ୍ୟକାରୀ ସଭାପତି ବିନୋଦ ମାଝୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ସଂଗ୍ରାମ ସାହୁ, ଶ୍ରୀ ସିମେଣ୍ଟ, ଆରତୀ ଷ୍ଟିଲ ଆଣ୍ଡ ପାୱାର, ଟିଏସ୍ ଆଲୟେଜ ଠିକା ମଜଦୁର ୟୁନିୟନର କ୍ଷୀରୋଦ ମଲ୍ଲିକ ଓ ନାରାୟଣ ସାହୁ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶ କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ବିଭିନ୍ନ ଟ୍ରେଡ୍ ୟୁନିୟନ୍, ଶ୍ରମିକ ଓ କୃଷକ ସଙ୍ଗଠନ ଏବଂ ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଭାରତ ବନ୍ଦ ଚୌଦ୍ୱାରରେ ଶାନ୍ତିପୂର୍ଣ୍ଣ ରହିଛି। ସହରର ସମସ୍ତ ବ୍ୟାଙ୍କ ବନ୍ଦ ରହିଥିବାବେଳେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲାଥିବା ଦେଖିବାକୁ ମିଳିଥିଲା। ଟାଙ୍ଗୀ–ଚୌଦ୍ୱାର କୃଷକ କ୍ଷେତ ମଜଦୁର ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ, ସିପିଆଇ(ଏମ୍), ବିଭିନ୍ନ ସଙ୍ଗଠନର ସଦସ୍ୟାସଦସ୍ୟ ଏବଂ ବହୁ ସାଧାରଣ ଲୋକ ଶୋଭାଯାତ୍ରାରେ ଚୌଦ୍ୱାର ପରିକ୍ରମା କରି ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର ବିରୋଧ କରି ସ୍ଲୋଗାନ ଦେଇଥିଲେ। ଚୌଦ୍ୱାର ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡି କରାଯାଇଥିଲା।

## କଟକରେ ଲେଜର ଲାଇଟ୍ ବ୍ୟବହାର ମନା

କଟକ,୧୨।୨(କାର୍ତ୍ତିକ ସାହୁ)

କଟକ ସହରାଞ୍ଚଳରେ ଲେଜର ଲାଇଟ ବ୍ୟବହାରକୁ ମନା କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ସଂକ୍ରାନ୍ତୀୟ ମାମଲାର ଶୁଣାଣି ବେଳେ ହାଇକୋର୍ଟ ଏଭଳି ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସଂକ୍ରାନ୍ତୀୟ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଲେଜର ଲାଇଟ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସେହିପରି ରାତି ୧୦ଟା ପରେ ବାହାଘର ରୋଷଣୀ ଉପରେ ବି ରୋକ ଲଗାଇଛନ୍ତି। ରୋଷଣୀ ଆଦିରେ ଡିଜେ ବ୍ୟବହାର ନେଇ ମଧ୍ୟ ହାଇକୋର୍ଟ କଟକଣା ଲଗାଇଛନ୍ତି। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବିକଟାଳ ଶବ୍ଦଯୁକ୍ତ ଡିଜେ ବ୍ୟବହାର ଉପରେ ମଧ୍ୟ ହାଇକୋର୍ଟ ରୋକ ଲଗାଇଛନ୍ତି। ଏଥିସହ ୬୫ ଡେସିବେଲରେ ଡିଜେ ବାଜିବ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ କମିଶନରେଟ ପୋଲିସକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ ଆଭାସି ମାଧ୍ୟମରେ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି। ତେବେ ଦିନକୁ ଦିନ ସହରରେ ଲେଜର ଲାଇଟ ଓ ଡିଜେ ବାଦ୍ୟର ବହୁଳ ବ୍ୟବହାର ଯୋଗୁ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୃଦ୍ଧି ପାଉଛି। ସବୁ ବୟସ ବର୍ଗର ବ୍ୟକ୍ତିମାନେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ତେଣୁ ଗୁରୁବାର ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ଏଥିସହ ଆଗାମୀ ଶୁଣାଣିରେ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ହାଇକୋର୍ଟ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ସମେତ ଆହୁରି ଅନେକ ସମସ୍ୟା ସଂକ୍ରାନ୍ତୀୟ ମାମଲାଗୁଡ଼ିକର ଶୁଣାଣି କରି ହାଇକୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି।

**ହାଇକୋର୍ଟରେ କଟକ ସହର ସମସ୍ୟା**



## ସ୍ୱାସ୍ଥ୍ୟବୀମା ସହ ଚାକିରି ସର୍ତ୍ତାବଳୀ ଏବିଆର୍‌ଏସ୍‌ଏମ୍‌ର ଦାବି



ଭୁବନେଶ୍ୱର ତୋଷାଳୀ ପ୍ଲାଜା କାର୍ଯ୍ୟାଳୟରେ ଉପସ୍ଥିତ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ୧୦ ଜଣିଆ ଟିମ୍।

କଟକ,୧୨।୨(କାର୍ତ୍ତିକ ସାହୁ)

ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ (ଏବିଆର୍‌ଏସ୍‌ଏମ୍)ର ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଡ. ନିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟର ସ୍କୁଲ ଓ କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କ ବିଭିନ୍ନ ଅଭିଯୋଗ ବିଷୟରେ ଶିକ୍ଷା ବିଭାଗର ଉଚ୍ଚ–ସ୍ତରୀୟ–ବିଶେଷଜ୍ଞ–କମିଟି ସହିତ ଭୁବନେଶ୍ୱରସ୍ଥିତ ତୋଷାଳୀ ପ୍ଲାଜା କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ଏଥିରେ ସଙ୍ଗଠନର ଉଚ୍ଚ ଶିକ୍ଷା ଶାଖାର ରାଜ୍ୟ ସାଧାରଣ ସମ୍ପାଦକ ଡ. ବିପ୍ଳବ କୁମାର ଗୁରୁ, ରାଜ୍ୟ ଉପସଭାପତି ଡ. ସରୋଜ କୁମାର ଦାଶ, ସ୍କୁଲ ଶାଖାର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ବାଜୁବନ୍ଧ, ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରମୋଦ ଖୁଣ୍ଟିଆ, ରାଜ୍ୟ ଗଣମାଧ୍ୟମ ପ୍ରମୁଖ ଆର୍ତ୍ତ ଭଞ୍ଜନ ସାହୁ ଭାଗ ନେଇ ବିଭିନ୍ନ ଅଭିଯୋଗ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ଶିକ୍ଷା କର୍ମଚାରୀମାନଙ୍କୁ ମାଗଣା ସ୍ୱାସ୍ଥ୍ୟବୀମା ସୁବିଧା, ସବୁ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ସରକାରୀକରଣ, କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଦରମା ତଥା ଗ୍ରେଡ୍ ପେ ନିର୍ଦ୍ଧାରଣ କରିବା, ପ୍ରତିବର୍ଷ କ୍ୟାଡର ସଂଶୋଧନ କରି ପଦୋନ୍ନତି ଦେବା, ସମସ୍ତ ମହାବିଦ୍ୟାଳୟ, ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟରେ ଅଣଶିକ୍ଷକ ତଥା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦରେ ନିଯୁକ୍ତି ନିଶ୍ଚିତ କରିବା, ବରିଷ୍ଠତା ଭିତ୍ତିରେ କ୍ୟାଡର ତିଆରି କରି ଉପଯୁକ୍ତ ଦରମା ନିର୍ଦ୍ଧାରଣ କରାଯିବା ଆଦି ପାଇଁ ଦାବି କରାଯାଇଥିଲା। ଆଲୋଚନାରେ ଉଚ୍ଚ–ସ୍ତରୀୟ–ବିଶେଷଜ୍ଞ–କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ସୁଦର୍ଶନ ନାୟକ, ଆବାହକ ଡ. ସନାତନ ପଣ୍ଡା, ସଦସ୍ୟ ଶାନ୍ତନୁ କୁମାର ସାହୁ ଓ ମନୋରଞ୍ଜନ ମିଶ୍ର ଉପସ୍ଥିତ ରହି ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଥିଲେ।

## 'କଟକି ଭାଇଚାରା ସାଉଦିଆରବରୁ ଦୂରେଇ ଆଣିଲା'

କଟକ,୧୨।୨(କୁମାରଶ୍ରୀ)



ସବୀର ବକ୍ସ।

**ଅନ୍ତର୍ଜାତୀୟ ସମୁଦ୍ର ବୁଡ଼ାଳି ସବୀର ବକ୍ସଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର**

ସାଉଦି ଆରବରେ ବିଳାସପୂର୍ଣ୍ଣ ଜୀବନ ଜିଉଁଥିଲି। ନିଜସ୍ୱ ବଙ୍ଗଳା ଥିଲା, ଦାମୀ ଗାଡି ଚଢୁଥିଲି। ୨୦୦୫–୦୬ ମସିହାର କଥା। ଜନ୍ମମାଟି କଟକକୁ ବୁଲିବାକୁ ଆସିଥାଏ। ସେ ସମୟରେ ନଦୀରେ ବୁଡି ଜଣେ ଲୋକର ମୃତ୍ୟୁ ଘଟିଥାଏ। ସ୍କୁବା ଡାଇଭର ଭାବେ ପରିଚୟ ବଢ଼ି ସାରିଥିଲା। ଏଣୁ ସାହିଲୋକଙ୍କ ଅନୁରୋଧକ୍ରମେ ନଦୀରେ ବୁଡି ମୃତଦେହ ଜବତ କରିଥିଲି। ଏହି କାର୍ଯ୍ୟକୁ ଲୋକେ ବହୁତ ସମ୍ମାନ ଦେଇଥିଲେ। ବିଦେଶୀ ରାଷ୍ଟ୍ରରେ ସମ୍ମାନିତା ହେବା ଏବଂ ନିଜ ଜନ୍ମମାଟିରେ ସମ୍ମାନିତ ହେବା ଭିତରେ ଫରକ ଅନୁଭବ ହୋଇଥିଲା। ପରବର୍ତ୍ତୀ ସମୟରେ ଯେତେଥର କଟକ ଆସିଥିଲି, ଏଠାକାର ଲୋକଙ୍କ ନିଷ୍କପଟ ଭଲପାଇବା ଖୁସି ଦେଇଥିଲା। ଶେଷରେ କଟକି ଭାଇଚାରା ମୋତେ ସାଉଦି ଆରବଠାରୁ ଦୂରେଇ ଆଣିଲା। 'ଧରିତ୍ରୀ'କୁ ସ୍ୱତନ୍ତ୍ର ସାକ୍ଷାତକାର ଦେବା ଅବସରରେ ଏହା କହିଛନ୍ତି ଅନ୍ତର୍ଜାତୀୟ ସମୁଦ୍ରବୁଡାଳି ସବୀର ବକ୍ସ।

କେବଳ ଜଣେ ସମୁଦ୍ରବୁଡାଳି ନୁହନ୍ତି, ସ୍କୁବା ଡାଇଭିଂ, ୱିଣ୍ଡ ସର୍ଫିଂ ଭଳି ଦୁଃସାହସିକ ଜଳକ୍ରୀଡ଼ାର ଜଣେ ଦକ୍ଷ ପ୍ରଶିକ୍ଷକ ହେଉଛନ୍ତି ସବୀର। ଇତି ମଧ୍ୟରେ ଉତ୍ତରପ୍ରଦେଶର ୩୯ଟି ଏସ୍‌ଡିଆରଏଫ୍ ଦଳକୁ ସେ କଟକ ମହାନଦୀରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ଦେଇ ସାରିଲେଣି। ଏପରିକି ତାଙ୍କଠାରୁ ପ୍ରଶିକ୍ଷଣ ହାସଲ କରି ମନସ୍ୱିନୀ ମହାରଣା, ମହେଶ ରାଓ, ଦିଲେଶ ରାଓ, ନାରାୟଣ ମୁଣ୍ଡାଙ୍କ ଭଳି ଯୁବ ପ୍ରତିଭା ଜାତୀୟସ୍ତରରେ ପଦକ ବିଜୟୀ ହୋଇଛନ୍ତି। ନିଜ ଜୀବନଯାତ୍ରା ବିଷୟରେ ସବୀର କୁହନ୍ତି, ପିଲାଟି ବେଳୁ ସଙ୍ଗୀତ ପ୍ରତି ଆକର୍ଷଣ ଥିଲା। ୧୯୮୫ ମସିହାରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାସଙ୍କ ମେଲୋଡି ଟିମ୍‌ରେ ସାମିଲ ହୋଇଥିଲି। ୯୦ ଦଶକ ପୂର୍ବରୁ ହଠାତ୍ ମେଲୋଡି ଗ୍ରୁପ ସହ ବିଶ୍ୱ ଭ୍ରମଣର ସୁଯୋଗ ଆସିଥିଲା। ଗୋଟିଏ ପରେ ଗୋଟିଏ ଦେଶକୁ ଯାଇ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ କରୁଥିଲୁ। ଇଂଲଣ୍ଡ ଗସ୍ତ ହିଁ ଜୀବନରେ ନୂଆ ମୋଡ ଆଣିଥିଲା। କାର୍ଯ୍ୟକ୍ରମ ସରିବା ପରେ ଅବସର ସମୟରେ ସେଠାରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନେଇଥିଲି। ପ୍ରଶିକ୍ଷଣ ନେବା ବେଳେ ହିଁ ସାଉଦିଆରବର ଜଣେ ପ୍ରିନ୍ସ ମୋ ସହ ଭେଟ ହୋଇଥିଲେ। ପରେ ସଙ୍ଗୀତ ଦୁନିଆରୁ ଦୂରେଇ ପ୍ରିନ୍ସଙ୍କ ସହ ସାଉଦି ଆରବ ଚାଲି ଯାଇଥିଲି। ସେଠାରେ ଲୋହିତ ସାଗରରେ ବୁଡି ବିଭିନ୍ନ ଗବେଷଣା କରିବାକୁ ସୁଯୋଗ ମିଳିଥିଲା। ନ୍ୟାଶନାଲ ଜିଓଗ୍ରାଫି ଚ୍ୟାନେଲ ସହ ସିଧାସଳଖ ଯୋଡ଼ି ହୋଇଥିଲି। ବୃତ୍ତିଗତ ଜୀବନ ବଦଳି ଯାଇଥିଲା। ସେଠାରେ ନିଜସ୍ୱ ଏକ କମ୍ପାନୀ ମଧ୍ୟ ପ୍ରତିଷ୍ଠା କରିଥିଲି। ଅଣ୍ଡର ୱାଟର ଶୁଟିଂ କରିବା ମୋତେ ବିଶ୍ୱ ଦରବାରରେ ପରିଚିତ କରାଇଥିଲା। ସମୟ ବଦଳିବା ସହିତ କଟକ ପ୍ରତି ଭଲପାଇବା ପୁଣି ଥରେ ଏହି ସହରରେ ମୋତେ ବାନ୍ଧି ରଖିଦେଲା।

# ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଘେରିଲା କଟକ ନଗର ଜିଲା କଂଗ୍ରେସ

କଟକ,୧୨।୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଆଇସିୟୁର ଭିଡିଓ ଭାଇରାଲ ଘଟଣା ନେଇ ଗୁରୁବାର କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଉକ୍ତ ଘଟଣାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ସହ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଦାବିପତ୍ର ଦେବା ନେଇ ଅଧ୍ୟକ୍ଷ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ସୁରେଶ ମହାପାତ୍ର ଅବଗତ କରାଇଥିବା ସତ୍ତ୍ୱେ ଅଧ୍ୟକ୍ଷ ଉପସ୍ଥିତ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ଦାବିପତ୍ରକୁ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦିଆଯାଇଥିଲା। ଦାବିପତ୍ରରେ ଆଇସିୟୁରେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରାଯାଉଥିବାବେଳେ କୌଣସି ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟ ଉପସ୍ଥିତ ନ ରହିବା ଚିନ୍ତାର ବିଷୟ।



ଏସ୍‌ସିବି ଆଇସିୟୁରୁ ରୋଗୀ ପଡ଼ିବା ଘଟଣା ନେଇ କଟକ ନଗର କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ରୋଗୀ କେବଳ ଭଲ ଚିକିତ୍ସା ଆଶାରେ ଏଠାକୁ ଆସିଥାନ୍ତି। କିନ୍ତୁ ଏଘଟଣା ତଥା ଚିକିତ୍ସାର ଚରମ ଅବହେଳା ପରେ ଏଠାକୁ ଆସିବାକୁ ସମସ୍ତଙ୍କ ମନରେ ଭୟ ଉପୁଜିଛି। ଏଭଳି ଅବହେଳା ଯୋଗୁ ଏବେ ବାହାରୁ ଆସୁଥିବା ରୋଗୀ ଘରୋଇ ନର୍ସିଂହୋମ ମୁହାଁ ହୋଇଛନ୍ତି। ସରକାରଙ୍କ ଗାଇଡ ଲାଇନ ଅନୁସାରେ ଏଠାରେ ଡାକ୍ତର, ନର୍ସ, ଟେକ୍ନିସିଆନ, ଆଟେଣ୍ଡାଣ୍ଟ ମଧ୍ୟ ନାହାନ୍ତି । ତେବେ ଆଇସିୟୁରେ ଭିତରେ ସିସିଟିଭିର ବ୍ୟବସ୍ଥା ଥିଲେ ଉକ୍ତ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିଥାନ୍ତା। ଏହି ଘଟଣାକୁ କଂଗ୍ରେସ ଦୃଢ ନିନ୍ଦା କରିବା ସହ ଡ୍ୟୁଟିରେ ଥିବା ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟ କେଉଁଠି ଓ କେଉଁ କାର୍ଯ୍ୟରେ ଥିଲେ, ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଉଲ୍ଲେଖ କରାଯାଇଛି। ଏନେଇ ବରିଷ୍ଠ ନେତା ସୁରେଶ ରାଉତରାୟ କହିଛନ୍ତି, ଅଧ୍ୟକ୍ଷଙ୍କ ସହ ଉକ୍ତ ଘଟଣା ନେଇ ଆଲୋଚନା କରିବାକୁ ଆସିଥିଲୁ। ହେଲେ ଆଗୁଆ ଅବଗତ କରି ଚିଠି ଦେଇଥିଲୁ ଏବଂ ପ୍ରତିଶ୍ରୁତି ଦେଇ ବି ଅଧ୍ୟକ୍ଷ ଉପସ୍ଥିତ ରହି ନାହାନ୍ତି। ଅଧ୍ୟକ୍ଷ ଲୁଚିକି ରହିଛନ୍ତି। ଅଧୀକ୍ଷକ ଭଳି କିଛି ଅଫିସର ଏସ୍‌ସିବି ଭଳି ମେଡିକାଲକୁ ବଦନାମ କରୁଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଆଇସିୟୁରେ ସିସିଟିଭି ଲଗାନ୍ତୁ। ଅଧ୍ୟକ୍ଷ ଯେଉଁଦିନ ହାବୁଡ଼ରେ ପଡ଼ିବେ ତାଙ୍କ ବେକରେ ଗାମୁଛା ପକାଇ ପ୍ରଶ୍ନ କରିବୁ। ଯଦି ଏଥିରେ ସୁଧାର ନ ଅଣାଯାଏ ତେବେ ଆଗାମୀ ଦିନରେ ଏସ୍‌ସିବି ମେଡିକାଲ ବଞ୍ଚାଅ ଅଭିଯାନ ଆରମ୍ଭ କରିବୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ସାହୁ, ରବୀନ୍ଦ୍ର ମଲ୍ଲିକ, ବିଶ୍ୱଜିତ ମହାନ୍ତି, ହରିଶଙ୍କର ରାଉତ, ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଶତପଥି, ମାନସ ପରିଡ଼ା, ଜଗନ୍ନାଥ ସାହୁ, ପ୍ରଶାନ୍ତ ବେହେରା, ବିପନ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।

**ଏସ୍‌ସିବି ଆଇସିୟୁରୁ ରୋଗୀ ପଡ଼ିବା ଘଟଣା**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ତାନ୍‌ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬ରୁ ଜାତୀୟ ଲନ୍‌ବଲ ଶିବିର: ୨ ଓଡ଼ିଆ ମନୋନୀତ

**ଭୁବନେଶ୍ୱର,୧୨।୨(ଅନାଦି କର)**

ଆସନ୍ତା ମାର୍ଚ୍ଚ ୬ରୁ ୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁ ଥିବା ୨୫ ବର୍ଷରୁ କମ୍ ଭାରତୀୟ ଦଳର ଚୟନ ଶିବିରରେ ଭାଗ ନେବା ପାଇଁ ଓଡ଼ିଶାରୁ ୨ ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍। ଦୁହେଁ ୩୮ତମ ଜାତୀୟ କ୍ରୀଡ଼ାରେ ଆସାମର ନୟନମଣି ସାଇକିଆ ଓ ବିସ୍ମିତା ହଜାରିକାଙ୍କଠାରୁ ପରାଜିତ ହୋଇ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୨୦୨୫ ଜାତୀୟ ପ୍ରତିଯୋଗିତା ସେମିଫାଇନାଲରେ ଝାଡ଼ଖଣ୍ଡର ଲଭଲି ଚୌବେ ଓ ରୂପାରାଣୀ ତିର୍କିଙ୍କୁ ପରାସ୍ତ କରିଥିଲେ। ରୋଶନୀ ଓ ରାଜେଶ୍ୱରୀଙ୍କ ନିକଟରେ ଅଧିକ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ଓ ସେମାନଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କୁ ଚୟନ କରାଯାଇଛି। ଉଭୟଙ୍କୁ ଓଡ଼ିଶା ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଓ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଶୁଭକାମନା ଜଣାଇଛନ୍ତି।



ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍।

# ଯୁବା ଓପନ୍ ବାସ୍କେଟ୍‌ବଲ ଟ୍ରଫି ଉନ୍ମୋଚିତ

**ଭୁବନେଶ୍ୱର, ୧୨।୨(ତପନ ସ୍ୱାଇଁ)**

ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଚଳିତ ମାସ ୧୪ରୁ ସହିଦନଗରସ୍ଥିତ ଇମ୍ପା ବାସ୍କେଟ୍‌ବଲ ଗ୍ରାଉଣ୍ଡରେ ୧୫ତମ ଯୁବା ଓପନ୍ ବାସ୍କେଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଓଡ଼ିଶା ସହ ୫ ରାଜ୍ୟରୁ

**ଭାଗନେବେ ୫ ରାଜ୍ୟର ୧୬ ଦଳ**

୧୬ ଦଳ ଅଂଶଗ୍ରହଣ କରିବେ। ରାଜ୍ୟ ବାହାର ଦଳ ଭାବେ ଝାଡ଼ଖଣ୍ଡର ଉଲଭ୍ସ ପ୍ୟାକ୍ ଓ ୟୁନିଟି, ପଶ୍ଚିମବଙ୍ଗର ମେଟ୍ରୋ ରେଲୱେ ଓ ପିଏସି, ଛତିଶଗଡ଼ର ରିଜ୍‌ଲର୍ସ ଓ ଦିଲ୍ଲୀର ବ୍ଲୁଲାଇନ୍ ଆକ୍ସନରେ ଦେଖିବାକୁ ମିଳିବେ। ଓଡ଼ିଶା ଦଳ ଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ବିଏମ୍‌ଏସ୍‌ସି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଭୁବନେଶ୍ୱର ୱାରିୟର୍ସ, ଯୁବା ବାସ୍କେଟବଲ୍ କ୍ଲବ୍, କଟକର ସିବିଏ ଓ ଏମ୍‌୩ ପାନ୍ଥର୍ସ, ଭୁବନେଶ୍ୱରର ଓଡିବିଏ, କେବିସି, ଡବ୍ଲ୍ୟୁଏ ବଲର୍ସ ଏବଂ ପୁରୀ ଦଳ ପ୍ରମୁଖ ଏଥିରେ ଭାଗନେବେ। ୪ ଦିନବିଶିଷ୍ଟ ଏହି ପ୍ରତିଯୋଗିତାର ଫାଇନାଲ୍ ୧୭ ତାରିଖରେ ଅନୁଷ୍ଠିତ ହେବ। ଚାମ୍ପିୟନ ଓ ରନରଅପ୍ ଦଳକୁ ପୁରସ୍କାର ଆକାରରେ ଯଥାକ୍ରମେ ଟ୍ରଫି ସହ ୩୦,୦୦୦ ଓ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସଂଘର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଓ ଟ୍ରଫି ଗୁରୁବାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ କର୍ପୋରେଟର୍ ରାଜକିଶୋର ଦାସ, ଆୟୋଜକ ସଂଘ ସଭାପତି ବିଶ୍ୱଜିତ ମହାନ୍ତି, ଉପସଭାପତି ଦେବାଶିଷ ସବ୍ୟସାଚୀ ଚକ୍ର, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ଟୁର୍ନାମେଣ୍ଟ ସଂଯୋଜକ ପ୍ରଶାନ୍ତ ବେହେରା, ସିଦ୍ଧାର୍ଥ ଦାସ, ମିଥୁନ ବିଶୋଇ, ଦୀପକ ପ୍ରଧାନ, ହରିଶ୍ ପ୍ରସାଦ ରଥ, ସୁଦର୍ଶନ ସାହୁ, ମହେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଟ୍ରଫି ଓ ଜର୍ସି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

# ଓହରିଲେ ଆଫଗାନିସ୍ତାନ ଖେଳାଳି

**କରାଚୀ, ୧୨।୨(ପି.ଟି.)**

ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ୍)ର ୧୧ଶ ସଂସ୍କରଣ ପାଇଁ ହେବାକୁଥିବା ନିଲାମିରୁ ପ୍ରଥମଥର ଆଫଗାନିସ୍ତାନର ଖେଳାଳିମାନେ ଓହରି ଯାଇଛନ୍ତି। ପ୍ରଥମ ଚରଣରେ ମୁଜିବୁର ରେହମାନ, ସିଦ୍ଦିକୁଲ୍ଲା ଅଟଲ, ମହମ୍ମଦ ନବି, ୱାକାର ସଲମଖିଲ, ଫଜଲ ହକ୍ ଫାରୁକିଙ୍କ ଭଳି ଖେଳାଳିମାନେ ବୁଧବାର ଲାହୋରଠାରେ ଅନୁଷ୍ଠିତ ନିଲାମ ପାଇଁ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। କିନ୍ତୁ ପେଶାୱାର ଜାଲ୍‌ମି ସିଧାସଳଖ ଆଫଗାନିସ୍ତାନ ଖେଳାଳିମାନଙ୍କ ସହ ଚୁକ୍ତି କରିବାରୁ ସେମାନେ ତାଙ୍କ ନାମସବୁ ପ୍ରତ୍ୟାହାର କରିନେଇଥିଲେ। ପିଏସ୍‌ଏଲ୍‌ର ସିଇଓ କିନ୍ତୁ କହିଛନ୍ତି, ଆଫଗାନିସ୍ତାନର କିଛି ଖେଳାଳି ନିଲାମିରେ ଅବତୀର୍ଣ୍ଣ ହୋଇଥିଲେ, ମାତ୍ର କୌଣସି ଫ୍ରାଞ୍ଚାଇଜ୍ ସେମାନଙ୍କୁ ନେବାକୁ ଆଗ୍ରହ ଦେଖାଇ ନ ଥିଲେ। ନାସିର ଏକଥା ମଧ୍ୟ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତ ସମ୍ପର୍କ ନିଲାମିରେ ପ୍ରତିଫଳିତ ହୋଇଛି।

# ବୋର୍ଡ ଅଫ୍ ରେଭିନ୍ୟୁ-ଭୁବନେଶ୍ୱର ବାର୍ ଫାଇନାଲ

**ଭୁବନେଶ୍ୱର, ୧୨।୨(ତପନ ସ୍ୱାଇଁ)**

**ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ**

